


ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

# ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

● ବର୍ଷ–୩୨ ● ସଂଖ୍ୟା–୨୮୦ ● ୮ ନଭେମ୍ବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-280 ● 8th November 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27




## ଆଇଆରସିର ୮୪ତମ ଅଧିବେଶନ ଉଦ୍‌ଘାଟିତ

# ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ଇଞ୍ଜିନିୟରଙ୍କୁ କେନ୍ଦ୍ର ମନ୍ତ୍ରୀଙ୍କ ଆହ୍ୱାନ

# ସଡ଼କ ଭିତ୍ତିଭୂମିର ବିକାଶ ରାଜ୍ୟ ସରକାରଙ୍କ ପ୍ରାଥମିକତା : ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର, ୭।୧୧**

**ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ଜନତା ମଇଦାନ ଠାରେ ଶୁକ୍ରବାର ଇଣ୍ଡିଆନ ରୋଡ୍ସ କଂଗ୍ରେସ (ଆଇଆରସି)ର ୮୪ତମ ବାର୍ଷିକ ଅଧିବେଶନ ଉଦଘାଟିତ ହୋଇଯାଇଛି । ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମରେ ଦେଶବିଦେଶର ୩୫୦୦ରୁ ଅଧିକ ଇଞ୍ଜିନିୟର, ବୈଷୟିକ ବିଶେଷଜ୍ଞ, ପ୍ରଦର୍ଶକ, ପ୍ରତିନିଧି ଏବଂ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଛନ୍ତି ।

ଅଧିବେଶନକୁ ଉଦଘାଟନ କରି କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତୀନ ଗଡ଼କରୀ କହିଛନ୍ତି, ସଡ଼କ, ସେତୁ, ସୁଡ଼ଙ୍ଗ ଭଳି ଭିତ୍ତିଭୂମି ନିର୍ମାଣ ଲାଗି ବିଚାରବିମର୍ଶ କରିବା ନିମନ୍ତେ ଏହା ହେଉଛି ଭାରତର ସବୁଠୁ ବଡ଼ ଜ୍ଞାନବିନିମୟ କାର୍ଯ୍ୟକ୍ରମ । ସେ କହିଛନ୍ତି, ସଡ଼କ ଯୋଗାଯୋଗ ଭିତ୍ତିଭୂମି କ୍ଷେତ୍ରରେ ପ୍ରଯୁକ୍ତି, ଗବେଷଣା ଏବଂ ନବସୃଜନ ଲାଗି ବର୍ତ୍ତମାନ ହିଁ ପ୍ରକୃଷ୍ଟ ସମୟ । ଭାରତ ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା । ଏହାକୁ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସଂକଳ୍ପ ନେଇଛନ୍ତି । ଆମେ ଏବେ ବିଶ୍ୱଗୁରୁ ହେବାର ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛୁ । ଏଥିପାଇଁ ଆମକୁ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବାର ଆବଶ୍ୟକତା ରହିଛି । ମିତବ୍ୟୟୀ, ଉନ୍ନତ ମାନର ଭିତ୍ତିଭୂମି ନିର୍ମାଣ କରିବା ଆବଶ୍ୟକତା ରହିଥିବା ବେଳେ ନିର୍ମାଣ ଖର୍ଚ୍ଚ କମାଇବା ପାଇଁ ଯୋଜନା ପ୍ରଣୟନ କରାଯିବା ଉଚିତ୍ ବୋଲି ଶ୍ରୀ ଗଡ଼କରୀ ଗୁରୁତ୍ୱାରୋପ କହିଛନ୍ତି ।

ଏହି ଅଧିବେଶନରେ ହେବାକୁ ଥିବା ବିଚାରବିମର୍ଶ ଦେଶର ଇଞ୍ଜିନିୟରମାନଙ୍କୁ ଦେଶର ବିକାଶରେ ଯୋଗଦାନ ଦେବାକୁ ଅନୁପ୍ରାଣିତ କରିବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି । ସେ ଆହୁରି କହିଛନ୍ତି, ଆଇଆରସି ହେଉଛି ଭାରତର ସଡ଼କ ଇଞ୍ଜିନିୟରିଂର ଆତ୍ମା । ଦେଶରେ ସଡ଼କ ଭିତ୍ତିଭୂମି ନିର୍ମାଣ ଲାଗି ଉତ୍ତରଦାୟିତ୍ୱ, ଗମ୍ଭୀର ଆଭିମୁଖ୍ୟ, ଗୁଣବତ୍ତା ପାଇଁ ପ୍ରତିବଦ୍ଧତା ଏବଂ ସ୍ୱଚ୍ଛ ଓ ଦୁର୍ନୀତିମୁକ୍ତ ବ୍ୟବସ୍ଥାର ଆବଶ୍ୟକତା ରହିଛି । ଅନୁରୂପ ଭାବେ ଆମକୁ ଆମ ପରିବେଶ ଓ ଜୀବଜଗତର ସୁରକ୍ଷା ପ୍ରତି ମଧ୍ୟ ଧ୍ୟାନ ଦେବାର ଆବଶ୍ୟକତା ରହିଛି । ସଡ଼କ ନିର୍ମାଣରେ ବର୍ଜ୍ୟବସ୍ତୁ ଉପଯୋଗ କରିବା ଲାଗି ଯୋଜନା ଏବଂ ନୀତି ପ୍ରଣୟନ କରିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି ।

କେନ୍ଦ୍ର ମନ୍ତ୍ରୀ କହିଥିଲେ, ଭାରତର ବିକାଶଧାରାକୁ ତ୍ୱରାନ୍ୱିତ କରିବା ଲାଗି ଆମେ ନୂତନ ପଦ୍ଧତି ଓ ସଫଳ ପ୍ରୟୋଗ କରିବାକୁ ଚାହୁଁଛୁ । ଏଥିପାଇଁ କାର୍ଯ୍ୟଧାରା, ମାର୍ଗଦର୍ଶିକା ଏବଂ ଡିଜାଇନ୍ ପ୍ରଣାଳୀକୁ ପ୍ରୋତ୍ସାହିତ କରିବା ଲାଗି ସେ ଆଇଆରସିକୁ ଅନୁରୋଧ କରିଥିଲେ । ପରିବର୍ତ୍ତନ ପାଇଁ ନୂଆ ପ୍ରୟୋଗ ଜରୁରୀ *(ପୃଷ୍ଠା ୭ରେ)*

## 'ବନ୍ଦେ ମାତରମ'ର ୧୫୦ବର୍ଷ ପୂର୍ତ୍ତି

# ଡାକଟିକଟ ଏବଂ ମୁଦ୍ରା ଉନ୍ମୋଚନ କଲେ ପ୍ରଧାନମନ୍ତ୍ରୀ




**ନୂଆଦିଲ୍ଲୀ, ୭।୧୧**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡିୟମରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ପାଳନ ପାଇଁ ଆୟୋଜିକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଅବସରରେ ସାମୂହିକ ସଙ୍ଗୀତ ଗାନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ମୋଦୀ ଏହି ଅବସରରେ ଏକ ସ୍ମାରକୀ ଡାକଟିକଟ ଏବଂ ମୁଦ୍ରା ଉନ୍ମୋଚନ କରିଥିଲେ । ଏହି କାର୍ଯ୍ୟକ୍ରମ ଆନୁଷ୍ଠାନିକ ଭାବେ ୨୦୨୬ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ଉତ୍ସବ ଭାବେ ପାଳିତ ହେବ ।

ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକ ଉତ୍ସବରେ ଯୋଗ ଦେବା ଅତ୍ୟନ୍ତ ଗର୍ବର କଥା । ଏହା ସହିତ ମୋଦୀ କହିଛନ୍ତି ଏପରି କୌଣସି ସଂକଳ୍ପ ନାହିଁ ଯାହା ପୂରଣ ହୋଇପାରିବ ନାହିଁ । ଏପରି କୌଣସି ଲକ୍ଷ୍ୟ ନାହିଁ ଯାହାକୁ ଆମେ ଭାରତୀୟମାନେ ହାସଲ କରିପାରିବା ନାହିଁ ।

'ବନ୍ଦେ ମାତରମ୍' ଏକ ମନ୍ତ୍ର, ଏକ ସ୍ୱପ୍ନ, ଏକ ସଂକଳ୍ପ ଏବଂ ଏକ ଶକ୍ତି । ଏହା ଭାରତ ମାତାଙ୍କ ନିକଟରେ ଏକ ପ୍ରାର୍ଥନା । ଏହା ଆମକୁ ଇତିହାସକୁ ଫେରାଇ ନେଇଯାଏ । ଏହା ଆମର ଭବିଷ୍ୟତକୁ ସାହସ ଦିଏ, ଏପରି କୌଣସି ସଂକଳ୍ପ ନାହିଁ ଯାହା ପୂରଣ ହୋଇପାରିବ ନାହିଁ । ଏପରି କୌଣସି ଲକ୍ଷ୍ୟ ନାହିଁ ଯାହାକୁ ଆମେ ଭାରତୀୟ ହାସଲ କରିପାରିବା ନାହିଁ । ଏହି ଉତ୍ସବରେ ସାର୍ବଜନୀନ ସ୍ଥାନରେ 'ବନ୍ଦେ ମାତରମ୍' ପୂର୍ଣ୍ଣ ସଂସ୍କରଣ ଗାନ କରାଯାଇଥିଲା । ମୁଖ୍ୟ କାର୍ଯ୍ୟକ୍ରମରେ ସମାଜର ସମସ୍ତ ବର୍ଗର ନାଗରିକମାନେ ଅଂଶଗ୍ରହଣ କରିଥିଲେ ।

ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତି ଅନୁଯାୟୀ, *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବାରାଣସୀରୁ ଲକ୍ଷ୍ନୌ ମଧ୍ୟରେ ନୂଆ ବନ୍ଦେ ଭାରତ ଟ୍ରେନ ଶୁଭାରମ୍ଭ କଲେ ।
- ସେନସେକ୍ସ ୩୦୦ ଅଧିକ ଅଙ୍କ ବୃଦ୍ଧି, ନିଫ୍ଟି ନୂଆ ସ୍ତର ପୁନରୁଦ୍ଧାର ।
- ପଶ୍ଚିମବଙ୍ଗ ଚିକିତ୍ସା ନିଯୁକ୍ତି ଦୁର୍ନୀତି ମାମଲାରେ ସିବିଆଇ ତଦନ୍ତ ଆଦେଶ ।
- ଚନ୍ଦ୍ରଯାନ ଚାରି ମିଶନ ପାଇଁ ଇସ୍ରୋ ପ୍ରସ୍ତୁତି ଆରମ୍ଭ ।
- କଟକ ବାଲିଯାତ୍ରାରେ ଇଣ୍ଡୋନେସିଆର କଳାକାରମାନେ ଦର୍ଶକଙ୍କୁ ଆକର୍ଷିତ କଲେ ।
- ଓଡ଼ିଶାର ବୈତରଣୀ ନଦୀରେ ତିନି ଭଉଣୀ ବୁଡ଼ିଗଲେ, ଦୁଇ ଉଦ୍ଧାର, ଜଣେ ନିଖୋଜ ।
- ପୃଥିବୀକୁ ୧୫୦ ଥର ଧ୍ୱଂସ କରିପାରିବ ଆମେରିକା : ଟ୍ରମ୍ପ

## ସୁନା ଦର

କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୨୦୨ (-୫୫)

୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୮୫ (-୫୦)

୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୯,୧୫୨ (-୪୧)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୬୫ (+୦)

# ନୂଆପଡା ଓ ଖରିଆର ରୋଡରେ ନବୀନଙ୍କ ମାରାଥନ ନିର୍ବାଚନ ପ୍ରଚାର




**ନୂଆପଡା, ୭।୧୧**

**ନ୍ୟୁଜ୍ ବ୍ୟୁରୋ**

ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଶୁକ୍ରବାର ଦିନିକିଆ ନୂଆପଡା ଗସ୍ତରେ ଆସି ଏଠାରେ ମାରାଥନ୍ ନିର୍ବାଚନ ପ୍ରଚାର କରିଛନ୍ତି । ଦୀର୍ଘ ତିନି ଘଣ୍ଟା ଧରି ଖରିଆର ରୋଡ ଓ ନୂଆପଡାରେ ବିଶାଳ ରୋଡ ଶୋରେ ଯୋଗ ଦେଇ ନବୀନ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିଥିଲେ । ଦୀର୍ଘ ତିନି *(ପୃଷ୍ଠା ୭ରେ)*

# ୯ ତାରିଖ ଅପରାହ୍ଣ ୪ଟା ସୁଦ୍ଧା ବାହାରିଆଙ୍କୁ ନୂଆପଡ଼ା ଛାଡ଼ିବାକୁ ନିର୍ଦ୍ଦେଶ

**ନୂଆପଡା, ୭।୧୧**

**ନ୍ୟୁଜ୍ ବ୍ୟୁରୋ**

ନୂଆପଡା ଉପ-ନିର୍ବାଚନରେ ସ୍ୱଚ୍ଛତା ବଜାୟ ରଖିବା ଏବଂ ମତଦାତାମାନଙ୍କ ପାଇଁ ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ପରିବେଶ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଶୁକ୍ରବାର ନିର୍ଦ୍ଦେଶାବଳୀ ଜାରି କରିଛନ୍ତି । ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବ ଅବଧି, ଯାହାକୁ ସାଧାରଣତଃ ନୀରବ ଅବଧି ବୋଲି କୁହାଯାଇଥାଏ, ସେହି ନୀରବ ଅବଧି ନେଇ ଜାରି କରାଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ସମ୍ପର୍କରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆର. ଏସ. ଗୋପାଳନ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଆସନ୍ତା ୯ ତାରିଖ ଅପରାହ୍ଣ ୪ଟା ସୁଦ୍ଧା ବାହାର ଭୋଟରମାନେ ନୂଆପଡ଼ା ଛାଡ଼ନ୍ତୁ ବୋଲି ଗୋପାଳନ କହିଛନ୍ତି । ୪୮ ଘଣ୍ଟା ପୂର୍ବରୁ ନିର୍ବାଚନ ସମ୍ପର୍କିତ କୌଣସି କଣ୍ଟେଣ୍ଟ ପ୍ରସାରଣ ନ କରିବାକୁ ସମସ୍ତ ରାଜନୈତିକ ଦଳକୁ ଅପିଲ କରିଛନ୍ତି ।

ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ତଥା ସ୍ୱତନ୍ତ୍ର ସଚିବ ସୁଶାନ୍ତ କୁମାର ମିଶ୍ର, ଅତିରିକ୍ତ ଶାସନ ସଚିବ ପ୍ରମୋଦ ସାହୁ ଏବଂ ଉପ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଲକ୍ଷ୍ମୀପ୍ରସାଦ ସାହୁ ଉପସ୍ଥିତ ଥିଲେ । ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ମିଡ଼ିଆ ସେଣ୍ଟରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ସବିଶେଷ ସୂଚନା ଦେଇଥିଲେ । ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଗୋପାଳନ ନୀରବ ଅବଧି ସମ୍ପର୍କିତ ନିର୍ଦ୍ଦେଶାବଳୀ ସମ୍ପର୍କରେ ସୂଚନା ଦେବା ସହ ସାମ୍ବାଦିକମାନଙ୍କର ନୂଆପଡା ନିର୍ବାଚନ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ।

# ବିହାର ପ୍ରଥମ ପର୍ଯ୍ୟାୟରେ ୬୪.୬୬% ମତଦାନ



**ପାଟନା, ୭।୧୧**

ବିହାର ପ୍ରଥମ ପର୍ଯ୍ୟାୟ ବିଧାନସଭା ନିର୍ବାଚନରେ ରେକର୍ଡ ୬୪.୬୬ ପ୍ରତିଶତ ମତଦାନ ହୋଇଛି । ଭାରତର ନିର୍ବାଚନ ଆୟୋଗ (ଇସିଆଇ)ଙ୍କ ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ ବିଗତ ବର୍ଷ ଗୁଡିକରେ ରାଜ୍ୟରେ ହୋଇଥିବା ମତଦାନ ହାର ଠାରୁ ଏହି ମତଦାନ ହାର ସର୍ବାଧିକ । ବିହାର ବିଧାନସଭା ନିର୍ବାଚନରେ ସର୍ବାଧିକ ମତଦାନ ହାର ୬୨.୬% ରହିଥିଲା । ଏହି ରେକର୍ଡ ୨୦୦୦ ମସିହାରେ ହୋଇଥିଲା । ସେହିପରି ରାଜ୍ୟର ଲୋକସଭା ନିର୍ବାଚନର ମତଦାନ ହାର ରେକର୍ଡ ହେଉଛି ୬୪.୬% । ଯାହା ୧୯୯୮ ମସିହାରେ ରେକର୍ଡ କରାଯାଇଥିଲା । ଏହା ସହିତ ଇସିଆଇ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଛି ।

ରାଜ୍ୟର ୧୮ଟି ଜିଲ୍ଲାର ୧୨୧ଟି ଆସନ ପାଇଁ ଗୁରୁବାର ମତଦାନ ହୋଇଥିଲା ।

## ଓଡ଼ିଶାରେ ବନ୍ଦେ ମାତରମ୍‌ର ୧୫୦ ବର୍ଷପୂର୍ତ୍ତି ପାଳନର ଶୁଭାରମ୍ଭ

# ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସାମିଲ୍ ହେଲେ ମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର, ୭।୧୧**

**ନ୍ୟୁଜ୍ ବ୍ୟୁରୋ**

ବନ୍ଦେ ମାତରମ୍ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଓ ବୀରତାର ପ୍ରତୀକ । ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ଆନନ୍ଦ ମଠ' ଉପନ୍ୟାସରୁ ଜନ୍ମ ନେଇଥିବା ଏହି ଗୀତ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ମନରେ ଜାଗୃତି, ଉତ୍ସାହ ଓ ବୈପ୍ଳବିକ ମନୋଭାବ ଜଗାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ *(ପୃଷ୍ଠା ୭ରେ)*

# ଓଡ଼ିଆ ଝିଅ ଝାଡ଼ଖଣ୍ଡ ଡିଜିପି



**ଭୁବନେଶ୍ୱର/ରାଞ୍ଚି, ୭।୧୧**

**ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାରେ ଜନ୍ମିତ ବରିଷ୍ଠ ଆଇପିଏସ୍ ଅଧିକାରୀ ତାଦାଶା ମିଶ୍ର ଝାଡ଼ଖଣ୍ଡର କାର୍ଯ୍ୟକାରୀ ପୋଲିସ ମହାନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି । *(ପୃଷ୍ଠା ୭ରେ)*

## ଏକାଳ ପଖାଳ



ହେଭିୱେଟ ନେତା ପ୍ରଚାର ମୈଦାନେ
ଦୁଲୁକୁଛି ନୂଆପଡା
କାଦୁଅ ଫିଙ୍ଗାରେ ମନ୍ତ୍ରୀ ନେତାଏ
ମାଂଉଶିଆ ଦିଶେ ହଡା
କିଏ ଶିଝେଇବ ଖଡା
ଜଣାପଡିବ ଖୁବ୍ ଜଲ୍‌ଦି
ଚାଲୁ ପ୍ରତିଶ୍ରୁତି ପଡା ।

# ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ : ଶିକ୍ଷାନୁଷ୍ଠାନ ଓ ହସ୍ପିଟାଲ ପରିସରରୁ ବୁଲା କୁକୁରଙ୍କୁ ହଟାଅ



**ନୂଆଦିଲ୍ଲୀ, ୭।୧୧**

ସୁପ୍ରିମକୋର୍ଟ ଶୁକ୍ରବାର ବୁଲା କୁକୁର ସମ୍ପର୍କିତ ଏକ ମାମଲାର ଶୁଣାଣି କରି ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି । ଦେଶର ସମସ୍ତ ଶିକ୍ଷାନୁଷ୍ଠାନ ଏବଂ ହସ୍ପିଟାଲ କ୍ୟାମ୍ପସରୁ ବୁଲା କୁକୁରମାନଙ୍କୁ ହଟାଇବା ପାଇଁ କୋର୍ଟ କଡା ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏହାକୁ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

କୋର୍ଟ ନିର୍ଦ୍ଦେଶ ଦେଇ କହିଛନ୍ତି ଯେ କ୍ୟାମ୍ପସଗୁଡ଼ିକୁ ବୁଲା କୁକୁରମାନଙ୍କୁ ପ୍ରବେଶ କରିବାରୁ ରୋକିବା ପାଇଁ ବାଡ଼ ଦିଆଯାଉ । ଏହି ସ୍ଥାନରୁ ହଟାଇ ଦିଆଯାଇଥିବା ବୁଲା କୁକୁରମାନଙ୍କୁ ପୁଣି ସେହି ଅଞ୍ଚଳରେ ଛାଡ଼ିବାକୁ ଅନୁମତି ଦିଆଯିବ ନାହିଁ । କୋର୍ଟ ରାଜ୍ୟ ଗୁଡ଼ିକର ମୁଖ୍ୟ ସଚିବମାନଙ୍କୁ ଏହି ନିର୍ଦ୍ଦେଶ ଗୁଡ଼ିକୁ କାର୍ଯ୍ୟକାରୀକରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟଗୁଡ଼ିକ ତିନି ସପ୍ତାହ ମଧ୍ୟରେ କୋର୍ଟରେ ଏନେଇ ଏକ ରିପୋର୍ଟ ଦାଖଲ କରିବେ ।

ଏହା ସହିତ ସର୍ବୋଚ୍ଚ ଅଦାଲତ ରାସ୍ତା, ରାଜ୍ୟ ଓ ଜାତୀୟ ରାଜପଥରେ ବୁଲୁଥିବା ଗୋରୁମାନଙ୍କୁ ହଟାଇବା ପାଇଁ ଏକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । କୋର୍ଟ ପବ୍ଲିକ୍ ୱାର୍କସ୍ ଡିପାର୍ଟମେଣ୍ଟ ଏବଂ *(ପୃଷ୍ଠା ୭ରେ)*

# ସରଣ୍ଡାରେ ପୁଲିସ-ମାଓବାଦୀ ଗୁଳି ବିନିମୟ : ଜଣେ ମାଓବାଦୀ ନିହତ

**ବିଶ୍ରା, ୭।୧୧**

ସରଣ୍ଡା ଜଙ୍ଗଲରେ ଗୁରୁବାର ସନ୍ଧ୍ୟାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଏକ ଭୟଙ୍କର ଗୁଳି ବିନିମୟ ହୋଇଛି । ସୂଚନା ଅନୁସାରେ ସୁରକ୍ଷା ବାହିନୀ ପକ୍ଷରୁ ମାଓବାଦୀ ବିରୋଧୀ ଅଭିଯାନ ସମୟରେ ଜରେଇକେଲା ଥାନା ଅଧୀନସ୍ଥ ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ଅପରାହ୍ଣ ୩ଟା ରୁ ୪ଟା ମଧ୍ୟରେ ଏହି ଘଟଣା ଘଟିଛି ।

ସୁରକ୍ଷା ବାହିନୀକୁ ଦେଖି ମାଓବାଦୀମାନେ ହଠାତ୍ ଗୁଳି ଚଳାଇ ଥିଲେ । ଏହାର ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳି ଚଳାଯାଇଥିଲା । କିଛି ସମୟ ଧରି ଗୁଳିବିନିମୟ ଜାରି ରହିଥିଲା ଏବଂ ଏଥିରେ କେତେକ ମାଓବାଦୀ ଆହତ ହୋଇଥାଇ ପାରନ୍ତି ବୋଲି ପୁଲିସ କହିଛି । ସୁରକ୍ଷା ବାହିନୀରେ ପାଲଟା କାର୍ଯ୍ୟାନୁଷ୍ଠାନ ଯୋଗୁଁ ମାଓବାଦୀମାନେ ଘଞ୍ଚଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳକୁ ଖସି ପଳାଇଥିବା ଜଣାପଡ଼ିଛି । ଏନକାଉଣ୍ଟର ସ୍ଥଳରୁ ପୁଲିସ ଦୁଇଟି ଏସ୍ଏଲ୍ଆର୍ ରାଇଫଲ୍ ଏବଂ ଗୋଟିଏ .୩୦୩ ରାଇଫଲ୍ ଜବତ କରିଛି । ପରେ ଜଣେ ମାଓବାଦୀ ନିହତ ହୋଇଥିବା କୁହାଯାଉଥିବାବେଳେ ସେନେଇ ସ୍ପଷ୍ଟ ହୋଇନାହିଁ । ଏନକାଉଣ୍ଟର ନିଶ୍ଚିତ ଏବଂ ଏହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି ।

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୮ ନଭେମ୍ବର, ଶନିବାର ୨୦୨୫





# ଜୟପୁରରେ ଚୋରି ବଢୁଛି : ପାଟ୍ରୋଲିଂ ପାଇଁ ଦାବି କଲେ ଲୋକେ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ସହରରେ କିଛି ଦିନର ବ୍ୟବଧାନ ପରେ ଲୁଟେରାମାନେ ସକ୍ରିୟ ହୋଇ ଚୋରି କରିବାରେ ସଫଳ ହେଉଥିବା ବେଳେ ପୁଲିସ ସେମାନଙ୍କୁ ଧରିବାରେ ବିଫଳ ହେଉଛି । କେଉଁ ଦିନ ଘରୁ ଚୋରି ତ କେଉଁଦିନ ବ୍ୟବସାୟୀକ ପ୍ରତିଷ୍ଠାନ ଓ ମନ୍ଦିରରେ ବୁଲୁଛି କଳାକନା । ସହରରେ ଚୋରି ନିତିଦିନିଆ ଘଟଣାରେ ପରିଣତ ହୋଇଥିବା ବେଳେ ପୁଲିସ ନିଷ୍କ୍ରିୟତା କାରଣରୁ ଅନେକ ଆଉ ଥାନାକୁ ଅଭିଯୋଗ କରିବାକୁ ଆସୁନାହାନ୍ତି । ବହୁ ପୁରୁଣା ମାମଲାରେ ଏଯାବତ୍ ପୁଲିସ ଲୁଟେରାଙ୍କୁ ଧରିବାରେ ସଫଳ ହୋଇପାରୁନାହିଁ । ଜୟପୁର ସହରରେ ପୁଲିସକୁ ଖାତିର ନକରି ଗୃହରେ ତାଲାଭାଙ୍ଗି ଚୋରି ହେଉଥିବା ଘଟଣା ବାରମ୍ବାର ଘଟୁଛି । ଏହିପରି ପୁଲିସ ବିଭିନ୍ନ ସମୟରେ ଏହି ଲୁଟେରାମାନଙ୍କୁ ଗିରଫ କରିବା ସହ କୋର୍ଟ ଚାଲାଣ କରୁଛି କିନ୍ତୁ ଚୋରି ଏବଂ ଲୁଟ ମାମଲା ବୃଦ୍ଧି ପାଇବାରେ ଲାଗିଛି । ଗତ ୧ ତାରିଖ ଶନିବାର ରାତ୍ରୀରେ ସ୍ଥାନୀୟ ଏଚ.କେ କଲୋନୀର ରବିନ୍ଦ୍ର ନାଥ ଦାଶ ଏବଂ ତାଙ୍କ ପରିବାର ଗୃହରେ ତାଲା ଦେଇ ବାହାରକୁ ଯାଇଥିଲେ । କିନ୍ତୁ ଏହାର ପରଦିନ ସାହି ପଡ଼ିଶା ତାଙ୍କର ଘରର ମୁଖ୍ୟ ଫାଟକ ଏବଂ କବାଟର ତାଲା ଭଙ୍ଗାଯାଇଥିବା ନେଇ ସୂଚନା ଦେଇଥିଲେ । ଗତକାଲି ପରିବାର ଲୋକମାନେ ଘରକୁ ଫେରିବା ପରେ ଘର ଭିତରେ ଥିବା ୫ଟି ଆଲମିରା ଭାଙ୍ଗି ପ୍ରାୟ ଲକ୍ଷାଧିକ ଟଙ୍କାର ୯ତୋଳାର ସୁନା ଏବଂ କିଛି ରୁପା ଅଳଙ୍କାର ସମେତ ୨୫ ହଜାର ଟଙ୍କା ନେଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ଟାଉନ ପୁଲିସ ଏକ ମାମଲା ରୁଜୁ କରିବା ସହ ଘଟଣାସ୍ଥରେ ପହଞ୍ଚ ସ୍ଥାନୀୟ ଅଞ୍ଚଳର ସିସି କ୍ୟାମେରା ଯାଞ୍ଚ କରିବା ସହ ସାଇଣ୍ଟିଫିକ ଦଳର ସହାୟତାର ତଦନ୍ତ କରୁଛନ୍ତି । ଏହିପରି ସିସି କ୍ୟାମେରାରେ ଲୁଟେରାମାନେ କପଡ଼ାରେ ମୁହଁ ଢାଙ୍କିଥିବା ଦୃଶ୍ୟ ହୋଇଛି । ତଦନ୍ତକାରୀ ଅଧିକାରୀ ଭାବେ ଏସଆଇ ଦୀପକ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରୀ ରଖିଛନ୍ତି । ସେହିପରି ସେହି ଅଞ୍ଚଳର ଅନ୍ୟଜଣେ ସୌମ୍ୟରଞ୍ଜନ ଦାସଙ୍କ ଘରେ ତାଲା ପଡ଼ିଥିବା ସୁଯୋଗ ପାଇ ଚୋର ଦଳ ଚୋରି କରିବାରେ ସଫଳ ହୋଇଥିଲେ । ସୌମ୍ୟରଞ୍ଜନଙ୍କ ଘରୁ ୫୦ ହଜାର ଠାକୁର ହୁଣ୍ଡି ଟଙ୍କା ସହ ଲକ୍ଷାଧିକ ଟଙ୍କାର ଇଲୋକ୍ଟ୍ରନିକ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଛି । ସେହିପରି ଚୋରଦଳ ଅନ୍ୟ ୩ଟି ଘରେ ଚୋରି କରିବାକୁ ଉଦ୍ୟମ କରିଥିବା ବେଳେ ବିଫଳ ହୋଇଥିବା ଜଣାପଡ଼ିଛି । ସେହିପରି କେନ୍ଦ୍ରୀୟ ବିଦ୍ୟାଳୟ ନିକଟରେ ଜନୈକ ବ୍ୟକ୍ତିଙ୍କ ଘରେ ପଶି ସୁନା ଅଳଙ୍କାର ଚୋରି କରିଥିବା ଅଭିଯୋଗ ହୋଇଛି । ଉକ୍ତ ବ୍ୟକ୍ତି ଜଣକ ଘରେ ତାଲା ପଡ଼ିଥିବା ଯୋଗୁଁ କେତେ ପରିମାଣରେ ଚୋରି ହୋଇଛି ତାହା ଆକଳନ ହୋଇ ପାରିନାହିଁ ।

ଚୋରି ଉପଦ୍ରବରେ ଅତିଷ୍ଠ ହୋଇ ପଡିଥିବା ଏଚକେ କଲୋନୀବାସୀ ପୁଲିସ ଉପରୁ ଭରସା ତୁଟାଇବା ପରେ ବେସରକାରୀ ଭାବେ ସୁରକ୍ଷା କର୍ମୀ ନିୟୋଜିତ କରିବାକୁ ସ୍ଥିର କରିଛନ୍ତି । ନିଜେ ସାହି ବାସିନ୍ଦା ଚାନ୍ଦା ଆଦାୟ କରି ସୁରକ୍ଷାକର୍ମୀଙ୍କୁ ଦରମା ଦେବାପାଇଁ ନିଷ୍ପତ୍ତି ନେଇଛନ୍ତି । ପୁଲିସ ପାଟ୍ରୋଲିଂ ଗାଡ଼ି ପ୍ରସାଦରାଓ ପେଟା, କୁମ୍ଭାର ସାହି ଅଞ୍ଚଳକୁ ନିୟମିତ ଭାବେ ଆସୁନଥିବା ଯୋଗୁଁ ଚୋରି ସଂଖ୍ୟା ବଢିବାରେ ଲାଗିଛି । ପୂର୍ବରୁ ଇନ୍ଦିରା ଛକରେ ହୋମଗାର୍ଡମାନେ ରାତି ଜଗୁଥିବା ବେଳେ ବର୍ତ୍ତମାନ ସେମାନଙ୍କ ମଧ ଦେଖା ମିଳୁନାହିଁ । ରାତି ତମାମ ଚୋର ସହରରେ ମାତୁଥିବା ବେଳେ ପୁଲିସ ନିଷ୍କ୍ରିୟ ହୋଇଥିବା ପରି ମନେ ହେଉଛି । ତେଣୁ ଟାଉନ ପୁଲିସ ସଜାଗ ହୋଇ ସହରର ଗଳିକନ୍ଦିରେ ପାଟ୍ରୋଲିଂ ଗାଡ଼ି ପଇଁତରା ମାରିଲେ ଚୋର ଦଳକୁ ରୋକିବାରେ ସକ୍ଷମ ହୋଇପାରିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

# ଗୁରୁ ଭଜମନ ଦାସ କଳା ପରିଷଦ ଉଦ୍‌ଘାଟିତ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ଶବ୍ଦ ନୃତ୍ୟର ଆଦ୍ୟ ପ୍ରଚାରକ ୧୮୫୦ ମସିହା ପୂର୍ବରୁ ବିଭିନ୍ନ ଜିଲ୍ଲାରେ ଶବ୍ଦ ନୃତ୍ୟ ଶିକ୍ଷା ଦେଇଥିବା ଲିଲା ଏବଂ ଶବ୍ଦ ନୃତ୍ୟର ବାବାଜୀ ଗୁରୁ ଭଜମନ ଦାସଙ୍କ ସ୍ମୃତିରେ ତାଙ୍କ ଜନ୍ମସ୍ଥାନ କୁଟା ସିଂହା ଠାରେ 'ଗୁରୁ ଭଜମନ ଦାସ କଳା ପରିଷଦ' ଉଦ୍‌ଘାଟିତ ହୋଇଯାଇଛି । ଗୁରୁ ଭଜମନ ଦାସଙ୍କ ଦାୟାଦ ଦିନେଶ ଦାସଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସଭାପତିତ୍ୱରେ, ଅନିରୁଦ୍ଧ ପାତ୍ରଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଶିକ୍ଷାବିତ ସାହିତ୍ୟିକ କବି ଡ. ସୁବାସ ଚନ୍ଦ୍ର ପାତ୍ର, ମୁଖ୍ୟ ବକ୍ତା ଗବେଷକ ଶାସ୍ତ୍ରୀୟ ଶବ୍ଦ ନୃତ୍ୟ ଗୁରୁ ଭାଗବତ ପଧାନ (ଭାଗବତିଆ), ସମ୍ମାନିତ ଅତିଥି ଅଭିନେତା ନିର୍ଦ୍ଦେଶକ ପ୍ରଦୀପ ସାହୁ ଅଭିନେତା ନିର୍ଦ୍ଦେଶକ ରାମଜୀ ପ୍ରଧାନ ପ୍ରମୁଖ ଯୋଗଦାନ କରି ଗୁରୁ ଭଗବାନ ସାହୁ ବାବାଜୀ ଗୁରୁ ଭଜମନ ଦାସଙ୍କୁ ଲୋକ ଲୋଚନକୁ ଆଣିଥିବା ପ୍ରକାଶ କରିବା ସହ ଗୁରୁ ଭଜମନ ଦାସ ବିଭିନ୍ନ ଜିଲ୍ଲାରେ ଗ୍ରାମ ମାନଙ୍କରେ ରହି ଶବ୍ଦ ନୃତ୍ୟ ଶିକ୍ଷାଦାନ କରିଥିଲେ । ଯାହାର ପ୍ରଚାର ଏବଂ ପ୍ରସାର ଗୁରୁ ଭଗବାନ ସାହୁ କରିଥିବା ବକ୍ତବ୍ୟରେ ପ୍ରକାଶ କରିଥିଲେ । ଗୁରୁ ଭଗବାନ ସାହୁଙ୍କ ଶିଷ୍ୟ ଶବ୍ଦନୃତ୍ୟ ଗୁରୁ ଗଦାଧର ବରିହାଙ୍କ ଦ୍ୱାରା ଶବ୍ଦ ନୃତ୍ୟ ପରିବେଷଣ ଉଚ୍ଚ ପ୍ରଶଂସିତ ହୋଇଥିଲା, ସରୋଜ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଆନନ୍ଦ ଚନ୍ଦ୍ର ପଶାୟତଙ୍କ ନିର୍ଦ୍ଦେଶନାରେ ଦୁର୍ଗା ପୂଜା କମିଟିର ପିଲାଙ୍କୁ ନେଇ ସାମାଜିକ ନାଟକ ସିନ୍ଦୁର ପିନ୍ଧିଲି ଦିନକ ପାଇଁ ମଞ୍ଚସ୍ଥ ହୋଇଥିଲା, ପରିଚାଳନାରେ ସରପଞ୍ଚ ଡିଗ୍ରୀ ମେହେର, ପୂର୍ବତନ ସମିତି ସଭ୍ୟ ପ୍ରକାଶ ବେହେରା, ଲଳିତ ଦାସ, ଯୋଗେନ୍ଦ୍ର ଦାସ, ପ୍ରକାଶ ବେହେରା, ଆନନ୍ଦ ପଶାୟତ, ସରୋଜ ଦାସ, ଅଧିକାରୀ ପାତ୍ର, ଅରକ୍ଷିତ ବେହେରା, ଅଚ୍ୟୁତ ପଧାନ, ବିଧୂଭୁଷଣ ପାତ୍ର, ଗଣେଶ ପାଣ୍ଡେ ପ୍ରମୁଖ ସହଯୋଗ କରିଥିଲେ, କାର୍ଯ୍ୟକ୍ରମରେ ବିରାଟ ଜନସମାଗମ ହୋଇଥିଲା ।

# ଅତାବିରାରେ ଯୁଗ୍ମ ଜନ ଶୁଣାଣି



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଅତାବିରା ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଲଲାଟ କୁମାର ଲୁହା, ବରଗଡ଼ ଉପଜିଲ୍ଲାପାଳ ଶ୍ରୀ ପ୍ରସନ୍ନ କୁମାର ପାଣ୍ଡେ, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର କୁରେଟ ମହନ୍ତ ଏବଂ ଅତାବିରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ରିପୁନାଥ ସୁନା ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ସୂଚନାଯୋଗ୍ୟ କି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୭୦ ଗୋଟି ଅଭିଯୋଗ ମଧ୍ୟରୁ ୪୦ ଗୋଟି ବ୍ୟକ୍ତିଗତ ଏବଂ ୩୦ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।


# ବ୍ଲକ ସଭା କକ୍ଷରେ ଜିଲ୍ଲାପାଳଙ୍କ ଅଭିଯୋଗ ଓ ସମାଧାନ ଶିବିର



**ପାଟଣାଗଡ଼, ନ୍ୟୁଜ୍‌ବ୍ୟୁରୋ**

ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ସ୍ଥାନୀୟ ବ୍ଲକ ସଭାଗୃହ ବଲାଙ୍ଗୀର ଜିଲ୍ଲାପାଳ ଅଭିଯୋଗ ଓ ସମାଧାନ ଶିବିର ସୋମବାର ଅନୁଷ୍ଠିତ ହୋଇଥିଲା । ଶିବିରରେ ବଲାଙ୍ଗୀର ଜିଲ୍ଲାପାଳ ଗୌରବ ଶିବାଜୀ ଇସବ୍ୱାଲ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତରଣି ସୁନା, ପାଟଣାଗଡ଼ ଉପ ଜିଲ୍ଲାପାଳ ସୁନୀଲ କୁମାର ମେହେର, ପାଟଣାଗଡ଼ ଉପ ଖଣ୍ଡ ପୋଲିସ ଅଧିକାରୀ ସଦାନନ୍ଦ ପୁଝାରୀ, ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ ଯୋଗ ଦେଇଥିଲେ । ଏହି ଅବସରରେ ୪୬ଟି ଗୋଷ୍ଠିଗତ ଓ ୧୧ଟି ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ଜଣାଯାଇଛି । ଏହି ଅବସରରେ ପଞ୍ଚାୟତ ରାଜ, ସାମାଜିକ ସୁରକ୍ଷା, ଯୋଗାଣ, ଶିକ୍ଷା, କୃଷୀ, ଉଦ୍ୟାନ କୃଷି, ବିଦ୍ୟୁତ ବିଭାଗ, ଜଳସମ୍ପଦ, ବନବିଭାଗ, ପ୍ରାଣୀ ସମ୍ପଦ ବିଭାଗ ପ୍ରମୁଖ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ସତ୍ୟ ସୁନ୍ଦର ରାଉତରାୟ, ସହକାରି ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ଜିପିଡ଼ିଓ ପରମେଶ୍ୱର ନାଏକ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ଲାଠୋର ଥାନା ଅଧିକାରୀ ରମାକାନ୍ତ ସାହୁ ସମେତ ବ୍ଲକ ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଅଧିକାରୀଙ୍କ ତୁଳନାରେ ଅଭିଯୋଗକାରୀ କମ୍ ଥିବା ଦେଖିବାକୁ ମିଳିଥିଲା ।

# ଜନ୍ମୋତ୍ସବରେ ୪୩ ୟୁନିଟ୍ ରକ୍ତ ସଂଗ୍ରହ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ଭଟଲି ଠାରେ ଥିବା ଶ୍ୟାମ ବିହାରୀ ମନ୍ଦିର ରେ ଶ୍ରୀ ଶ୍ରୀ ଶ୍ୟାମ ବାବାଙ୍କ ଜନୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ନିଷ୍ଠା ପରିବାର ଓ ଶ୍ରୀ ଶ୍ରୀ ଶ୍ୟାମ ବିହାରୀ ମନ୍ଦିର ସମିତିର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଶ୍ରୀ ଶ୍ରୀ ଶ୍ୟାମ ବାବାଙ୍କ ଦର୍ଶନରେ ଆସିଥିବା ଭକ୍ତମାନେ ଭକ୍ତି ମନରେ ରକ୍ତ ଦାନ ପରି ଶ୍ରେଷ୍ଠ ଦାନ କରିଥିଲେ । ଏହି ଶିବିରରେ ତିନି ଯୋଡ଼ା ଦମ୍ପତ୍ତିଙ୍କ ସମେତ ସର୍ବମୋଟ ୪୩ ୟୁନିଟ୍ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା । ରାକେଶ ଅଗ୍ରୱାଲ, ରାହୁଲ ଅଗ୍ରୱାଲ ଓ ନିଷ୍ଠା ପରିବାର ସମସ୍ତ ସଦସ୍ୟ ସଦସ୍ୟା ଏହି ଶିବିରର ସୁପରିଚାଳନା କରିଥିଲେ । ପରିଶେଷରେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ଶ୍ରୀ ଶ୍ରୀ ଶ୍ୟାମ ବିହାରୀ ମନ୍ଦିର ସମିତିର ଟ୍ରଷ୍ଟି ଗୋପାଲ ଅଗ୍ରୱାଲ, ପ୍ରତାପ ଅଗ୍ରୱାଲ ଓ ଶିବ କୁମାର ଅଗ୍ରୱାଲଙ୍କୁ ଏକ ସ୍ମୃତି ଫଳକ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ସମସ୍ତ ରକ୍ତଦାତା, ଶ୍ରୀ ଶ୍ରୀ ଶ୍ୟାମ ବିହାରୀ ମନ୍ଦିର ସମିତି, ସହଯୋଗୀ, ଶୁଭେଚ୍ଛୁ ସମସ୍ତଙ୍କୁ ନିଷ୍ଠା ପରିବାର ତରଫରୁ ବହୁତ ବହୁତ ଧନ୍ୟବାଦ ଓ କୃତଜ୍ଞତା ।

# ରାଷ୍ଟ୍ରଦୀପ ପାଠକ ସମିତି ପକ୍ଷରୁ କାଳିଦାସ ଜୟନ୍ତୀ ପାଳିତ

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଜାରକା ହାଇସ୍କୁଲ ପରିସରରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଓ ରାଷ୍ଟ୍ରଦୀପ ପାଠକ ସମିତି ପକ୍ଷରୁ ମହାକବି କାଳିଦାସ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସଭାପତି ନୃସିଂହ ଚରଣ ମିଶ୍ରଙ୍କ ପୌରୋହିତ୍ୟ କରୁଥିବା ବେଳେ ସାଧୁ ଅଭୟାନନ୍ଦ ସାରଦା ଅତିଥି ଓ ଡକ୍ଟର ମହେଶ୍ୱର ପାଢ଼ୀ ମୁଖ୍ୟବକ୍ତା, ଡକ୍ଟର ସନ୍ତୋଷ କୁମାର ମହାପାତ୍ର, ସୁଶାନ୍ତ କୁମାର ପଣ୍ଡା, ବ୍ରଜକିଶୋର ଦାଶ ସମ୍ମାନୀତ ଅତିଥି ଯୋଗ ଦେଇଥିଲେ । ଅବସରପ୍ରାପ୍ତ ଶିକ୍ଷକ ଚିରଞ୍ଜନ ମହାନ୍ତି ସୂଚନା ପ୍ରଦାନ ଓ ଡକ୍ଟର ଅଜୟ କୁମାର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ସଂଯୋଜକ ଈଶ୍ୱର ଚନ୍ଦ୍ରପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ସାମ୍ବାଦିକ ଅଖିଳ କୁମାର ସ୍ୱାଇଁଙ୍କୁ 'କାଳିଦାସ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସମାଜସେବୀ ବିଜେପି ନେତା କାହ୍ନୁଚରଣ ଦାଶ, ପ୍ରଫୁଲ୍ଲକୁମାର ସ୍ୱାଇଁ, କୁଳମଣି ନାୟକ, ବୃନ୍ଦାବନ ପ୍ରଧାନ ସବିତାମିଶ୍ର, ଆକାଶ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ । ଯୁଗଳ କିଶୋର ଦାସ ଧନ୍ୟବାଦ ଦେଇଥିଲେ ।



# ଜୟପୁରରେ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଜୟପୁର ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୫' ଜଗଦୀଶ ଚନ୍ଦ୍ର ନାୟକ ପୌର ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଗୋଷ୍ଠୀ ଶିକ୍ଷାଧିକାରୀ ଚନ୍ଦନ କୁମାର ନାୟକଙ୍କ ଅଧକ୍ଷତାରେ ଏହି କାର୍ଯ୍ୟକ୍ରମ ପରିଚାଳନା କରାଯାଇଥିଲା । ଜୟପୁର ବ୍ଲକ ପୂର୍ବତନ ଗୋଷ୍ଠୀ ଶିକ୍ଷାଧିକାରୀ ସୁରେନ୍ଦ୍ର ପଟ୍ଟନାୟକ ଏବଂ ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ କେ ଗୋପାଳ, ସୋମନାଥ ଗାଦବା, ଜଗଦୀଶ ଚନ୍ଦ୍ର ପୌର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପେନ୍ଦ୍ର ଦୀପ୍, ବିଶିଷ୍ଟ ସାହିତ୍ୟିକ ଏବଂ ଅବସରର ପ୍ରାପ୍ତ ଶିକ୍ଷକ ଲକ୍ଷ୍ମୀକାନ୍ତ ପାଢ଼ୀ, ଗଡ଼ପଦର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲ୍ଲୀପ ପଣ୍ଡା, ଅବସର ପ୍ରାପ୍ତ ଶିକ୍ଷକ ସୁରେନ୍ଦ୍ର ମହାପାତ୍ର ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜୟପୁର ବ୍ଲକର ୧୫ଟି କ୍ଲଷ୍ଟରର ୨୩୧ଟି ବିଦ୍ୟାଳୟରୁ ୩୯୮ ଜଣ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚିତ୍ରାଙ୍କନ, ବକ୍ତୃତା, କୁଇଜ, ବିତର୍କ, ସୁନ୍ଦର ହସ୍ତାକ୍ଷର, ସୃଜନଶୀଳ ଲିଖନ, ଗଣିତ ଦୌଡ଼, ଗଳ୍ପ କଥନ, ସଂଗୀତ, ଦଳଗତ ନୃତ୍ୟ ପ୍ରତିଯୋଗିତା କରାଯାଇଥିଲା । କାର୍ଯ୍ୟକ୍ରମର ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ପ୍ରଶିକ୍ଷଣ ପ୍ରତିଷ୍ଠାନର ବରିଷ୍ଠ ଅଧ୍ୟାପିକା ଗାୟତ୍ରୀ ବୈଠାରୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଜୟପୁର ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଦେବୀ ପ୍ରସାଦ ଦାସ, ସମ୍ପାଦକ ପ୍ରଦୀପ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ମନୋରଞ୍ଜନ ପଲାଇ, କୋଷାଧକ୍ଷ ପୁରନ୍ଦର ନାୟକ, ସିଆର ସିସି ରାମେଶ୍ୱର ପଣ୍ଡା, ଜ୍ୟୋତିଶଙ୍କର ତ୍ରିପାଠୀ, ଆଦିତ୍ୟ ପଟ୍ଟନାୟକ, ସଂଯୁକ୍ତା ରାଉତ, ରୁଦ୍ରପ୍ରସନ୍ନ ପାଣିଗ୍ରାହୀ, ଭାଗିରଥି ବାରିକ, ଅଭିମନ୍ୟୁ ପ୍ରଧାନ, ରଶ୍ମିରେଖା ଗୌଡ଼, ବିଜୟାଲକ୍ଷ୍ମୀ ସ୍ୱାଇଁ, ଗୋଷ୍ଠୀ ଶିକ୍ଷାଧିକାରୀ କାର୍ଯ୍ୟାଳୟର ବରିଷ୍ଠ ବିଭାଗୀୟ ଅଧିକାରୀ ରାଜେନ୍ଦ୍ର କୁମାର ପାରିହି, ଆକାଉଣ୍ଟାଣ୍ଟ ଶାନ୍ତନୁ ଜେନା, ରଂଜିତ ମହାନ୍ତି, ମନୋଜ ପଟ୍ଟନାୟକ ପ୍ରମୁଖ ଏଥିରେ ସହଯୋଗ କରିଥିଲେ ।

# ଗାୟତ୍ରୀ ଶକ୍ତିପୀଠରେ ପ୍ରତିଷ୍ଠା ଦିବସ ପାଳନ ଅବସରରେ ରକ୍ତଦାନ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**



ଗଞ୍ଜାମ ଜିଲ୍ଲାର ଅଗ୍ରଣୀ ଆଧାତ୍ମିକ ଅନୁଷ୍ଠାନ 'ଗାୟତ୍ରୀ ଶକ୍ତିପୀଠ ରମ୍ଭା'ର ଚାଳିଶ ବର୍ଷ ପୂର୍ତ୍ତି ପ୍ରତିଷ୍ଠା ଦିବସ ଅବସରରେ ଏକ ରକ୍ତଦାନ ଶିବିର ଓ ବିଦ୍ୟାଳୟ ସ୍ତରରେ ଚିତ୍ରାଙ୍କନ ପ୍ରତିଯୋଗିତା ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ସହଯୋଗରେ ଅନୁଷ୍ଠିତ ହୋଇଯାଇଛି । ଗୋ କଲ୍ୟାଣ ସମିତିର ମୁଖ୍ୟ ସଂଯୋଜକ ପ୍ରକୃତି ବନ୍ଧୁ ପଞ୍ଚାନନ ଖଟୁଆଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଭାବେ ଶାନ୍ତିକୁଞ୍ଜ ହରିଦ୍ୱାରର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋକୁଳ ଚନ୍ଦ୍ର ନାହାକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଗଞ୍ଜାମ ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ସଭାପତି ବାନାମ୍ବର ପଲେଇ, ସହ ସଂଯୋଜକ ରବିନାରାୟଣ ସେନାପତି, ସଂଯୋଜକ ବିଜୟ କୁମାର ମିସ୍ତ୍ରୀ ଯୋଗଦେଇ ରକ୍ତଦାନର ଆବଶ୍ୟକତା ଓ ବ୍ୟବହାରିତା ଉପରେ ଆଲୋକପାତ କରିଥିଲେ । ଏହି ଶିବିରରେ ବିଦ୍ୟାଭୂଷଣ ବର୍ମା, ପ୍ରକାଶ ଚନ୍ଦ୍ର ବାଡତ୍ୟା, ବିନୋଦ କୁମାର ବେହେରା, ଅଜୟ କୁମାର ଜେନା, ସରୋଜ କୁମାର ମିସ୍ତ୍ରୀ, କେ. ସନ୍ତୋଷ କୁମାର ଆଚାରୀ, ପି.ମହେଶ ଦୋରା, ବାସନ୍ତୀ ମିସ୍ତ୍ରୀ, ରବିନାରାୟଣ ସେନାପତି, ପ୍ରଦୀପ୍ତ କୁମାର ବିଶ୍ୱାଳ, ଦିବାକର ସାହୁ, ପଞ୍ଚାନନ ଖଟୁଆ, ସୁବାସିନୀ ମିସ୍ତ୍ରୀ, ରାଜେନ୍ଦ୍ର ପଲେଇ, କେ ସତ୍ୟନାରାୟଣ ଆଚାରୀ, ସଞ୍ଜୟ ଦାସ, ଶକ୍ତି ପଲେଇ, ନାରାୟଣ ସାହୁ, ମହେନ୍ଦ୍ର ଗୌଡ଼, କୁମୁଦ ରଞ୍ଜନ ପ୍ରଧାନ, ଶିବଶଙ୍କର ଜେନା, ରାଧାକାନ୍ତ ନାୟକ ଓ ଅଜୟ କୁମାର ବିଷୋୟୀ ଆଦି ରକ୍ତଦାତାମାନେ ରକ୍ତଦାନ କରିଥିଲେ । ରମ୍ଭା ଗାୟତ୍ରୀ ଶକ୍ତିପୀଠରେ 'ସୃଜନୀ' ଚିତ୍ରକଳା ଅନୁଷ୍ଠାନର ଅଧକ୍ଷ ତପନ ସାମନ୍ତଙ୍କ ଦ୍ୱାରା ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଗଞ୍ଜାମ ବ୍ଲକର ରମ୍ଭା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ବିବେକାନନ୍ଦ ଶିଶୁ ବିଦ୍ୟା ମନ୍ଦିର ସନ୍ତୋଷପୁର, ରଘୁନାଥପୁର, ରମ୍ଭା ହାଇସ୍କୁଲ, ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ସାବୁଳିଆ, ଏମଏସଭି ପବ୍ଲିକ ସ୍କୁଲ ଆଦି ଶିକ୍ଷାନୁଷ୍ଠାନର ଏକ ଶହରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗନେଇଥିବା ବେଳେ ପ୍ରତ୍ୟେକ ଶ୍ରେଣୀରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସହ ପ୍ରତିଯୋଗିତାରେ ଭାଗ ନେଇ ଥିବା ପ୍ରତ୍ୟେକଙ୍କୁ ସାର୍ଟିଫିକେଟ ଓ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଶିବିରକୁ ଉମାକାନ୍ତ ସାହୁ, ରଥଙ୍ଗ ରମଣ ନାହାକ, ସୁମନ୍ତ ନାହାକ, ନଟବର ରାଉତ, ଶୋଭାକାର ନାୟକ ଆଦି ବ୍ୟକ୍ତିମାନେ ପରିଚାଳନା କରିଥିଲେ । ଏହି ଶିବିରରେ ମୁରଲୀଧର ପ୍ରଧାନ, ନୀଳାଞ୍ଚଳ ସେନାପତି, ବନବାସ ସେଠୀ ଆଦି ଗଣମାଧମ ପ୍ରତିନିଧି ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।

# ବ୍ରହ୍ମଗିରିର ସଦ୍ୟାନ୍ତ ଶତପଥୀଙ୍କୁ ଜାତୀୟ ତରୁଣ ଲେଖକ ସମ୍ମାନ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ପୁରୀ ଜିଲ୍ଲା ବ୍ରହ୍ମଗିରି ବ୍ଲକ ବିଜିପୁର ଗ୍ରାମର ସଦ୍ୟାନ୍ତ ଶତପଥୀଙ୍କୁ ଭୁବନେଶ୍ୱର ଗୀତ ଗୋବିନ୍ଦ ସଦନ ଠାରେ ଅନୁଷ୍ଠିତ ସପ୍ତମ ଜାତୀୟ ବହୁଭାଷୀ ଶିଶୁ ସାହିତ୍ୟ ମହୋତ୍ସବରେ ସମ୍ମାନିତ କରାଯାଇଛି । ସାମାଜିକ ସଂସ୍ଥା ଅଙ୍କୁର ଫାଉଣ୍ଡେସନ ପକ୍ଷରୁ ଦୁଇଦିନ ଧରି ଏହି ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ପୁରୀ ମଦର୍ସ ସ୍କୁଲରେ ସପ୍ତମ ଶ୍ରେଣୀରେ ପଢୁଥିବା ସଦ୍ୟାନ୍ତଙ୍କ ଦ୍ୱାରା ଲେଖା ଯାଇଥିବା ସୃଜନଶୀଳତା, ପ୍ରକାଶନ ଏବଂ ସମର୍ପଣ ପ୍ରଦର୍ଶନ କରିଥିବାରୁ ଏହି ସମ୍ମାନ ମିଳିପାରିଛି । ସେ ତରୁଣ ଲେଖକ ପ୍ୟାନେଲ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ତାଙ୍କ ଦ୍ୱାରା ଲିଖିତ ଶିଶୁ କାହାଣୀ ଉପସ୍ଥାପନ କରିଥିଲେ । ସଦ୍ୟାନ୍ତ ଗଳ୍ପମାଳା ଏବଂ ଡୋଣ୍ଟ ଜଜ୍ ଦ ବୁକ୍ ବାଏ ଇଟସ୍ କଭର୍ ନାମକ ଦୁଇଟି ପୁସ୍ତକ ପୂର୍ବରୁ ପ୍ରକାଶିତ ହୋଇଛି । ପିଲାଟି ବହୁତ ସୃଜନଶୀଳ, ଅଧ୍ୟୟନ ଏବଂ ଲେଖାରେ ଉଦ୍ଭାବନଶୀଳ । ଏହି ଦୁଇ ଦିନିଆ କାର୍ଯ୍ୟକ୍ରମରେ ଲେଖକ, କବି, ଶିକ୍ଷକ, କାହାଣୀକାର, ସାମାଜିକ କର୍ମୀ, ଗଣମାଧମ ବୃତିଗତ କାର୍ଯ୍ୟକର୍ତ୍ତା, ଯୁବ ଲେଖକ ଅଂଶଗ୍ରହଣ କରିଥିଲେ । ଅଙ୍କୁର ଫାଉଣ୍ଡେସନ ଦ୍ୱାରା ଆୟୋଜିତ କଣ୍ଢେଇ ନାଚ, କାହାଣୀ କହିବା, ଚଳଚ୍ଚିତ୍ର ନିର୍ମାଣ, ସାହିତ୍ୟ କର୍ମଶାଳାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଅଙ୍କୁର ଫାଉଣ୍ଡେସନର ଅଧକ୍ଷା ଏବଂ ପରିଚାଳନା ଟ୍ରଷ୍ଟି ଚିନ୍ମୟୀ ପଣ୍ଡା ସେଠାରେ ଅଂଶଗ୍ରହଣ କରିଥିବା ସମସ୍ତ ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

# ମାନବ ଶରୀର ଉପରେ ବିଷାକ୍ତ ପ୍ରଭାବ ପକାଉଛି 'ଅରୁଗୁଣ ଉଦ୍ଭିଦ'

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ସମେତ ଭାରତରେ ଦେଖିବାକୁ ମିଳୁଥିବା ସାଇକାଡ୍ ବା ସ୍ଥାନୀୟ ଭାଷାରେ ଜଣାଶୁଣା 'ଅରୁଗୁଣ ବା ଭେରୁ ଉଦ୍ଭିଦ' ମଣିଷ ଶରୀର ପାଇଁ କ୍ଷତିକାରକ । ଏହାର ଫଳ ଓ ଅନ୍ୟ ଅଂଶଗୁଡ଼ିକର ବିଷାକ୍ତ ପ୍ରଭାବ ରହିଛି । ଏନେଇ ଏମ୍ସ ଭୁବନେଶ୍ୱରର ଗବେଷଣା ଟିମ୍ ସୂଚନା ଦେବା ସହ ସତର୍କ କରିଛି । ଏବେ ଓଡ଼ିଶାର ବିଭିନ୍ନ ଜଙ୍ଗଲ ସମେତ ଖୋର୍ଦ୍ଧା, ଢେଙ୍କାନାଳ ଆଦି କେତେକ ଜିଲ୍ଲାରେ ଏହି ଉଦ୍ଭିଦ ପ୍ରାଚୀନ କାଳରୁ ରହିଆସିଛି । କିଛି ଲୋକ ଏହି ଗଛର ଫଳକୁ ଖାଦ୍ୟ ଭାବେ ବ୍ୟବହାର କରୁଛନ୍ତି । ପିଠା ତିଆରି କରି ଖାଇବା ସହ ପୂଜାପର୍ବ ଓ ରୀତିନୀତିରେ ବ୍ୟବହାର କରୁଛନ୍ତି । ତେବେ ଗବେଷଣା କରୁଥିବା ବିଶେଷଜ୍ଞମାନେ ଅରୁଗୁଣ ଉଦ୍ଭିଦର ବିଷାକ୍ତ ପ୍ରଭାବ ଜାଣିବା ପରେ ଚିନ୍ତାବ୍ୟକ୍ତ କରିବା ସହ ଏହା ଉପରେ ବିଶ୍ୱସ୍ତରୀୟ ଗବେଷଣା ଆରମ୍ଭ କରିଛନ୍ତି ।





ତଥ୍ୟ ଅନୁଯାୟୀ, ଏହି ଉଦ୍ଭିଦର ବିଭିନ୍ନ ପ୍ରଜାତିରେ ନ୍ୟୁରୋଟକ୍ସିନ ଚିହ୍ନଟ ହୋଇଛି । ଜାପାନ ସମେତ ବିଭିନ୍ନ ରାଷ୍ଟ୍ରରେ ଏହି ଉଦ୍ଭିଦକୁ ଖାଦ୍ୟ ଭାବେ ବ୍ୟବହାର କରୁଥିବା ଲୋକେ ନାନା ରୋଗର ଶିକାର ହେଉଥିବା ପ୍ରମାଣିତ ହୋଇସାରିଛି । ତେବେ ବିଭିନ୍ନ ଜଟିଳ ସ୍ନାୟୁବିକ (ନ୍ୟୁରୋଲୋଜିକାଲ) ରୋଗର ବର୍ଦ୍ଧିତ ଘଟଣା ସହିତ ସିଧାସଳଖ ଜଡିତ କି ନାହିଁ ତାହାକୁ ନେଇ ଏମ୍ସ ଟିମ୍ ପକ୍ଷରୁ ଗବେଷଣା ଆରମ୍ଭ ହୋଇଛି । ଏମ୍ସ ଭୁବନେଶ୍ୱରର ନ୍ୟୁରୋଲୋଜି ବିଭାଗ, ଅଙ୍କୋଲୋଜି, ରେଡିଓଲୋଜି, କମ୍ୟୁନିଟି ମେଡିସିନ୍, ପାଥୋଲୋଜି, ଡର୍ମାଟୋଲୋଜି ବିଭାଗ ସମେତ ପୋର୍ଟଲ୍ୟାଣ୍ଡ୍ ଓରେଗନ୍ ସ୍ୱାସ୍ଥ୍ୟ ଏବଂ ବିଜ୍ଞାନ ବିଶ୍ୱବିଦ୍ୟାଳୟର ନ୍ୟୁରୋସାଇଣ୍ଟିଷ୍ଟ ପ୍ରଫେସର ପିଟର ଏସ୍. ସ୍ପେନ୍ସର ଏବଂ ପ୍ରଫେସର ଭ୍ୟାଲେରି ଏସ୍ ପାଲ୍‌ମର, ଫ୍ରାନ୍ସର ଷ୍ଟ୍ରାସବର୍ଗ ବିଶ୍ୱବିଦ୍ୟାଳୟ ନ୍ୟୁରୋଲୋଜି ବିଭାଗର ପୂର୍ବତନ ପ୍ରଫେସର ଜ୍ୟାକ ରେଇସ, ଲସ୍‌ଏଞ୍ଜେଲସ୍ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଡା. ରାଜର୍ଷି ମଜୁମଦାର ଏବଂ ଡା. ଜେସିକା ପାସ୍କୱା, ଏମ୍ସ ନୂଆଦିଲ୍ଲୀ ନ୍ୟୁରୋଲୋଜି ବିଭାଗର ମୁଖ୍ୟ ପ୍ରଫେସର ମଞ୍ଜରୀ ତ୍ରିପାଠୀ ପ୍ରମୁଖ ଏହା ଉପରେ ଅଧିକ ଗବେଷଣା କରୁଛନ୍ତି । ଏହି କ୍ରମରେ ବିଶ୍ୱସ୍ତରୀୟ ବିଶେଷଜ୍ଞମାନେ ଖୋର୍ଦ୍ଧା ଜିଲ୍ଲାର ଧୂଆଁନାଳି ଏବଂ ଢେଙ୍କାନାଳ ଜିଲାର କାମାକ୍ଷାନଗରର ଗଙ୍ଗାମୁଣ୍ଡା, ସୁଆଗିନାଳି ଗ୍ରାମଗୁଡ଼ିକୁ କ୍ଷେତ୍ର ପରିଦର୍ଶନ କରିଥିଲେ । ଏହି ଅଞ୍ଚଳରେ ସ୍ଥାନୀୟ ଆଦିବାସୀ ଲୋକେ ପାରମ୍ପରିକ ଖାଦ୍ୟ ଉତ୍ସ ଭାବରେ ସାଇକାଡ଼ ଗଛ ଉପରେ ମୁଖ୍ୟତଃ ନିର୍ଭରଶୀଳ । ଏହା ଖାଇବାରୁ ସୃଷ୍ଟି ହେଉଥିବା ସମ୍ଭାବ୍ୟ ସ୍ନାୟୁ ଏବଂ ଏଥିସମ୍ପର୍କିତ ସ୍ୱାସ୍ଥ୍ୟ ସମସ୍ୟାଗୁଡ଼ିକ ସମ୍ପର୍କରେ ବିଶେଷଜ୍ଞମାନେ ଗ୍ରାମବାସୀ, ରୋଗୀ ଏବଂ ସ୍ଥାନୀୟ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସହିତ ସିଧାସଳଖ ଆଲୋଚନା କରିଥିଲେ ।

ଅପରପକ୍ଷେ ସମ୍ପୃକ୍ତ ଉଦ୍ଭିଦରେ କୌଣସି ବିଷାକ୍ତ ପ୍ରଭାବ ଅଛି କି ନାହିଁ, ଏହି ପ୍ରଶ୍ନର ସମାଧାନ ପାଇଁ ଜାତୀୟ, ଅନ୍ତର୍ଜାତୀୟ ବୈଜ୍ଞାନିକ ଏବଂ ଚିକିତ୍ସା ବିଶେଷଜ୍ଞଙ୍କୁ ନେଇ 'ସାଇକାଡ-ସମ୍ବନ୍ଧିତ ସ୍ନାୟୁଗତ ବ୍ୟାଧି: ଏହାର ପ୍ରତିକାର ପାଇଁ ଏକ ବହୁ-ପରିମାଣୀୟ ପଦ୍ଧତି' ଶୀର୍ଷକ ଏକ ଅନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏମ୍ସ ଭୁବନେଶ୍ୱର ନ୍ୟୁରୋଲୋଜି ବିଭାଗ ଏବଂ ଉତ୍ତର-ପୂର୍ବ ହିଲ ବିଶ୍ୱବିଦ୍ୟାଳୟ (ଏନ୍‌ଇଏଚ୍‌ୟୁ) ଶିଲଂ ପକ୍ଷରୁ ଆୟୋଜିତ ଏହି କର୍ମଶାଳାରେ ସାଇକାଡ୍ ସହିତ ଜଡ଼ିତ ଗମ୍ଭୀର ସ୍ୱାସ୍ଥ୍ୟ ବିପଦ ଉପରେ ବିଶେଷଜ୍ଞମାନେ ଆଲୋକପାତ କରିଥିଲେ । ମୁଖ୍ୟ ଅତିଥି ଭାବେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର (ଡ.) ଆଶୁତୋଷ ବିଶ୍ୱାସଙ୍କ ସହ ବିଶ୍ୱସ୍ତରୀୟ ବିଶେଷଜ୍ଞମାନେ ଯୋଗ ଦେଇଥିଲେ । ଏହି ପ୍ରାଚୀନ ଉଦ୍ଭିଦ ପ୍ରଜାତି ୩୦୦ ନିୟୁତ ବର୍ଷରୁ ଅଧିକ ସମୟ ଧରି ଡାଇନୋସର ସହିତ ରହିଥିଲା । ଏବେ ପ୍ରାୟତଃ ଆଳଙ୍କାରିକ ଉଦ୍ଭିଦ ଭାବରେ ବ୍ୟବହୃତ ହେଉଛି । ଏହି ସାଇକାଡ ପ୍ରଜାତିରେ ସାଇକାସିନ ଏବଂ ମିଥାଇଲାଜୋକ୍ସିମେଥାନଲ ସମେତ ଶକ୍ତିଶାଳୀ ବିଷାକ୍ତ ପଦାର୍ଥ ଥାଏ । ଏହି ବିଷାକ୍ତ ପଦାର୍ଥଗୁଡ଼ିକ ଆମେରିକାର ଗୁଆମ ଉପଦ୍ୱୀପ ଏବଂ ଜାପାନର କିଓ୍ୱି ଉପଦ୍ୱୀପରେ ପାରମ୍ପରିକ ଖାଦ୍ୟର ଏକ ଅଂଶ ଭାବେ ବ୍ୟବହାର ହେଉଛି । ତେବେ ଏହା ପାର୍କିନସନ, ଡିମେନ୍ସିଆ ଭଳି ଜଟିଳ ସ୍ନାୟୁଗତ ରୋଗ ସୃଷ୍ଟି କରୁଥିବା ପ୍ରମାଣିତ ହୋଇଥିବା ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି ।

# ଜୟପାଟଣା ମୁଖ୍ୟ ରାସ୍ତା ପାଲଟିଛି ରେସିଂ ମଇଦାନ

**ମୁଖୀଗୁଡ଼ା, ନ୍ୟୁଜ୍‌ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା ଜୟପାଟଣା ମୁଖ୍ୟ ରାସ୍ତା ପାଲଟିଛି ଏବେ ବାଇକ୍ ଚାଳକଙ୍କ ପାଇଁ ରେସିଂ ମଇଦାନ । କେତେକ ଯୁବକ ଜୟପାଟଣା ମୁଖ୍ୟରାସ୍ତରେ ଦ୍ରୁତ ଗତିରେ ମୋଟର ସାଇକେଲ ଚଳାଉଛନ୍ତି ଯେ ସାଧାରଣ ଲୋକେ ଭୟଭୀତ ହେଉଛନ୍ତି । କିଛିଦିନ ତଳେ ଏକ ନମ୍ବର ବିହୀନ ମୋଟର ସାଇକେଲ ଦ୍ରୁତ ଗତିରେ ବେପରୁଆ ଭାବେ ବଡ଼ପୋଲିଆ ଦେଇ ଗଲା ଯେ ବାଇକ୍ ଚାଳକକୁ ଦେଖିହେଲା ନାହିଁ । ରାସ୍ତାରେ ଯାଉଥିବ ଲୋକ ବାଇକ୍‌ର ଶବ୍ଦରେ ଭୟଭୀତ ହୋଇଯାଇଥିଲେ । ବିଭିନ୍ନ ସମୟରେ କେତେକ ବାଇକ୍ ଏପରି ଦ୍ରୁତ ଗତିରେ ଯାଉଛି ଯେ ରାଜବାଟି ସାମ୍ନାରେ ଥିବା ହମ୍ପ୍‌ସକୁ ବି ମାନୁନାହାନ୍ତି । ଦ୍ରୁତ ଗତିରେ ଯାଉଥିବା ବାଇକ୍ ପାଇଁ ସାଧାରଣ ଲୋକେ ଭୟଭୀତ ହେଉଥି ବେଳେ ଛୋଟ ମୋଟ ଦୁର୍ଘଟଣା ଘଟୁଛି । ବଜାରକୁ ଆସୁଥିବା ଲୋକେ ନିଜକୁ ସୁରକ୍ଷିତ ମଣୁ ନାହାନ୍ତି । ବେପରୁଆ ବାଇକ୍ ଚାଳକଙ୍କ ଉପରେ ଅଙ୍କୁଶ ନଲଗାଇଲେ ବହୁ ଧନଜୀବନ ନଷ୍ଟ ହେବା ସମ୍ଭାବନା ରହିଛି । ଏହାର ପ୍ରତିକାର ପାଇଁ ଦାବି ହେଉଛି ।




ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଭୂଟାନରେ ଜଳ ବିଦ୍ୟୁତ୍ ପ୍ରକଳ୍ପ ଯୋଗୁଁ ଖସିଯିବ ଦେଶର ଅଭିବୃଦ୍ଧି

ଅର୍ଥନୀତିକୁ ଦ୍ରୁତ ଗତିରେ ଆଗକୁ ବଢ଼ାଇବାରେ ଅନ୍ୟ ସବୁ ଦେଶକୁ ଭାରତ ପଛରେ ପକାଇ ଦେଇଛି। ଏହା ଅନ୍ୟମାନଙ୍କଠାରୁ ଢେର ଦ୍ରୁତ ଗତିରେ ଆଗକୁ ବଢୁଥିବା ବିଶ୍ୱବ୍ୟାଙ୍କ ପକ୍ଷରୁ କୁହାଯାଇଛି। ଉପଯୋଗିତା ବଢୁଥିବାରୁ ଭାରତୀୟ ଅର୍ଥନୀତି କ୍ଷିପ୍ର ଗତିରେ ଦୌଡୁଛି। ତେଣୁ ଏହା ସବୁଠୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତିର ମାନ୍ୟତା ବଜାୟ ରଖିବ। ନିକଟରେ ଜିଏସ୍‌ଟିରେ କରାଯାଇଥିବା ସଂସ୍କାର ଅର୍ଥନୀତିକୁ ଆଗକୁ ବଢ଼ିବାରେ ସମର୍ଥନ କରିବ ବୋଲି ବିଶ୍ୱବ୍ୟାଙ୍କ କହିଛି। ଏହା ନିଜର ସଦ୍ୟତମ ରିପୋର୍ଟରେ ଆକଳନ କରିଛି ଯେ ୨୦୨୫-୨୬ ଆର୍ଥିକ ବର୍ଷରେ ଭାରତର ମୋଟ୍ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୬.୫ ପ୍ରତିଶତ ରହିବ। ଏହା ନିଜର ପୂର୍ବ ଆକଳନ ୬.୩ ପ୍ରତିଶତକୁ ବଦଳାଇ ଅଧିକ କରିଛି। କିନ୍ତୁ ୨୦୨୬-୨୭ରେ ଭାରତର ଅଭିବୃଦ୍ଧି ୬.୩ ପ୍ରତିଶତକୁ ହ୍ରାସ ପାଇବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଲଗାଇଥିବା ୫୦ ପ୍ରତିଶତ ଶୁଳ୍କ ପ୍ରଭାବରେ ଭାରତର ଅର୍ଥନୀତି ମନ୍ଥର ହେବ ବୋଲି ଏହା କହିଛି। ଚଢ଼ା ଶୁଳ୍କ ପ୍ରଭାବରେ ଦେଶର ରପ୍ତାନି ପ୍ରଭାବିତ ହେବ। ସେଥିପାଇଁ ଅର୍ଥନୈତିକ ଅଭିବୃଦ୍ଧି କମିବ ବୋଲି ବିଶ୍ୱବ୍ୟାଙ୍କ ଜଣାଇଛି। ଦକ୍ଷିଣ ପୂର୍ବ ଏସିଆର ଅନ୍ୟ ରାଷ୍ଟ୍ରଗୁଡ଼ିକ ସମ୍ପର୍କରେ ଆକଳନ କରି ବିଶ୍ୱବ୍ୟାଙ୍କ ଜଣାଇଛି ଯେ ୨୦୨୫-୨୬ରେ ବାଂଲାଦେଶର ଅଭିବୃଦ୍ଧି ୪.୮ ପ୍ରତିଶତ ରହିବ। ଭୂଟାନରେ ଜଳ ବିଦ୍ୟୁତ୍ ପ୍ରକଳ୍ପ ନିର୍ମାଣରେ ବିଳମ୍ବ ହେଉଥିବାରୁ ଏହାର ଅର୍ଥନୈତିକ ଅଭିବୃଦ୍ଧି ୭.୩ ପ୍ରତିଶତକୁ ଖସିଯିବ। ମାଳଦ୍ୱୀପର ଅଭିବୃଦ୍ଧି ୩.୯ ପ୍ରତିଶତ ରହିବ। ନିକଟରେ ନେପାଳରେ ଦେଖାଦେଇଥିବା ଅସ୍ଥିରତା ପ୍ରଭାବରେ ଦେଶର ଅଭିବୃଦ୍ଧି ୨.୧ ପ୍ରତିଶତକୁ ଖସିଯିବ ବୋଲି ବିଶ୍ୱବ୍ୟାଙ୍କ ଆକଳନ କରିଛି। ପର୍ଯ୍ୟଟନ ଓ ରପ୍ତାନିରେ ଘଟିଥିବା ଉନ୍ନତି ପ୍ରଭାବରେ ଶ୍ରୀଲଙ୍କାର ଅଭିବୃଦ୍ଧି ୩.୫ ପ୍ରତିଶତକୁ ବୃଦ୍ଧି ପାଇବ ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି। ରିପୋର୍ଟରେ କୁହାଯାଇଛି ଯେ ବିଶ୍ୱ ଅର୍ଥନୀତିରେ ମାନ୍ଦାବସ୍ଥା, ବାଣିଜ୍ୟ ନୀତିକୁ ନେଇ ଅନିଶ୍ଚିତତା, ସାମାଜିକ-ରାଜନୈତିକ ଉତ୍ତେଜନା ଏବଂ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ପ୍ରଭାବରେ ଶ୍ରମ ବଜାରରେ ଦେଖାଦେଇଥିବା ଅସ୍ଥିରତା ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିବ।

# ବଧୂ ବିଦେଶିନୀ-୪୨

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

## ୬୧. ସମାବର୍ତ୍ତନ ଉତ୍ସବ ଓ ତା' ପୂର୍ବ ଘଟଣା

ମୋର ଓ ସୁହାସୀର ପରୀକ୍ଷା ଏ ସମୟକୁ ପ୍ରାୟ ୩ ମାସ ପରେ ହେବାକୁ ଓ ତା'ର ପ୍ରାୟ ଏକମାସ ପରେ ସମାବର୍ତ୍ତନ ଉତ୍ସବ ହେବାପାଇଁ ଉଦ୍ଦିଷ୍ଟ ଥିଲା। ତେଣୁ ପଠନ କାର୍ଯ୍ୟରେ ଆମ୍ଭେମାନେ ନିଜକୁ ନିୟମିତ ଭାବେ ନିୟୋଜିତ କରାଇଲୁ। କିନ୍ତୁ ପୂର୍ବରୁ ଏକ କାର୍ଯ୍ୟ ମଂଜୁଳା ନିମିତ୍ତ କରାଇବା ପାଇଁ ଯେଉଁ ସମ୍ବାଦ ତାକୁ ପୂର୍ବରୁ ଦେଇଥିଲୁ ତାହାକୁ ଶୀଘ୍ର କରାଇବାର ପ୍ରୟାସ କରିବାକୁ ହେବ। ଏଣୁ ଆମ୍ଭେ ଦୁହେଁ ଦିନେ ଆର୍ଯ୍ୟଙ୍କ ଘରକୁ ଯାଉଥିବା ସମୟରେ ତାଙ୍କ ନିକଟରେ ନିବେଦନ କଲୁ।

ମୁଁ କହିଲି, "ଆର୍ଯ୍ୟ, ଏକ ଉତ୍ତମ କାର୍ଯ୍ୟ କରିବାପାଇଁ ତୁମ୍ଭକୁ ଆମ୍ଭେ ଦୁହେଁ ବିନତି କରୁଅଛୁ।" ଆର୍ଯ୍ୟ "କୁହ" ବୋଲି ଆମ୍ଭକୁ ଅନୁମତି ଦେବାରୁ ମୁଁ କହିଲି, "ଆମ୍ଭେ ଦୁହେଁ ଚିନ୍ତା କରୁଥିଲୁ ଯେ ଅନେକ ବାଳକ ବାଳିକା ନିଜର ବ୍ୟକ୍ତିଗତ ପ୍ରଚେଷ୍ଟାରେ ଶିକ୍ଷକଙ୍କ ନିକଟରେ ପଠନ କରି ପ୍ରଭୂତ ବିଦ୍ୟା ଅର୍ଜନ କରୁଛନ୍ତି। କିନ୍ତୁ ସେମାନଙ୍କ ଜ୍ଞାନର ପରିମାଣ ସମାଜ ଆକଳନ କରିପାରୁନାହିଁ। ଆମ୍ଭେମାନେ ଯେପରି ଆନୁଷ୍ଠାନିକ ଶିକ୍ଷାନେଇ ପ୍ରମାଣ ପତ୍ର ପାଇ ଜଗତରେ ଶିକ୍ଷିତ ବୋଲି ପରିଗଣିତ ହେଉଅଛୁ, ସେମାନେ ସେପରି ନିଜକୁ ପ୍ରତିଷ୍ଠା କରିବାରୁ ବଂଚିତ ହେଉଛନ୍ତି। ଏ ସବୁ ଆମ୍ଭେ ମଂଜୁଳିକା ଓ ତା'ର ପତି ଶୁଭ୍ରକାନ୍ତଙ୍କୁ ଦୃଷ୍ଟି ସମ୍ମୁଖରେ ରଖି କହୁଅଛୁ।" ମୋ ସହ ଯୋଗ ଦେଇ ସୁହାସୀ କହିଲା, " ଯଦି ଆମ୍ଭ ବିଦ୍ୟାପୀଠ ଆମ୍ଭମାନଙ୍କ ପରି ସେମାନଙ୍କୁ ପରୀକ୍ଷା ଦେବାର ସୁଯୋଗ ଦେଇ ସେମାନଙ୍କୁ ଉପଯୁକ୍ତ ପ୍ରମାଣ ପତ୍ର ଦେଇପାରନ୍ତା, ଏହି ନିଜ ପ୍ରଚେଷ୍ଟାରେ ପଢୁଥିବା ଛାତ୍ରଛାତ୍ରୀମାନେ ଉପକୃତ ହୋଇପାରନ୍ତେ। ତେଣୁ ତୁମ୍ଭଙ୍କୁ ଏ ଦିଗରେ ପ୍ରୟାସ କରିବାକୁ ଆମ୍ଭର ଅନୁରୋଧ।"

ଆର୍ଯ୍ୟ ଆର୍ଯ୍ୟଦତ୍ତ ପ୍ରସନ୍ନ ହୋଇ କହିଲେ, "ଅତି ଉତ୍ତମ ବିଚାର। ଏହା ଶିକ୍ଷାର ଅଗ୍ରଗତି ପଥରେ ଅତୀବ ସହାୟକ ହେବ। ତୁମ୍ଭେ ଚିନ୍ତା କରନାହିଁ। କାଲି ଅଧକ୍ଷଙ୍କ ନିକଟରେ ଆମ୍ଭ ଅଧ୍ୟାପକମାନଙ୍କ ଏକ ସାକ୍ଷାତ ଅଛି। ସେଠାରେ ଏ ପ୍ରସ୍ତାବ ଆଗତ କରି ତାକୁ ଗୃହୀତ କରାଇବାର ପ୍ରଚେଷ୍ଟା କରିବି। ଅଧକ୍ଷ ସମ୍ଭବତଃ ଏହା କୁଳପତିଙ୍କ ନିକଟକୁ ଅନୁମୋଦନ ପାଇଁ ପ୍ରେରଣା କରିବେ। ଏହା ହୋଇଗଲେ ଏ ଉତ୍ତମ ପ୍ରସ୍ତାବ ନିୟମରେ ପରିଣତ ହୋଇଯିବ।" ଆମ୍ଭେ ପ୍ରଣାମ କରି ଧନ୍ୟବାଦ ଅର୍ପଣ କଲୁ।

ପ୍ରାୟ ଏକ ମାସ ପରେ ଆର୍ଯ୍ୟ ଆମ୍ଭଙ୍କୁ କହିଲେ, "ପୁତ୍ରୀଦ୍ୱୟ, ତୁମ୍ଭର ଉତ୍ତମ ବିଚାର ବିଶ୍ୱ ବିଦ୍ୟାପୀଠଦ୍ୱାରା କାର୍ଯ୍ୟକାରୀ ହୋଇଗଲା। ତୁମେ ମଂଜୁଳିକା ଓ ଶୁଭ୍ରକାନ୍ତ ତଥା ଅନ୍ୟ କେହିଥିଲେ କହିଦିଅ ଯେ ସେମାନେ ପାଠ୍ୟକ୍ରମ ଅନୁଯାୟୀ ପ୍ରସ୍ତୁତ ହୋଇ କ୍ରମାଦ୍ୱୟରେ ପ୍ରାକ୍ ମଧ୍ୟମା, ଉତ୍ତର ମଧ୍ୟମା, ଶାସ୍ତ୍ରୀ ଓ ସର୍ବୋଚ୍ଚ ଶିକ୍ଷା ଆର୍ଯ୍ୟ ଉପାଧି ଲାଭ ନିମିତ୍ତ ଅଗ୍ରସର ହୁଅନ୍ତୁ।" ଶୁଣି କରି ଆମ୍ଭେ ଆନନ୍ଦିତ ହେଲୁ ଓ ପତ୍ର ସହ ପାଠ୍ୟକ୍ରମ ଓ ପୁସ୍ତକମାନ ମଂଜୁଳାକୁ ପ୍ରେରଣ କରିଦେଲୁ। ଅତି ଆନଂଦରେ ମଂଜୁଳା ଓ ଶୁଭ୍ରକାନ୍ତ ଆସି ଆମ୍ଭ ସହ ମିଳିଲେ ଓ ଆର୍ଯ୍ୟଙ୍କ ଉପଦେଶ ନେଇ ଦୁଇ ତିନି ମାସ ପରେ ପରୀକ୍ଷା ଦେବାପାଇଁ ପ୍ରସ୍ତୁତିରେ ଲାଗିପଡିଲେ।

ଦୁଇତିନି ମାସ ପରେ ଆମ୍ଭ ସମସ୍ତଙ୍କ ପରୀକ୍ଷାର କାର୍ଯ୍ୟନିର୍ଘଣ୍ଟ ସ୍ଥିରିକୃତ ହୋଇଗଲା। ଗୃହରେ ପଠନ କରିଥିବା ଓ ଶିକ୍ଷାନୁଷ୍ଠାନର ସମସ୍ତ ବିଦ୍ୟାର୍ଥୀ ବିଦ୍ୟାର୍ଥିନୀ ପରୀକ୍ଷା ଦେଲେ। ସମସ୍ତେ ଫଳାଫଳ ଆସିବାକୁ ଅପେକ୍ଷା କରି ରହିଲେ। ପ୍ରଥମେ ମଂଜୁଳା ଓ ଶୁଭ୍ରକାନ୍ତଙ୍କ ପ୍ରାକ୍ ମଧ୍ୟମା ଫଳ ଘୋଷିତ ହେଲା ଓ ସେମାନେ ଉତ୍ତମ ମୂଲ୍ୟାୟନ ସହ ଉତ୍ତୀର୍ଣ୍ଣ ହୋଇଥିଲେ। ନିମ୍ନ ଶ୍ରେଣୀର ହୋଇଥିବାରୁ ଲଳିତଗିରି ବିଦ୍ୟାପୀଠଠାରେ ଅଧକ୍ଷ ସମସ୍ତଙ୍କୁ ପ୍ରମାଣ ପତ୍ର ପ୍ରଦାନ କଲେ। ସେ ଦୁହିଁଙ୍କ ଆନଂଦ ନ ସରେ। ଏପରି ଏକ ପ୍ରମାଣପତ୍ର ସେମାନଙ୍କୁ ସମାଜରେ ଉପଯୁକ୍ତ ପରିଚୟ ଦେଇଥାଏ। ସେମାନେ ପରବର୍ତ୍ତୀ ସୋପାନ ଉତ୍ତର ମଧ୍ୟମା ପରୀକ୍ଷା ଦେବାପାଇଁ ପ୍ରସ୍ତୁତ ହୋଇ ରହିଲେ।

ପରୀକ୍ଷା ଶେଷ ହେବାର ଏକମାସ ପରେ ଆମ୍ଭର ସମାବର୍ତ୍ତନ ଉତ୍ସବ ରତ୍ନଗିରିଠାରେ ହେବାର ଘୋଷଣା ପ୍ରକାଶ ପାଇଲା। ତା' ପୂର୍ବରୁ ଆମ୍ଭର ପରୀକ୍ଷାର ଫଳାଫଳ ଘୋଷିତ ହେବ। ତା'ର ଅପେକ୍ଷାରେ ଆମ୍ଭେ ରହିଲୁ।

ଏହାପରେ ଦିନେ ଆର୍ଯ୍ୟ ଆର୍ଯ୍ୟଦତ୍ତ ଆମ୍ଭ ଦୁହିଁଙ୍କୁ କହିଲେ, "ପୁତ୍ରୀମାନେ, ଯେହେତୁ ଆମ୍ଭ ଯବଦେଶର ଶୈଳେଂଦ୍ର ଶାସନ ପୁଷ୍ପଗିରି ବିଶ୍ୱବିଦ୍ୟାପୀଠର ଏକ ପୃଷ୍ଠପୋଷକ ଅଟନ୍ତି, ତେଣୁ ତୁମ୍ଭ ବିବାହକୁ ତୁମ୍ଭ ଦୁଇଙ୍କ ପିତାମାତା ଓ ସହଯୋଗୀମାନେ ଏକ ସ୍ୱତନ୍ତ୍ର ବୋଇତ ଯୋଗେ ଉତ୍ସବର ଦୁଇ ଦିନ ପୂର୍ବରୁ ଆସି ପହଞ୍ଚିଛନ୍ତି ବୋଲି ମୁଁ ମଧ୍ୟ କୁଳପତିଙ୍କୁ ଜ୍ଞାତ କରାଇଦେଇଥିଲି। ସେମାନଙ୍କ ପକ୍ଷରୁ ତୁମ୍ଭ ବିବାହରେ ଯୋଗ ଦେବାପଇଁ ମୁଁ ମଧ୍ୟ ନିମନ୍ତ୍ରିତ କରିଦେଇଥିଲି। କୁଳପତି ମହୋଦୟ ଏଥିରେ ସମ୍ମତ ହୋଇ ମୋତେ ଲେଖିଥିଲେ ଯେ ତୁମ୍ଭ ଦୁହିଁଙ୍କ ପିତା ସମାବର୍ତ୍ତନ ଉତ୍ସବରେ ସମ୍ମାନିତ ଅତିଥିଭାବେ ମଂଚ ମଣ୍ଡନ କରିବେ। ମୋତେ ଏ ବିଷୟ ସେମାନଙ୍କୁ ଅବଗତ କରାଇଦେବାକୁ ସେ କହିଥିଲେ। ସେ ମଧ୍ୟ ଜଣେ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ପ୍ରେରିତ କରି ତୁମ୍ଭ ପିତାଦ୍ୱୟଙ୍କୁ ଏଥିପାଇଁ ଆମନ୍ତ୍ରଣ କରିବେ। ତେଣୁ ତୁମ୍ଭେ ଦୁହେଁ ସେ ସମୟରେ ରତ୍ନଗିରି ସ୍ଥାନାନ୍ତରିତ ହେବ। ବୋଧହୁଏ ଲଳିତଗିରି ତୁମ୍ଭର ସେ ସମୟରେ ଶେଷବାସସ୍ଥଳୀ ହେବ।" ଆମ୍ଭେ କରଯୋଡି ଆର୍ଯ୍ୟଙ୍କ ସମ୍ବାଦକୁ ଗ୍ରହଣ କଲୁ।

ସମାବର୍ତ୍ତନ ଉତ୍ସବର ପ୍ରାୟ ଦଶଦିନ ପୂର୍ବରୁ ଆମ୍ଭମାନଙ୍କର ପରୀକ୍ଷା ଫଳ ପ୍ରକାଶ ପାଇଲା। ଆମ୍ଭେ ଦୁଇ ସଖୀ ଓ ଉଦୟନ ଉଚ୍ଚ ମୂଲ୍ୟାୟନ ଲାଭ କରି ଅନେକ ସ୍ୱତନ୍ତ୍ର ପୁରସ୍କାର ପାଇବାପାଇଁ ଯୋଗ୍ୟ ବିବେଚିତ ହୋଇଥିଲୁ। ଆମ୍ଭର ମନରେ ଅପାର ଆନଂଦ। ଅତଃ ପିତାମାତାଙ୍କ ଆସିବା ଦିନରେ ଆମ୍ଭେ ରତ୍ନଗିରି ଯିବାପାଇଁ ପ୍ରତୀକ୍ଷାରେ ରହିଲୁ।

ଏହି ସମୟରେ ଏକ ଦିନ ମୁଁ ସୁହାସୀକୁ କହିଲି, "ଦେଖ, ତୁ ତ ମଂଚରୁ ପ୍ରମାଣ ପତ୍ର ନେବାକୁ ଗଲାବେଳେ ତୋ ଭାବୀପତି ମଂଜୁନାଥ ତୋତେ ନିଶ୍ଚୟ ଦେଖିବେ। ତୁ କିପରି ତାଙ୍କୁ ଦେଖିବୁ ?" ସୁହାସୀ ହସିକରି କହିଲା ଏ ଜନ ସମୁଦ୍ରରେ ତାଙ୍କୁ ଚିହ୍ନିବା ସମ୍ଭବ ନୁହେଁ। ତେଣୁ ଅଳ୍ପଦିନପରେ ହେବାକୁ ଥିବା ବିବାହ ପର୍ଯ୍ୟନ୍ତ ଅପେକ୍ଷା ହିଁ କରିବାକୁ ହେବ।" ଦୁହେଁ ହସିଲୁ।

ତା'ପରେ ସମାବର୍ତ୍ତନ ଉତ୍ସବର ଦୁଇଦିନ ପୂର୍ବେ ଆମ୍ଭଦ୍ୱୟଙ୍କ ପିତାମାତା କଳିଂଗ ସାଗର ଦେଇ ଚେଳିତାଲୋ ପୋତାଶ୍ରୟରେ ପହଞ୍ଚିଲେ। ସେଠାରୁ ସେମାନେ ମହାନଦୀର ଅବବାହିକାର ନଦୀମାନଙ୍କ ମଧ୍ୟଦେଇ ରତ୍ନଗିରି ଓ ଆମ୍ଭ ଶ୍ୱଶୁରଙ୍କ ଗ୍ରାମ ଧୂମାତ ଶାସନ ମଧ୍ୟରେ ଥିବା ଏକ ସ୍ଥାନରେ ଅବତରଣ କଲେ। ସେଠାରୁ ଅଳ୍ପଦୂର ରତ୍ନଗିରି ବିଦ୍ୟାପୀଠ ଆସି ମୁଖ୍ୟ ବିଶ୍ରାମାଗାରେ ଅବସ୍ଥାନ କଲେ। ଆମ୍ଭେ ଦୁହେଁ ଆର୍ଯ୍ୟଙ୍କ ସମେତ ଲଳିତଗିରିରୁ ଅଶ୍ରୁଳ ବିଦାୟ ନେଇ ସେହି ବିଶ୍ରାମାଗାରରେ ପ୍ରତୀକ୍ଷାରତ ଥିଲୁ। ଦୀର୍ଘ ୬ବର୍ଷପରେ ଆମ୍ଭେ ପିତାମାତାଙ୍କୁ ଦେଖି ଆମ୍ଭ ବିଭୋର ହୋଇ ସେମାନଙ୍କ ପାଦପାଖେ ବସି ଆନଂଦାଶ୍ରୁ ବୁହାଇଲୁ। ମାତାପିତାମାନେ ଆମ୍ଭଙ୍କୁ ଦେଖି ଗଦ୍‌ଗଦ୍ ହୋଇ କହି ଲାଗିଲେ, "ତୁମ୍ଭେ ଏତେ କ୍ଷୁଦ୍ର ବାଳିକା ଥିଲ। ଏଠାରେ ପଠନ କରି ବିଦୁଷୀ ଯୁବତୀ ହୋଇଗଲଣି। ଏହା, ଆମ୍ଭପାଇଁ ଗର୍ବର ବିଷୟ। ତୁମ୍ଭେ ମହାଜ୍ଞାନୀ ପତି ଲାଭକରିଛ। ଏଥିରେ ଆମ୍ଭେ କେତେ ଆନଂଦିତ ତାହା କହି ହେଉନାହିଁ।" ଅତଃ ଏ ଦୁଇଦିନ ଆମର କିପରି ଆନଂଦରେ ସମୟ ବିତିଲା ତାହା ଆମ୍ଭେ ଜାଣିପାରିଲୁ ନାହିଁ।

ଉତ୍ସବରେ ପ୍ରଭାତ କାଳରେ ଆମ୍ଭଦ୍ୱୟଙ୍କର ଶାଶୁ ଶ୍ୱଶୁର ଆସି ପହଞ୍ଚିଲେ। ଆର୍ଯ୍ୟ ସବୁ ସଂବଂଧୀମାନଙ୍କ ମିଳନ କରାଇଦେଲେ। କୁଳଗୁରୁ ସ୍ୱାଗତ ପୂର୍ବକ କହିଲେ ଯେ, "ତୁମ୍ଭେମାନେ ବିବାହର ପୂର୍ବଦିନ ଆମ୍ଭ ଗ୍ରାମକୁ ଆସ। ତା' ପୂର୍ବରୁ ଏଠାରେ ରୁହ। ସମସ୍ତ ଆୟୋଜନ ଆମ୍ଭେ କରୁଅଛୁ। ଯଦି ହୁଏ ଆର୍ଯ୍ୟ ମହାଶୟ ଆମ୍ଭ ସାଥିରେ ଯାଇ ସେ ସମସ୍ତ ଦେଖିପାରନ୍ତି।'' ସେହିପରି ମାତାମାନଙ୍କ ମିଳନ ହୋଇ ସୌହାର୍ଦ୍ଦ୍ୟ ପ୍ରକଟିତ ହେଲା। ଆମ୍ଭେ ଦୁହେଁ ଉଦୟନଙ୍କ ମାତା ଓ ଗୁରୁମାତାଙ୍କ ସଂପୂର୍ଣ୍ଣ ପ୍ରୋତ୍ସାହନରେ ଯେ ତର୍କ ଜିତିଲୁ ତାହା ମଧ୍ୟ କହିଦେଲୁ।

ମଂଜୁଳିକା ଓ ଶୁଭ୍ରକାନ୍ତ ମଧ୍ୟ ଏହି ଉତ୍ସବରେ ଆମ୍ଭର ପ୍ରମାଣପତ୍ର ଓ ପୁରସ୍କାର ଗ୍ରହଣ ଦେଖିବାକୁ ଆସିଥିଲେ। ଆମ୍ଭେ ଆମ୍ଭ ପିତାଦ୍ୱୟଙ୍କୁ କହିଦେଲୁ ଯେ ଶୁଭ୍ରକାନ୍ତ ଓ ମଂଜୁଳିକା ହେଉଛନ୍ତି ଯଥାକ୍ରମେ ଶ୍ରେଷ୍ଠୀ ସୋମନାଥ ଓ ଶ୍ରେଷ୍ଠୀ ପୁଣ୍ଡରିକଙ୍କ ପୁତ୍ର ଓ କନ୍ୟା ଅଟନ୍ତି। ସେମାନେ ଶୁଣି ଦୁଇ ଶ୍ରେଷ୍ଠୀଙ୍କୁ ଅନେକ ଆଭାର ପ୍ରକଟ କଲେ ଓ ମଂଜୁଳିକାକୁ ଯବଦେଶ ଆସି ମୋ ସହ ବିଦ୍ୟାବିତରଣରେ ସାମୟିକ ଭାବେ ଯୋଗ ଦେବାକୁ କହିଲେ। ଶୁଭ୍ରକାନ୍ତ ଓ ମଂଜୁଳା ଯବଦେଶ ଗଲେ ସେମାନଙ୍କ ସହ ସାକ୍ଷାତ କରିବାକୁ ମଧ୍ୟ ନିମନ୍ତ୍ରଣ ଦେଲେ।

ଏହାପରେ ଆମ୍ଭେ ସମସ୍ତେ ସମାବର୍ତ୍ତନ ଉତ୍ସବ ପ୍ରାଙ୍ଗଣକୁ ଗମନ କଲୁ। ସେହି ଚିରାଚରିତ ରୀତିର ଉତ୍ସବ। ପ୍ରାରମ୍ଭିକ ଭାଷଣ, ପୁରସ୍କାର ଓ ଉପାଧି ଜନିତ ପ୍ରମାଣ ପତ୍ର ପ୍ରଦାନ, ଆମନ୍ତ୍ରିତ ଅତିଥିଙ୍କ ଭାଷଣ ଓ ଶେଷରେ କୁଳପତିଙ୍କ ଦୀକ୍ଷାନ୍ତ ଭାଷଣ। ଆମ୍ଭର ଏ ଆନଂଦ ଥିଲା ଯେ ଆମ୍ଭେ ଆମ୍ଭର ପିତାଙ୍କ ଓ କୁଳପତିଙ୍କ ହସ୍ତରୁ ସମସ୍ତ ପ୍ରମାଣ ଓ ମାନପତ୍ର ପ୍ରାପ୍ତ ହେଲୁ। ସେଗୁଡିକୁ ହାତରେ ରଖିବାଦ୍ୱାରା ଏପରି ଅନୁଭୂତ ହେଲା ଯେ ଆମ୍ଭେ ଜୀବନରେ ପୂର୍ଣ୍ଣତା ଲାଭ କରିଛୁ। ଅନନ୍ୟ ସେ ଅନୁଭବ।

ଉତ୍ସବ ପରିସମାପ୍ତି ପରେ ଆମ୍ଭ ଦୁହିଁଙ୍କ ପିତା, ଶ୍ୱଶୁର ଓ ତତ୍ତ୍ୱାବଧାରକ ଗୁରୁ ଆର୍ଯ୍ୟଦତ୍ତ ନିଜ ନିଜ ପତ୍ନୀଙ୍କ ସହ କୁଳପତି ଆମନ୍ତ୍ରିତ କରିଥିବା ସାଂଧ୍ୟ ଭୋଜନରେ ଯୋଗ ଦେବାକୁ ଗଲେ।

ତେଣୁ ଆମ୍ଭେ ଦୁହେଁ ହର୍ଷୋତ୍‌ଫୁଲ୍ଲିତ ହୋଇ ପଦଯାତ୍ରାରେ ନିକଟସ୍ଥ ଆମ୍ଭ ବିଶ୍ରାମାଗାର ଅଭିମୁଖେ ପଦଯାତ୍ରା କରିବାରେ ଲାଗିଲୁ। କିନ୍ତୁ ଏ ସମୟରେ ଏକ ଅପ୍ରତ୍ୟାଶିତ ଘଟଣା ଘଟିତ ହୋଇଗଲା, ଯାହା ବିଷୟରେ ମୁଁ କହୁଅଛି। (କ୍ରମଶଃ)

# ସ୍ୱାଧୀନତାର ଅହଙ୍କାର

ଡ଼. ମନୋଜ କୁମାର ମହାନ୍ତି
ଦର୍ଶନ ବିଭାଗୀୟ ମୁଖ୍ୟ,
ବି.ଏନ.ଏମ.ଏ,
ମହାବିଦ୍ୟାଳୟ, ଭଦ୍ରକ
ମୋ:୮୮୯୫୩୪୧୦୩୩

ବିଂଶ ଶତାବ୍ଦୀକୁ ଅତିକ୍ରମ କରି ଏକବିଂଶ ଶତାବ୍ଦୀରେ ପାଦଦେଇସାରିଛି ବିଶ୍ୱର ଜନମାନସ। ଅନେକ ଉତ୍ଥାନ ଓ ପତନ, ଘଟଣା ଓ ଅଘଟଣା ସହ ଜଡ଼ିତ ଏ ବିଶ୍ୱଜୀବନ। ବିବିଧତା ହିଁ ବିଶ୍ୱସୌନ୍ଦର୍ଯ୍ୟର କାରଣ। ସ୍ୱର୍ଗ-ମର୍ତ୍ତ୍ୟ, ପାପ-ପୁଣ୍ୟ,ଜନ୍ମ-ମୃତ୍ୟୁ ଏବଂ ସୃଷ୍ଟି-ବିନାଶର ପ୍ରୟୋଗଶାଳାରୂପେ ଯୁଗେ ଯୁଗେ ପରିଚିତ ଆମ ଧରାଧାମ। ମନ୍ଦିର, ମସଜିଦ, ଗୀର୍ଜା ଓ ଗୁରୁଦ୍ୱାରଠାରୁ ଅନ୍ୟାନ୍ୟ ଧର୍ମପୀଠର ଆରାଧ୍ୟମାନଙ୍କର ପୂଜାଅର୍ଚ୍ଚନାର ପବିତ୍ର ଭୂମି। ଆଶା, ବିଶ୍ୱାସ, ପ୍ରୟାସ, ପ୍ରତିଶ୍ରୁତି ଓ ପ୍ରତାରଣାର ବିସ୍ତୀର୍ଣ୍ଣ ଖୋଲାମଞ୍ଚ। ଏଠି ଲୁହଲହୁ, ପ୍ରେମଘୃଣା, ହିଂସାଦ୍ୱେଷ ନିତିଦିନିଆ ଘଟଣା। ଏସବୁ ସତ୍ତ୍ୱେ ଜୀବନ ଆଗେଇ ଚାଲିଛି ତା ବାଟରେ। କିନ୍ତୁ କେବେ କେମିତି ଲାଗୁଛି ସତେ ଯେମିତି ହତାଶା ଓ ନିରାଶାର କଳାବାଦଲ ବିଶ୍ୱକୁ କରାୟତ କରିସାରିଛି। ବିଶ୍ୱର କୋଣଅନୁକୋଣରେ ଯୁଦ୍ଧ, ଦ୍ୱନ୍ଦ, ହିଂସା, ଈର୍ଷା, ଘୃଣା, ଛଳନା ଓ କପଟତାରା ମଞ୍ଜି ବୁଣିବାର ବାତାବରଣ ସୃଷ୍ଟି ହୋଇଯାଇଛି। ବନ୍ଧୁତା ଉହାଡରେ ଷଡଯନ୍ତ୍ର, ପ୍ରେମ ଉହାଡ଼ରେ ଛଳନାର ଛଦ୍ମବେଶୀ ମାୟାଜାଲ, ହସର ଉହାଡରେ ନୀରବ ଅଦୃଶ୍ୟ ଈର୍ଷା କେଉଁଠି ନା କେଉଁଠି ଲୁଚିବସିଛି। ଆଖିରେ ଲୁହ, ପୁଣି ଶରୀରରେ ଭିନ୍ନଭିନ୍ନ ଅଙ୍ଗପ୍ରତ୍ୟେଙ୍ଗରୁ କ୍ଷତବିକ୍ଷତ ହୋଇ ଛୁଟୁଛି ରକ୍ତର ସୁଅ। ଜୀବନ ଆଜିକାଲି ଜଟିଳ ପରିସ୍ଥିତି ଦେଇ ଗତି କରୁଛି। ଏଠି ସେଠି ସବୁଠି ସମସ୍ୟାର ପାହାଡମାନ ମୁଣ୍ଡଟେକି ଚିତ୍କାର ସହ ଅଟ୍ଟହାସ୍ୟ କରୁଛନ୍ତି। ନଈପଠା, କାଶତଣ୍ଡି, ଝାଉଁବଣ ସମସ୍ତେ କାହିଁକି କେଜାଣି ଉଦାସ। ଈର୍ଷା ଓ ଘୃଣାରେ ଜର୍ଜରିତ ଏ ମଣିଷ ମିଛମିଛିକା ହସ ହସି ଘରୁ ବାହାରକୁ ପୁଣି ବାହାରୁ ଘରକୁ ଫେରୁଛି। ପ୍ରତିଦ୍ୱନ୍ଦିତା ଜୀବନରୁ ଫୁରସତ ମିଳୁଛି କଉଠୁ। ସେ ଆଜିକାଲି ଆଉ ଶାନ୍ତିରେ ଶୋଇପାରୁନି। ସବୁଠି ପ୍ରତିଦ୍ୱନ୍ଦିତାର ବାତାବରଣ। ନିଜକୁ ଶ୍ରେଷ୍ଠମଣି ଅନ୍ୟକୁ ହେୟ ନଗଣ୍ୟ ମନେକରୁଛି। ଅହଙ୍କାରର ଦାସ ପାଲଟିଯାଇଥିବା ମଣିଷ ସମସ୍ତେ ସମସ୍ତଙ୍କ ଉପରେ ଚଉଦପା। ମଣିଷ ଯେତେ ସଭ୍ୟ ହେଉଛି, ମସ୍ତିଷ୍କ ଯେତେ ଉର୍ବର ଏବଂ ପରିପକ୍ୱ ହେଉଛି, ସେତେ କୁଟନୈତିକ ଚକ୍ରାନ୍ତରେ ଲିପ୍ତ ରହୁଛି। ଗଣବିଧ୍ୱଂସୀ ପରମାଣୁ ବୋମା ତଥା ଉଦଜାନ, ରାସାୟନିକ ଓ ଜୈବିକ ଅସ୍ତ୍ର ସାହାଯ୍ୟରେ ଜଣେ ଅନ୍ୟଜଣକୁ ଭୟରେ ଭୟଭୀତ କରିବାରେ ଲାଗିଛି। ଅନେକ କ୍ଷୟକ୍ଷତି ସତ୍ତ୍ୱେ ତା ମାନସିକତାର କୌଣସି ପରିବର୍ତ୍ତନ ପରିଲକ୍ଷିତ ହେଉନାହିଁ।

ଯାଯାବର ତଥା ନିସଂଗ ଜୀବନ ଅତିବାହିତ କରୁକରୁ ଗୋଷ୍ଠୀଗତ ଓ ପାରିବାରିକ ଜୀବନରେ ପାଦଦେଲା ମଣିଷ। ପରେପରେ ଆରମ୍ଭ ହେଲା ସଂଘବଦ୍ଧ ଜୀବନ। କାନ୍ଧକୁ କାନ୍ଧ ମିଶେଇ ସୁଖଦୁଃଖର ସମଭାଗୀ ହେବାର ଲକ୍ଷ୍ୟରେ ଏକଜୁଟ ହୋଇଥିବା ମଣିଷ ଆରମ୍ଭ କଲା ସଭ୍ୟଜୀବନର ଏକ ନୂତନ ଅଧ୍ୟାୟ। ଆନୁମାନିକଭାବେ ଖ୍ରୀଷ୍ଟପୂର୍ବ ୪୦୦୦ରେ ମେସୋପଟାମିଆରେ ପ୍ରଥମେ ମାନବ ସଭ୍ୟତାର ଆରମ୍ଭ ହୋଇଥିଲା। ପରେ ମିଶର ସଭ୍ୟତା, ଏବଂ ଖ୍ରୀଷ୍ଟପୂର୍ବ ୩୫୦୦ରେ ଦକ୍ଷିଣ ଏସିଆରେ ସିନ୍ଧୁ ସଭ୍ୟତା ଗଢଉଠିଥିଲା। ସଭ୍ୟତା ଗଢିବାର ଏକ ମୁଖ୍ୟ ଉଦ୍ଦେଶ୍ୟ ଥିଲା ଜୀବନଶୈଳୀର ପରିବର୍ତ୍ତନ, ଏକ ଉନ୍ନତ ସାମାଜିକ ଜୀବନରେ ନିଜକୁ ସାମିଲ କରାଇବା। ବିଚାରଶୀଳ ମଣିଷର ସେଦିନ ହୃଦବୋଧ ହୋଇଥିଲା ପଶୁଭଳି ଆଉ କେତେଦିନ ବଞ୍ଚିବା, ଯାଯାବର ହୋଇ ଡ଼ାଳପତ୍ର ଓ କଞ୍ଚାମାଂସ ଖାଇ, ଉଲଗ୍ନ ହୋଇ ଏ ମୂଲ୍ୟବାନ ମଣିଷ ଜୀବନକୁ ଏମିତି କଣ ସାରିଦେବା ? ସଂଘଗତ ଜୀବନରୁ ପାରିବାରିକ ଜୀବନ, ପୁଣି ପାରିବାରିକରୁ ସାମାଜିକ ଜୀବନରେ ପଦାର୍ପଣ କରି ସଭ୍ୟଭାବେ ଜୀବନକୁ ଅତିବାହିତର ମନୋବୃତ୍ତି ତା ଜୀବନଶୈଳୀରେ ସକରାତ୍ମକ ପରିବର୍ତ୍ତନ ଆଣିଲା। ଏକ ବ୍ୟବସ୍ଥିତ ଢଙ୍ଗରେ ମାନବ ଜୀବନର ବାସ୍ତବିକତାକୁ ଆବିଷ୍କାର କରିବାରେ ଲାଗିପଡିଲା। ଯେଉଁଠି ଆବଶ୍ୟକତା ସେଇଠି ହିଁ ନୂତନତାର ସୃଷ୍ଟି। ଗଛର ବକଳ ଓ ପଶୁର ଛାଲ ପିନ୍ଧିବା ପରିବର୍ତ୍ତେ ନିଜ ଜ୍ଞାନକୌଶଳରେ ନିର୍ମିତ ପୋଷାକରେ ନିଜକୁ ଆବୃତ୍ତ କରି ଲଜ୍ୟାଭଳି ସଭ୍ୟ ଆଚରଣକୁ ଆପଣେଇବାକୁ ପସନ୍ଦ କଲା। ନିଜ ଦେହକୁ ଦୁର୍ଗନ୍ଧମୁକ୍ତ ସହ ସ୍ୱଚ୍ଛତାକୁ ଆପଣେଇବାକୁ ସେ ସ୍ନାନଶୌଚ ଆଦିରେ ଆଗ୍ରହ ଦେଖାଇଲା। ବିନା ଭୟରେ ବିଶ୍ରାମ ତଥା ସୁଖନିଦ୍ରା ପାଇଁ ସୁନ୍ଦର ଗୃହ ନିର୍ମାଣ କଲା। ନିଜ ଶରୀରର ସୁସ୍ଥତା ଓ ରୁଚିକୁ ଧ୍ୟାନରେ ରଖି ସେ ପ୍ରସ୍ତୁତି କଲା ବିଭିନ୍ନ ଖାଦ୍ୟପଦାର୍ଥ। ଅତ୍ୟାବଶ୍ୟକ ପରିମାଣଗତ ଆବଶ୍ୟକତାର ପରିପୂରଣ ପରେ ନିଜକୁ ଉତ୍କୃଷ୍ଟ ପ୍ରାଣୀଭାବେ ସମାଜରେ କିପରି ଉପସ୍ଥାପନା କରାଯିବ ସେଥିପାଇଁ ଶୃଙ୍ଖଳିତ ନୀତିନିୟମକୁ ଆଧାରବିନ୍ଦୁ କରି ସଭ୍ୟମାନବର ପରିଚୟ ସୃଷ୍ଟି କଲା। ନିଜ ଆଚରଣ ଓ ଉଚ୍ଚାରଣକୁ ଭିନ୍ନଭିନ୍ନ କ୍ଷେତ୍ରରେ ଶୃଙ୍ଖଳିତ ଏବଂ ଦାୟିତ୍ୱପୂର୍ଣ୍ଣଭାବେ ପ୍ରଦର୍ଶନପୂର୍ବକ ସଭ୍ୟସମାଜର ଗଠନ ହେଲା। ପିତାମାତା, ଭାତୃଭଗିନୀ, ଗୁରୁଜନ, ବୟୋଜ୍ୟେଷ୍ଠଙ୍କ ମଧ୍ୟରେ ସୁମଧୁର ସୁଖକର ସମ୍ପର୍କର ସେତୁ ନିର୍ମାଣ କରି ସ୍ନେହ, ପ୍ରେମ, ଶ୍ରଦ୍ଧା, ଆଦର, ସମ୍ମାନ, ଅଧିକାର ଓ ଅନୁଶାସନକୁ ଉଭୟ ପାରିବାରିକ ଓ ସାମାଜିକ ଜୀବନରେ କାର୍ଯ୍ୟକ୍ଷମ କରିବାର ପ୍ରୟାସରେ ବ୍ରତୀହେଲା ମଣିଷ। ସଭ୍ୟତାର ଅର୍ଥ ସାଂସ୍କୃତିକ, ସାମାଜିକ ଓ ଅର୍ଥନୈତିକ ବିକଶିତ ସମାଜ। ଏକ ସୁପରିକଳ୍ପିତ ବୈଷୟିକ ପ୍ରଗତିଶୀଳ ପାରମ୍ପାରିକ ସାମାଜିକ ଅନୁଷ୍ଠାନ ହିଁ ପ୍ରତ୍ୟେକ ସଭ୍ୟତାର ମାପକାଠି। ସାମାଜିକ ସୁରକ୍ଷା ଓ ପ୍ରଗତି, କୃଷି, କଳା ସ୍ଥାପତ୍ୟ, ସାହିତ୍ୟ ଓ ସଂସ୍କୃତି, ବାଣିଜ୍ୟ, ଦର୍ଶନ, ଜୀବନଧାରଣର ମୌଳିକ ଆବଶ୍ୟକତା ସହ ମାନବୀୟ ମୂଲ୍ୟବୋଧର ଗୁରୁତ୍ୱପୂର୍ଣ୍ଣ ତଥ୍ୟର ହୃଦୟଙ୍ଗମତା ପ୍ରତ୍ୟେକ ସଭ୍ୟତାର ଆଭିମୁଖ୍ୟ।

ଧିରେଧିରେ ସଭ୍ୟତାର ବିକଶିତ ହେବାରେ ଲାଗିଛି। କିନ୍ତୁ ସଭ୍ୟରୂପକ ମଣିଷର ବଂଶାନୁକ୍ରମିକ ସଭ୍ୟଚେତନା କ୍ରମଶଃ ବିପରୀତଭିମୁଖି ଆଡକୁ ଗତିକରୁଛି। ଯୌଥ ପରିବାରର ସଦସ୍ୟମାନେ ସଂକୀର୍ଣ୍ଣ ମାନସିକତା ସହ ଏକକ ପରିବାର ମାଧ୍ୟମରେ ବେଶ ଖୁସି ଅନୁଭବ କରୁଥିବାର ଦେଖାଯାଏ। ନାରୀସଶକ୍ତୀକରଣ ଦ୍ୱାରା କିଛି ନିର୍ଯାତିତ ନିଷ୍ପେସିତ ନାରୀ ଉପକୃତ ହୋଇଛନ୍ତି କିନ୍ତୁ ଅଧିକାଂଶ ନାରୀ ଏହାକୁ ଦୁରୁପଯୋଗ କରି ପୁରୁଷଙ୍କୁ ଶାରିରୀକ ଓ ମାନସିକ ନିର୍ଯାତିତ କରିବାରେ ବ୍ୟସ୍ତ। ଭଉଣୀ ସୁପର୍ଣ୍ଣେଖାର ଅଭିଯୋଗକୁ ଗ୍ରହଣ କରି ଲଙ୍କାପତିଙ୍କ ଭାବପ୍ରବଣପୂର୍ଣ୍ଣ ପ୍ରତିଶୋଧ ପରାୟଣତାପୂର୍ବକ ସୀତାଙ୍କୁ ଅପହରଣ। ଅପହରଣ ପୂର୍ବରୁ ସୀତାଙ୍କୁ ଲକ୍ଷ୍ମଣଙ୍କ ଚେତାବନୀସ୍ୱରୂପ ଲକ୍ଷ୍ମଣ ରେଖାର ପରିଧିକୁ ଉଲଂଘନ। ଭାଇ ବିଭୀଷଣ ଓ ରାଣୀ ମନ୍ଦୋଦରୀଙ୍କ ଅନୁରୋଧସତ୍ତ୍ୱେ ରାବଣର ଅଟ୍ଟହାସ୍ୟ ଓ ଅବମାନନା। ନିଜ ଜିଦ୍ ଓ ଅହଙ୍କାର ନିକଟରେ କାହାର କୌଣସି ଅନୁରୋଧ, ଉପଦେଶ, ନୀତିବାଣୀ ସବୁ ମୂଲ୍ୟହୀନ। ସ୍ୱର୍ଣ୍ଣମୟୀ ଲଙ୍କାର ବିନାଶ ପୁଣି ଶେଷରେ ଯୁଦ୍ଧରେ ନିହତ ହେଲେ ଲଙ୍କେଶ। କିଏ ଶୁଣୁଛି କାହାକୁ ? ଶ୍ରୀକୃଷ୍ଣ, ମହାମାନୀ କୌରବ ଚୂଡ଼ାମଣି ଦୁର୍ଯ୍ୟୋଧନଙ୍କୁ ପ୍ରେମ ଓ ବନ୍ଧୁତ୍ୱର ମଧୁର ପ୍ରୟାସକୁ ପ୍ରତ୍ୟାଖ୍ୟାନ ପରେ ମହାଭାରତ ଭଳି ଯୁଦ୍ଧର ଆରମ୍ଭ। କୌରବ ବଂଶ ଧ୍ୱଂସହେଲା। ନିଜକୁ ଧରାପୃଷ୍ଠର ଶ୍ରେଷ୍ଠଦାନୀଭାବେ ପରିଚିତ କରିବାର ମୋହରେ ବଳିରଜାଙ୍କ ବାମନ ବ୍ରାହ୍ମଣକୁ ତିନିପାଦ ଭୂମିଦାନ ପ୍ରତିଶ୍ରୁତିପାଇଁ ସେଦିନ ରାଜାଙ୍କୁ ପାତାଳପୁର ଯିବାକୁ ପଡିଲା। ଦୈତ୍ୟଗୁରୁ ଶୁକ୍ରାଚାର୍ଯ୍ୟଙ୍କ ବାରମ୍ବାର ବାରଣସତ୍ତ୍ୱେ ନିଜର ପ୍ରତିଜ୍ଞା ରକ୍ଷାନିମନ୍ତେ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ କଥାକୁ ଗ୍ରହଣ ନକରିବାର ପରିଣାମସ୍ୱରୂପ ପାତାଳ ନିବାସୀ ହେଲେ ବଳିରାଜା। ଏଠି କେହି କାହା କଥା ଗ୍ରହଣ କରିବା ତ ଦୂର, ଟିକେ ଶୁଣିବାକୁ ବି କାହାର ଆଗ୍ରହ ନାହିଁ। ଯାହା ସେମାନଙ୍କୁ ଠିକ୍ ଲାଗୁଛି ସେୟା ହିଁ ସେମାନେ କରୁଛନ୍ତି। ସ୍ୱାଧିନ ହୋଇ ବଞ୍ଚିବା ଓ ମତବ୍ୟକ୍ତ କରିବାର ଅଧିକାର ମିଳିଥିବା ମଣିଷଗୁଡ଼ାକ ସ୍ୱାଧିନତାକୁ ନେଇ ବୃଥା ଅହଙ୍କାର ଓ ଅଭିମାନ ଦିନକୁଦିନ ବୃଦ୍ଧି ହେବାରେ ଲାଗିଛି। ସ୍ୱାଧିନ ହୋଇ ଜିଇଁବା ନିଶାରେ ମଣିଷ ଯାହା କରୁଛନ୍ତି ତାହା କେବେ ଆତ୍ମସମୀକ୍ଷାର ପରିଧିକୁ ଆଣିବାକୁ ଚାହୁଁନାହାନ୍ତି। ସ୍ୱାଧୀନତା ନାମରେ ଅନୈତିକ, ଅପସଂସ୍କୃତି, ବ୍ୟଭିଚାର ପଥର ପଥିକଭାବେ ନିଜକୁ ସଜେଇ ଦେଉଛନ୍ତି। ପରିବର୍ତ୍ତନ ପ୍ରକୃତିର ଏକ ସ୍ୱାଭାବିକ ଅବସ୍ଥା। ପ୍ରକୃତି ତଥା ପାରିପାର୍ଶ୍ୱିକ ପରିବର୍ତ୍ତନକୁ ଗ୍ରହଣ କରିବାକୁ ଆମେ ବାଧ୍ୟ। କିନ୍ତୁ ପରିବର୍ତ୍ତନର ବିପରୀତ ପାର୍ଶ୍ୱ ବା ଅନ୍ଧାର ପାର୍ଶ୍ୱକୁ ଅନୁକରଣ ସହ ଉଗ୍ର ଅତ୍ୟାଧୁନିକତାକୁ ଆପଣେଇବାଦ୍ୱାରା ଆମେ ଆମକୁ ଭୁଲି ଜିଇଁବାର ମୌଳିକ ଅସ୍ତିତ୍ୱକୁ ନଷ୍ଟ କରୁନାହାନ୍ତି ତ ? ଆମେ ସ୍ୱାଧୀନ, ସ୍ୱାଧିନତାକୁ ଅନୁଭବ କରୁଛନ୍ତି, କିନ୍ତୁ ସ୍ୱାଧୀନତାର ମହତ୍ତ୍ୱକୁ ସଠିକ୍ ସମୟରେ, ଉପଯୁକ୍ତ ସ୍ଥାନରେ ପ୍ରତିପାଦନ କରିବାରେ ଆମେ ଅସଫଳ।

# ଅମାନିଆ ବଢାଇଲେ ବାୟୁ ପ୍ରଦୂଷଣ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)
ଗଙ୍ଗୋତ୍ରୀ ନଗର
ଶରୋଡ ନଂ-୩,
ଶିଶୁପାଳଗଡ
ମୋ-୪୩୭୯୯୪୩୭୯

ଗଲା ବର୍ଷ ଯାହା ଘଟିଥିଲା ଏବଂ ତା'ର ପୁନରାବୃତ୍ତି ଘଟିଲା, ମାତ୍ର ଦୀପାବଳୀରେ କଟକଣାକୁ ଫୁ କରି ଅମାନିଆମାନେ ଯେପରି ବାଣ ଫୁଟାଇଲେ, ତାହା କେବଳ ଅଦାଲତ ଓ ପ୍ରଶାସନ ପ୍ରତି ଚ୍ୟାଲେଞ୍ଜ ହୋଇନାହିଁ। ନିଜ ଜୀବନ ପ୍ରତି ବିପଦକୁ ଆମନ୍ତ୍ରଣ କରିଛନ୍ତି ବୋଲି କୁହାଯାଇପାରିବ। ଯାହାର ପରିଣତ ସ୍ୱରୁପ ଜାତୀୟ ରାଜଧାନୀ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୁଷିତ ସହର ହୋଇଥିବାବେଳେ ଆମ ରାଜଧାନୀ ଭୁବନେଶ୍ୱର କେତେକ ସହର ବାୟୁ ପ୍ରଦୁଷଣରେ ନୂତନ ରେକର୍ଡ ଭଙ୍ଗ କରିଛି। ଉଲ୍ଲେଖଯୋଗ୍ୟ ଯେ, ଦିଲ୍ଲୀ ଏନସିଆର ଏବଂ ଏହାର ଆଖପାଖ ଅଞ୍ଚଳରେ ଦୀପାବଳୀରେ ବାଣଫୁଟା ଉପରେ ଗଲା ୨୦୧୮ରୁ ବଳବତ୍ତର ଥିବା ନିଷେଧାଦେଶକୁ ସୁପ୍ରିମକୋର୍ଟ ସାମାନ୍ୟ କୋହଳ କରି ସବୁଜ ବାଣ ବିକ୍ରୀ ଓ ଫୁଟାକୁ ଅନୁମତି ଦେଇଥିଲେ। ଏହା ବାଣ ଫୁଟାଇବା ପାଇଁ ସର୍ବୋଚ୍ଚ ଅଦାଲତ ସୀମିତ ସମୟ ଧାର୍ଯ୍ୟ କରିଥିଲେ। ସେହିପରି ଆମ ରାଜ୍ୟରେ ରାଜ୍ୟପ୍ରଦୁଷଣ ବୋର୍ଡ ଏବଂ କମିଶନରେଟ ପୋଲିସ ସନ୍ଧ୍ୟା ୭ଟାରୁ ୯ଟା ମାତ୍ର ଦୁଇଘଣ୍ଟା ପାଇଁ ବାଣ ଫୁଟାଇବା ଲାଗି କଟକଣା ଜାରି କରିଥିଲେ। ମାତ୍ର ଦୀପାବଳୀ ଉତ୍ସବରେ ଦିଲ୍ଲୀରେ ରାତି ତମାମ ସବୁଜ ନୁହେଁ, ଉଚ୍ଚଶକ୍ତି ସମ୍ପନ୍ନ ବାଣ ଫୁଟିବା ଫଳରେ ଆକାଶ ଧୂମମୟ ହୋଇଯାଇଥିବାବେଳେ ବାୟୁମଣ୍ଡଳରେ ବିଷାକ୍ତ ଗ୍ୟାସରେ ଭରପୁର ହୋଇଯାଇଥିଲା। ମାତ୍ର ରାତିକ ଭିତରେ ଦିଲ୍ଲୀରେ ବାୟୁର ଗୁଣବତ୍ତା ତଥା ଏମକ୍ୟୁଆର ମାତ୍ର ୩୫୦କୁ ବୃଦ୍ଧି ପାଇଛି। ଦୀପାବଳୀ ପୂର୍ବରୁ ଏକକ୍ୟୁଆର ମାତ୍ର ୧୫୬.୬ ରହିଥିଲା। ଉଲ୍ଲେଖଯୋଗ୍ୟ ଯେ, ଗତବର୍ଷ ଦୀପାବଳୀ ପରଦିନ ଦିଲ୍ଲୀରେ ଏକକ୍ୟୁଆର ୩୨୮ ଥିଲାବେଳେ ୨୦୨୩ରେ ୨୦୧୮ ଓ ୨୦୨୨ରେ ୩୧୨ ଥିଲା। କେନ୍ଦ୍ର ପ୍ରଦୁଷଣ ନିୟନ୍ତ୍ରଣ ବୋର୍ଡର ତଥ୍ୟ ଅନୁଯାୟୀ ଗତ ୫ବର୍ଷ ମଧ୍ୟରେ ଏହା ସର୍ବୋଚ୍ଚ ସ୍ତରରେ ଏବଂ ସାଂଘାତିକ ସ୍ଥିତି ବୋଲି କୁହାଯାଇଛି। ସେହିପରି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ର ମାନଦଣ୍ଡ ଅନୁଯାୟୀ ଏହା ୧୦୦ଗୁଣ ଅଧିକ। ତେବେ ଦିଲ୍ଲୀର ଏହି ପ୍ରଦୁଷଣ ପାଇଁ ଚାଷୀଙ୍କ ନଡା ପୋଡିକୁ ଦାୟୀ କରାଯାଇପାରିବ ନାହିଁ। ବନ୍ୟା ଯୋଗୁ ପଞ୍ଜାବ ଓ ହରିଆନାରେ ନଡା ମୂଳ ପୋଡା ଆରମ୍ଭ ହୋଇନଥିବା କୁହାଯାଏ। ସେହିପି ରାଜ୍ୟରେ ବାଣ ଫୁଟା ପାଇଁ ରାଜ୍ୟ ପ୍ରଦୁଷଣ ବୋର୍ଡ ଓ ଟୁଇନସିଟିରେ କମିଶନରେଟ ପୋଲିସ ମାତ୍ର ଦୁଇଘଣ୍ଟା ସମୟ ଧାର୍ଯ୍ୟ କରିଥିବା ସତ୍ତ୍ୱେ ରାତି ସାରା ଫୁଟିଥିଲା। ଭୁବନେଶ୍ୱରର ଏମକ୍ୟୁଆର ହାରାହାରି ୨୯୭ ରେକର୍ଡ କରାଯାଇଥିବାବେଳେ ପଳାଶୁଣିରେ ଏମକ୍ୟୁଆର ସର୍ବୋଚ୍ଚ ୩୬୧ ଥିଲା। ତେବେ କେତେକ ବେସରକାରୀ ସଂସ୍ଥାର ଆକଳନ ଅନୁଯାୟୀ ଏମକ୍ୟୁଆର ୫୦୦ରୁ ୬୦୦ମଧ୍ୟରେ ଥିବା କୁହାଯାଇଛି। ସେହିପରି କଟକ ସହରର ସ୍ଥିତି ଅତ୍ୟନ୍ତ ସାଂଘାତିକ ହୋଇପଡିଥିବା କୁହାଯାଏ। ସହରରେ ବାୟୁ ପ୍ରଦୁଷଣ ଏମକ୍ୟୁଆର ୩୦୦କୁ ଟପିଯାଇଥିବା ଜଣାଯାଏ। କହିବା ବାହୁଲ୍ୟ ଯେ, ଧୂଳି, ଧୂଆଁ, ଓ ଆବର୍ଜନା ଯୋଗୁଁ କଟକ ସହରରେ ବାୟୁର ଗୁଣବତ୍ତା ତଥା ଏମକ୍ୟୁଆର ଯେଉଁ ତଥ୍ୟ କହୁଛି, ତାହା ଅତ୍ୟନ୍ତ ଚିନ୍ତାଜନକ। ରାଜ୍ୟ ପ୍ରଦୁଷଣ ବୋର୍ଡର ରିପୋର୍ଟ ଅନୁସାରେ ଗତ ୯ମାସ ମଧ୍ୟରେ ୭୫ଦିନ ତଥା ଅଢେଇ ମାସ ଜନସାଧାରଣ ସ୍ୱଚ୍ଛ ବାୟୁ ଗ୍ରହଣ କରିଥିବାବେଳେ ୧୦୪ଦିନ ବାୟୁର ମାନ ସନ୍ତୋଷଜନକ ରହିଥିଲା। ବାକି ୮୩ଦିନ ବାୟୁର ମାନ ମଧ୍ୟମ ଓ ଅତି ପ୍ରଦୂଷିତ ରହିଥିବା କୁହାଯାଇଛି। ଆଗକୁ ଐତିହାସିକ ବାଲିଯାତ୍ରା ଆଗକୁ ବାୟୁପଦୂଷଣ ମାତ୍ରା ଆହୁରି ଅଧିକ ହେବ ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଉଲ୍ଲେଖଯୋଗ୍ୟ ଯେ, ହୁ'ର ରିପୋର୍ଟ ଅନୁଯାୟୀ ବିଶ୍ୱରେ ବାର୍ଷିକ ବାୟୁ ପ୍ରଦୂଷଣ ଯୋଗୁଁ ୫୦ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ଘଟୁଥିବାବେଳେ ଆମ ଦେଶରେ ୫ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ଯାଉଛି। କେବଳ ରାଜଧାନୀ ଦିଲ୍ଲୀରେ ବାର୍ଷିକ ଲକ୍ଷାଧିକ ଲୋକ ମୃତ୍ୟୁବରଣ କରିଥାନ୍ତି। ଏହା ବ୍ୟତୀତ ପ୍ରତିବର୍ଷ ଶ୍ୱାସ, ହୃଦରୋଗୀଙ୍କ ସଂଖ୍ୟା ମଧ୍ୟ ବଢିଚାଲିଛି। ସେହିପରି ଉଚ୍ଚଶକ୍ତି ସମ୍ପନ୍ନ ବାଣଫୁଟାର ପ୍ରଭାବ ଲୋକଙ୍କ ଉପରେ ପଡିଛି। ବିଶେଷ କରି ଶିଶୁ, ବୃଦ୍ଧବୃଦ୍ଧା, ଶ୍ୱାସ ଓ ହୃଦରୋଗୀ ଉପରେ ବାଣଶବ୍ଦ ଏବଂ ବାୟୁ ପ୍ରଦୂଷଣ ଘାତକ ସାବ୍ୟସ୍ତ ହୋଇଛି। ଏହା ନିସନ୍ଦେହ ଯେ, ବାଣଫୁଟା ପ୍ରଭାବରେ ବିଷାକ୍ତ ଗ୍ୟାସ ଯୋଗୁଁ ଲୋକେ ଅଣନିଶ୍ୱାସୀ ହୋଇପଡିଥିବା କୁହାଯାଏ। ଏହା ସତ୍ୟ ଯେ, ଅମାନିଆ ଯୋଗୁଁ ଜୀବନ ଏବେ ବିପଦରେ। ବାୟୁ ଜୀବନ ରକ୍ଷକ ହୋଇଥିବା ଏବେ ଏବେ ପ୍ରଦୂଷିତ ବାୟୁ ଜୀବନ ନେବାର ମୁଖ୍ୟ କାରଣ ପାଲଟିଛି। ସ୍ୱଚ୍ଛ ବାୟୁ ପାଇଁ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଏହା ନିଶ୍ଚିତ ଆମେ ନିଜେ ଯଦି ବାୟୁକୁ ସ୍ୱଚ୍ଛ, ପ୍ରଦୁଷଣ ମୁକ୍ତ ନରଖିବା ତେବେ ସ୍ୱଚ୍ଛ ବାୟୁ ପାଇବା ଦିନେ ଦୁଃସ୍ୱପ୍ନ ହୋଇଯିବ। ତେଣୁ ବାୟୁକୁ ପ୍ରଦୁଷଣମୁକ୍ତ ରଖିବା ଲାଗି ସମସ୍ତେ ସଂକଳ୍ପବଦ୍ଧ ହେବା ଲାଗି ସମୟ ଏବେ ଆସିଛି। ଅନ୍ୟଥା ବିପଦକୁ ଡାକି ଆଣିବା ସାର ହେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ




# ଅସମାହିତ

**ଶରତ ଦାଶ**

କାହିଁକି ଏ ମନ ନମାନି ବନ୍ଧନ
ହୁଏ ସଦା ଧୈର୍ଯ୍ୟହରା
କାହିଁ ଏ ହୃଦୟ ନହୋଇ ସଦୟ
ସୃଜେ ଶ୍ରାବଣର ଧାରା ॥
କାହିଁ ଏ ନୟନ ହୋଇ ଛନଛନ
ଖୋଜେ କାର ଦରଶନ
କାହିଁକି କାହାର ବଚନ ଶ୍ରବଣ
କରିବାକୁ ଇଚ୍ଛେ କର୍ଣ୍ଣ ॥
କାହିଁକି କାହାର କଥା ମନେପଡେ
ଆସିଲେ ଗୋଧୂଳିବେଳେ
କାହିଁକି ଇଚ୍ଛାର ବନ୍ୟାରେ ବିବେକ
ପାଏ ନାହିଁ ଥଳକୂଳ ॥
କାହିଁପାଇଁ ଯେବେ ହୁଅଇ ପ୍ରଭାତ
ଉଦୟ ହେଲେ ତପନ
ଅନ୍ଧାର ହଟେନା ଚିନ୍ତା ଚେତନାରୁ
ଭୟ କରେ ପ୍ରପୀଡନ ॥
ଶାନ୍ତିର ବନାନୀ କାହିଁକି ଉଜୁଡେ
ଋତୁରାଜ ଆଗମନେ
ସୁନୀଳ ଆକାଶ ଦିଶଇ ଧୂସର
ମୋହ ତୁଟିଯାଏ କ୍ଷଣେ ॥
ନିର୍ଜନ ରଜନୀ କାହିଁ ଶିହରଣ
ଆଣେ ଗ୍ରାସି ଏକାକୀତ୍ୱ
କେହି କାହିଁ ନାହିଁ ତଥାପି ଡରାଏ
ଭୟଙ୍କର କେଉଁ ଭୂତ ॥
ଉଦଭଟ୍ଟ କେତେ ଭାବନାର ସ୍ରୋତେ
କାହିଁ ଭାସିଯାଏ ସତ୍ତା
କହିହୁଏ ନାହିଁ କହିବାକୁ ଯାହା
ଚାହେଁ କ୍ଷୁବ୍ଧ ନିରବତା ॥
ଯାହା ଆବଶ୍ୟକ ତାର ପ୍ରାପ୍ତି ପରେ
ଅପ୍ରାପ୍ତିର ଦାବାନାଳ
କାହିଁ ଜଳି କରେ କ୍ଷଣେ ଭସ୍ମୀଭୂତ
ହରିନିଏ ବୁଦ୍ଧିବଳ ॥
ଅସହାୟତାର ଚରମ ସୀମାରେ
ହସ୍ତ କରି ଉତ୍ଥାପନ
ହେତୁବାଦ ତେଜି ପ୍ରାଣ ତତ୍‌କ୍ଷଣ
ସୁମରେ ରାଧାମୋହନ ॥



**ସନ୍ତୋଷ ମିଶ୍ର**




# ସୁନା ପଦକ

ମା' ପାଇଁ ପନି ପରିବା, ଫଳ ମୂଳ, ଆବଶ୍ୟକୀୟ ଔଷଧ ପତ୍ର ନେଇ ଗାଁରେ ପହଞ୍ଚିଲା ସୁବ୍ରତ। ବାପାଙ୍କ ଅନ୍ତେ ଏକାକୀ ଗାଁରେ ରହୁଥିଲେ ମା'। ବର୍ଷର ଅନ୍ୟ ସମୟରେ ବାହାରେ ଚାକିରୀ କରୁଥିବା ପୁଅମାନଙ୍କ ପାଖରେ ରହୁଥିଲେ। ମାତ୍ର ଧାନ ଅମଳ ସମୟରେ କୁଆଡେ ନଯାଇ କେବଳ ଗାଁରେ ହିଁ ରହୁଥିଲେ। ଭାଗ ଚାଷୀମାନେ ଧାନ ଦେବାପରେ ଖଳାରେ ଚୁଲି ତିଆରି କରି ତହିଁ ଉପରେ ବଡ଼ ବଡ଼ କଡ଼େଇରେ ଧାନ ଉସାଉଁ ଥିଲେ। ତାପରେ ଗୋବର ଓ ମାଟିରେ ଲିପା ଯାଇଥିବା ଖଳାରେ କିମ୍ବା ଚାଳ ଛପର ଘରର କୋଠାରେ ଧାନ ଶୁଖାଉ ଥିଲେ। କିଛି ଦିନ ପରେ ଶୁଖିଲା ଧାନ ବାଡି ପଛପଟେ ଥିବା ଢେଙ୍କିରେ କୁଟି ଚାଉଳ ବାହାର କରୁଥିଲେ। କୁଣ୍ଡା ସବୁ ବସ୍ତାରେ ପୁରେଇ ଗୋରୁଗାଈ ଖାଇବା ପାଇଁ ସାଇତି ରଖୁଥିଲେ। ଏମିତି କାମରେ ବ୍ୟସ୍ତ ରହିବା ତାଙ୍କୁ ଏକ ଅଦ୍ଭୁତ ଅନୁଭୂତିରେ ଶିହରିତ କରୁଥିଲା। ବାପା ଥିଲା ବେଳେ ଦୁହେଁ ଯାକ ମିଶି ସବୁ କାମ କରୁଥିଲେ। ଏବେ ବାପାଙ୍କର ଚିରନ୍ତନ ଅନୁପସ୍ଥିତି ତାଙ୍କୁ ଅହରହ ପୀଡ଼ା ଦେଉଥିଲା। କେମିତି ଏକ ରକ୍ତ କ୍ଷରିତ ହତାଶ ଭାବ ତାଙ୍କୁ ଆଚ୍ଛନ୍ନ କରି ରଖୁଥିଲା।

ହଠାତ୍ ମାଆ ଡାକ ଶୁଣି ଚମକି ପଡ଼ିଲେ ମା'। ସୁବ୍ରତ ହସି ହସି କହୁଥିଲା- ମା' ବ୍ୟାଗଟା ରଖ। ଯାହା ପାରିଲି ନେଇଆସିଲି। ଆଉ ଯାହା ଦରକାର କହିଲେ ଆର ଥରକୁ ନେଇଆସିବି। ସୁବ୍ରତକୁ ଦେଖି ମାଆଙ୍କ ମନ କୁଣ୍ଢେ ମୋଟ ହେଇଗଲା। କହିଲେ- ଥାଉରେ ବାପା ! କାହିଁକି ବ୍ୟସ୍ତ ହେଉଚୁ। ମୁଁ ଏକା ଲୋକ, ଯେତିକି ଆଣିଚୁ ଯଥେଷ୍ଟ। ହଁ, କଣ ଖାଇଚୁ କହିଲୁ। ସୁବ୍ରତ କହିଲା- ଅଫିସରୁ ଫେରି ସିଧା ତୋ ପାଖକୁ ଆସିଚି। ଖାଇଲି ଆଉ କେତେବେଳେ। କହିଲେ- ହଉ, ମୁଁ ଗୁଆ ଘିଅରେ ପୁରି ଛାଣି ଦେଉଚି। ତା ସାଙ୍ଗକୁ ଆଳୁ ଦମ୍ ବି। ବସି ପଡ। ଖାଇ ପିଇ ଆରାମରେ ଯିବୁ।

ପୁରୀ ଆଳୁ ଦମ୍ ଖାଇ ଖୁବ୍ ଖୁସି ହେଲା ସୁବ୍ରତ। ମାଆକୁ ତାରିଫ୍ କରି କହିଲା- ଯାହାହେଉ, ବହୁଦିନ ପରେ ତୋ ହାତରନ୍ଧା ଖାଇ ମନ ଶାନ୍ତି ହୋଇଗଲା।

ପୁଅ ଖୁସି ଥିବାର ଜାଣି ମାଆ ସେହି ସୁଯୋଗରେ କହିଲେ- ଆରେ, ଗୋଟେ କଥା ଜାଣିଚୁ।

- କଣ

- କାଲି ତୋ ଭଣଜାର ଅନ୍ନପ୍ରାଶନ।

- ମୁଁ କେମିତି ଜାଣିବି। ମୋତେ ତ କେହି କିଛି କହି ନାହାନ୍ତି।

- ସାତ ଆଠ ଦିନ ପୂର୍ବରୁ ଭୁବନେଶ୍ୱରରୁ ଝିଅ ଖବର ପଠାଇଥିଲା। କହୁଥିଲା- ମାଆ, ବଡ଼ ଭାଇଙ୍କୁ ପଠାଇବୁ। ଡାକ୍ତର ମାମୁଁଙ୍କ ଉପସ୍ଥିତିରେ ଗୋଟେ ଅଲଗା ମର୍ଯ୍ୟାଦା ଅଛି। ତୋ ଜୋଇଁ ବି ସେଇ କଥା କହୁଛନ୍ତି। ହେଲେ ବଡ଼ ପୁଅ ରାଜି ହେଲାନି। କହିଲା- ମୋର ବହୁତ କାମ। ସରକାରୀ ଚାକିରୀରେ ସ୍ୱାଧୀନତା କାହିଁ। ଯିବା ଆଦୌ ସମ୍ଭବ ନୁହେଁ। ସେ କଥା ଜଣାଇବାରେ ଝିଅ ଜୋଇଁ ଉଭୟ କହିଲେ- ହଉ, ତାହେଲେ ସାନ ପୁଅକୁ ପଠାଅ। ବସ୍ତ୍ରାଭାବେ ସୂତ୍ରଂ ଦଦ୍ୟାତ୍। ଚଳାଇନେବା। କଣ ଆଉ କରିବା।

- ଯଦି ଭଉଣୀ ଭିଣୋଇଙ୍କର ଏଭଳି ମନ ଭାବ ତାହେଲେ ମୋର ସେଠିକି ଯିବା ଠିକ୍ ହେବନି। ସେମାନେ ବା କୋଉ ମିଛ କଥା କହୁଛନ୍ତି। ମୋର ତ ଛୋଟ ସରକାରୀ ଚାକିରୀ। ମୋର ଉପସ୍ଥିତି ବରଂ ସେଠିକାର ଗାମ୍ଭୀର୍ଯ୍ୟ ବାତାବରଣରେ ଅମର୍ଯ୍ୟାଦାର କାରଣ ହେବ।

- ମୋ ବାପାଟା ପରା। ତୁ ତ ଜାଣୁ ଅର୍ଥ ହାନି, ପ୍ରାଣ ପୀଡ଼ା ଧନ୍ଦାରୁ ଦୂରରେ ରହିବାକୁ ବଡ଼ ପୁଅ ସବୁବେଳେ ପସନ୍ଦ କରେ। ହେଲେ କାମ ସରିବା ପରେ ... କିଛି ନକରି ବି ସବୁ କିଛି କରିଛି ବୋଲି କହି ... ପ୍ରଶଂସା ଗୋଟାଇବାରେ ସର୍ବଦା ମାହିର। ତୁ ଯଦି ଅବୁଝା ହେବୁ ତାହେଲେ କାମ ହେବ କେମିତି। ତୋ ସାନ ଭଉଣୀ ଶାଶୁ ଘରେ ଖୁଣ୍ଟା ଶୁଣି ଆଖିରୁ ଲୁହ ଝରାଇଲେ ତୁ କଣ ଖୁସି ହେବୁ।

ନା, କେବେ ନୁହେଁ। ସେଇଥିପାଇଁ ତ ତା ଶାଶୁ ଘରର ସମସ୍ତ କର୍ମ କାର୍ଯ୍ୟରେ ମୁଁ ସାମିଲ ହୋଇଆସୁଛି। କାଲି ତୁ ଭୁବନେଶ୍ୱର ଯିବା କଥା କହୁଚୁ। ଭୁବନେଶ୍ୱର ଏଠାରୁ ପ୍ରାୟ ଦୁଇ ଶହ କିଲୋମିଟର। ପାଞ୍ଚ ଘଣ୍ଟାର ରାସ୍ତା। ଶାନ୍ତିଲତା ବସ୍‌ରେ ଅଗ୍ରୀମ ଟିକେଟ୍ କରିବାକୁ ପଡ଼ିବ। ହଉ, ଦେଖିବା କଣ ଗୋଟେ ବ୍ୟବସ୍ଥା କରିବା।

ମାଆ କହିଲେ- ହଁ, ଆଉ ଗୋଟେ କଥା। ଭଣଜା ପାଇଁ ନିହାତି ଗୋଟେ ସୁନା ପଦକ ନେବାକୁ ହେବ।

ସୁକାନ୍ତ- ଭଲ କଥା। ! ମୁଁ ଘରେ ପହଁଚିବା ବେଳକୁ ଦୋକାନ ବଜାର ସବୁ ବନ୍ଦ ହୋଇସାରିଥିବ। ସୁନା ପଦକ ପାଇବି କାହୁଁ।

- ଗୋଟେ କଥା କହିବି ବୋଲି ଭାବୁଥିଲି। ନାଁ.. ଥାଉ। କାଳେ ତୁ ଖରାପ ଭାବିବୁ।

- ଖରାପ ଭାବିବାର କଣ ଅଛି। କହ, କଣ କହିବାକୁ ଚାହୁଁଚୁ।

- କହୁଥିଲି କଣ କି .... ତୋ ପୁଅ ବେକରୁ ପଦକଟି ନେଇଗଲେ କେମିତି ହୁଅନ୍ତା !

ସୁବ୍ରତ ମୁହଁରେ ବିବର୍ଣ୍ଣ ନିଶବ୍ଦ ହସ।

- ହଁ, ଭଲ ହୁଅନ୍ତା। ତାପରେ ଅର୍ଥ ସଞ୍ଚି ପୁଅ ପାଇଁ ଗୋଟେ ପଦକ କିଣିବାକୁ ପଡ଼ିବ।

- ସେ ପାଇଁ ତୁ ଚିନ୍ତା କରନା। ଧାନ ଚାଉଳ ବିକ୍ରି କରି ପଦକ କିଣିବାକୁ ମୁଁ ଟଙ୍କା ଦେଇଦେବି।

ଦୁଇହାତ ଯୋଡ଼ି ସୁବ୍ରତ କହିଲା- ମୋତେ ଆଉ ସେ କଥା କହନା। ବାପା ବି ଏମିତି କହୁଥିଲେ। ବାପା ଏବେ ସ୍ୱର୍ଗରେ। ତାପରେ ଶୂନ୍ୟ ଆକାଶ ଆଡ଼କୁ ଦୃଷ୍ଟିପାତ କଲା। ଦେଖିଲା ଉଭା ହୋଇଛନ୍ତି ବାପା। ପ୍ରଣାମ କରି କହିଲା- ବାପା ମୋତେ କ୍ଷମା କରିବ !! ପୁନଶ୍ଚ ମାଆକୁ ଚାହିଁ କହିଲା- ବଡ଼ ପୁଅ ଋଣ ଭାରରେ ବୁଡ଼ି ରହିଥିବା ବାହାନା କରି ତୋ ଠାରୁ ଧାନ ବିକା ଟଙ୍କା ହଡ଼ପ କରୁଛି। ସେ ସେମିତି କରୁଥାଉ, ତୁ ସେମିତି ଦଉଥା। ଗୋଟା ଚାଉଳ ତାକୁ ଦେଇ ଖୁଦ ଚାଉଳ ମୋତେ ଦେଉଚୁ। ଆଉ ଦେବା ଦରକାର ନାହିଁ। ମୁଁ କିଣି କରି ଖାଇବି। ହେଲେ କଥା ଦେଉଚି, ଭୁବନେଶ୍ୱର ଯାଇ ଯଥା ବିଧି କାର୍ଯ୍ୟ ସମାପନ କରି; ତୋତେ ଦେଖା କରି ସବୁ କଥା ଜଣାଇବି।

ଉଦଳା ଫେରି ସବୁକଥା ଶଶିପ୍ରଭାକୁ ଜଣାଇଲା ସୁବ୍ରତ। ସେତେବେଳକୁ ପୁଅ, ଝିଅ ଉଭୟ ଶୋଇଯାଇଥିଲେ। ଛାତିକୁ ପଥର କରି ପୁଅ ବେକରୁ ସୁନା ପଦକ କାଢି ଆଣିଲା ଶଶିପ୍ରଭା। ତଥାପି ଆଖିରୁ ଦୁଇ ଟୋପା ଲୁହ ଝରି ପଡ଼ିଲା !!

ପର ଦିନ ସ୍ତ୍ରୀ ଓ ଦୁଇ ପିଲାଙ୍କୁ ଧରି ଶାନ୍ତିଲତା ବସ୍‌ରେ ଭୁବନେଶ୍ୱର ପହଞ୍ଚିଲା ସୁବ୍ରତ। ଭଉଣୀ ଘରେ ନଥିଲା। ମାନସିକ ପୂଜା କରିବା ପାଇଁ ଲିଙ୍ଗରାଜ ମନ୍ଦିର ଯାଇଥିବା କଥା ଭିଣୋଇ କହିଥିଲେ। ହୋଟେଲରେ ଖାଇ ଏକ ନମ୍ବର ମାର୍କେଟ୍‌ରୁ ଆବଶ୍ୟକୀୟ ଜିନିଷ ପତ୍ର କିଣା ହେଲା।

ସନ୍ଧ୍ୟାରେ ଅନ୍ନପ୍ରାଶନ କାର୍ଯ୍ୟକ୍ରମ ଯଥାବିଧି ଅନୁଷ୍ଠିତ ହେଲା। ମାତ୍ର ଭଣଜା ବେକରେ ସୁନା ପଦକ ବାନ୍ଧିଲା ବେଳେ ଉଦଗତ ଅଶ୍ରୁକୁ ରୋକିପାରିନଥିଲା ସୁବ୍ରତ।

ଉଦଳା ଘରକୁ ଫେରିବା ପରଦିନ ଗାଁକୁ ଯାଇ ମାଆକୁ ଦେଖା କରି ସବୁକଥା ଜଣାଇଲା ସୁବ୍ରତ। ଭାବ ବିହ୍ୱଳ ହୋଇ ମାଆ କହିଲେ- ମୁଁ ଜାଣେ ସବୁ କାମ ନିଖୁଣ ଭାବେ କରିବାର ପାରଦର୍ଶିତା ତୋ ପାଖରେ ଅଛି। ଏହା ଏକ ସାଧାରଣ ଘଟଣା ନଥିଲା। ଆମ ପରିବାରର ମାନ ସମ୍ମାନର ପ୍ରଶ୍ନ ଏଥିସହ ଜଡ଼ିତ ଥିଲା !!!!!

*ଉଦଳା, ମୟୂରଭଞ୍ଜ*
*ମୋ-୯୪୩୯୨୯୫୦୦୯*

# ମୃଗତୃଷ୍ଣା

**ଚନ୍ଦନ କୁମାର ଦାସ**

ଗୋଟାଏ ଅପହଞ୍ଚ ରାସ୍ତାର ମୋହରେ
ଝୁଣ୍ଟୁଥିବା ପାଦ ପାଇଁ
ତୁମେ ଏକ କୋମଳ ଆସ୍ୱାସନା
ଯେଉଁ ଆସ୍ୱାସନାର
ମିଛ ଅସ୍ତିତ୍ୱରେ ମୁଁ ପଣବନ୍ଦୀ ଏ ଯାଏଁ
ବାସ୍.....
ବାସ୍ ଏତିକିରେ ସରିଯାଏନା ବଞ୍ଚିବାର ବାହାନା
ପ୍ରାପ୍ତି ଓ ଅପ୍ରାପ୍ତିର ଅନନ୍ତ ବନ୍ଧନୀ ଭିତରେ
ଜଳୁଥାଏ ହିଁ ଜିଇଁବାର ବ୍ୟାପୃତ ମୋହାଗ୍ନି

ପୁନଶ୍ଚ ଠିକ୍ କାଲି ପରି
ଆଜି ମଧ୍ୟ ପାଖ ଇଲେକ୍ଟ୍ରିକ ପୁଲର ତାରରେ
ଲଗାଲଗି ବସି ଦଳେ ପକ୍ଷୀ ସତେ
କରୁଥାନ୍ତି ଆସନ୍ତା କାଲିର ଆୟୋଜନ
ମନ୍ଦିରରୁ ଶୁଭିଉଠେ ଘଣ୍ଟଘଣ୍ଟା, ଦିଅଁଙ୍କ ଆଳତି
ପୁଣି ଦଳେ ପକ୍ଷୀଙ୍କର କଳରବ, ସ୍କୁଲ ପିଲାଙ୍କ ପ୍ରାର୍ଥନା
ଅଚିହ୍ନା ବାଟୋଇଙ୍କ କୋଳାହଳ



ଅଜ୍ଞାତରେ ପାଦ
ଆଉ ଥରେ ଟପିଯାଏ
ଲକ୍ଷ୍ମଣରେଖାର ତିନୋଟି ଗାର
ଅଲକ୍ଷରେ ପୁଣି ବାଛି ନିଏ
ସେହି ଅଚିହ୍ନା ଅପହଞ୍ଚ ରାସ୍ତାଟିଏର
ଯେଉଁ ରାସ୍ତା କଦାଚିତ୍ ଚାଲି ଶିଖାଇବାର ବାହାନାରେ
କୌଶଳରେ ହରିନେଲା ଚାଲିବାର ସବୁତକ କଳା
ତଥାପି ପାଦ ଚାଲେ
ଆବୋରି ନେବାକୁ ଅସୁମାରୀ ଆକାଶର
ଆଛନ୍ନ ମେଘମୋହ
ଠିକ୍ ତାପରେ ଆସ୍ୱାସନାର ମିଛ ଅସ୍ତିତ୍ୱ ଭିତରେ
ମନ ମୋର ଲୋଡ଼ୁଥାଏ
ପାଦ ପାଇଁ ପ୍ରଶ୍ନଟିଏ
ହଁ, ଉତ୍ତରଟିଏ ଆସେ
ଆବୋରି, ନ ଆବୋରି ପାରିବାର
ଭୋଗି, ନ ଭୋଗି ପାରିବାର କରୁଣ ଯନ୍ତ୍ରଣା
ବୋଧେ ମୃଗତୃଷ୍ଣା
ଭୋଗି, ନ ଭୋଗି ପାରିବାର କରୁଣ ଯନ୍ତ୍ରଣା
ବୋଧେ ମୃଗତୃଷ୍ଣା !

*ଭୋଗରାଇ, ବାଲେଶ୍ୱର*
*ଦୂ.ଭା-୮୧୧୪୩୪୫୯୮୮*

# ମିଛ ସପନ


**ରଶ୍ମିତା ସେଠୀ**



ମିଛ ସପନକୁ ଭଲ ମୁଁ ପାଇଲି
କାହିଁକି ଭାବିଲି ସତ ?
ସେ ସପନ ପାଇଁ ହସକୁ ଭୁଲି ମୁଁ
ଲୁହ ଢାଳେ ଅବିରତ ।
ମନ ବଗିଚାରେ ଆଶା ଫୁଲ କେତେ
ରଙ୍ଗ ମାଖି ଫୁଟିଥିଲା,
ସେ ଫୁଲ କବିତା ଶୁଣିବା ପାଇଁକି
ଜହ୍ନ ଉଇଁ ଆସୁଥିଲା ।
ମିଛ ସପନରେ ନିଜକୁ ହଜେଇ,
ଖୋଜୁଛି ନିଜର ବାଟ ।
ସେଇ ମିଠା ମିଠା ଛଳନାକୁ ମୁଁ ଯେ
ପ୍ରେମ ବୋଲି ଭାବିଥିଲି,
ଜାଣି ମୁଁ ନଥିଲି ଥିଲା ସେ ତ ଖାଲି
ମରିଚିକା ମରୁବାଲି ।
ଫୁଲ ଭାବି ବାଛି ନେଲି ମୁଁ କାହିଁକି ?
ଏମିତି କଣ୍ଟାର ବାଟ ।

*ହଳଦୀପଦା, କଲ୍ୟାଣପୁର, ଖୋର୍ଦ୍ଧା*

# ଧନ



**ସୁଜିତ୍ କୁମାର ମିଶ୍ର**

ତୁ ପାଦ ଦେଲେ
ଫଗୁଣ ବିରାଜେ,
ଅସରନ୍ତି ଫୁଲ ଫୁଟେ
ମନନଈ ଘାଟେ ।
ତୁ
ମିଠା କୋହର ନଈ,
ତୁ
ସପନ ଗଛର ଚେର
ତୁ
ରୌଦ୍ରତାପରେ ରସାଳ
ଶୀତଳ ଛାଇ ।

ତୁ କନ୍ୟା
ସବୁ ଓଠର କମନୀୟ ହସ
କାନ୍ଧର ସାହାରା,
ଛାତିର ମଧୁର ସୁଖଶ୍ୱାସ ।

କାଲିର କୁନି କୁନି ଶବ୍ଦ
ଆଜି ଗୀତି ମୁଖରା,
କାଲିର ଅଧା ବନ୍ଦ ଓଠରେ
ଆଜି ଫଗୁଣର ଝୋଟି,
ତୋ ଅଳିରେ ମଧୁର ଆଳାପ
ଆନନ୍ଦର ଜହ୍ନରାତି,
ସେଇଥିପାଇଁ ତ ପ୍ରଭାବହୀନ
ଏଠି ଅଭାବର ଦାଢୁଆ ଖରା ।

ଯେବେ ଯେବେ ଅନ୍ତରର
ଭାବନା ପାଲଟେ ଜହ୍ଲାଦ ତୁ ହିଁ ତ
ସାଜୁ ଆଶ୍ୱାସନାର ସମୁଦ୍ର
ଦରଦର ବଡଦାଣ୍ଡ ।

ତୋ ଜିଦି
ପିତୃତ୍ୱର ସଶକ୍ତ ଅଧିକାର,
ତୋ ବୁଦ୍ଧି
ପିତୃତ୍ୱକୁ ଦୁର୍ମୂଲ୍ୟ ଉପହାର,
ସେଇଥିପାଇଁ ତ
ଫୁଲଟିଏ ମାଗିଲେ ଦିଅଁଙ୍କୁ ପୂଜିବାକୁ
ତୁ ସଁଅପି ଦେଉ ଭକ୍ତିମନ୍ତ୍ରରେ
ତୋଳା ପ୍ରେମର ଫୁଲହାର ।

କେବେ ଖେଳିଥିଲି ମୁଁ ଖେଳନା
ମୋ ବୟସ ଏବେ ତାଠାରୁ ବହୁଦୂର,
ତୁ କମେଇ ଦେଇ ବୟସ ମୋ
ଏବେ ଆଦରର ଲଳନା,
ଶୂନ୍ୟତାରେ ପୂର୍ଣ୍ଣତାର
ପ୍ରୀତି ନିର୍ଝର,
ତୁ କଣ କମ ବଡ ଧନ
ଧରାଧାମେ ଅସରନ୍ତି ଅନୁରାଗ ପୁଞ୍ଜିର ?

ସୂର୍ଯ୍ୟମୁଖୀ ସୂର୍ଯ୍ୟକୁ ଖୋଜିଲା ପରି
ତୁ ଖୋଜୁ ମୋତେ,
ମୁଁ କଳାମେଘକୁ ଆଡେଇ ଆଡେଇ
ପହଞ୍ଚେ,
ତୁ ଫୁଟୁ ପାଖୁଡା ମେଲି,
ମୁଁ ଭିଜା ମୋହର ଶରଧାବାଲି ।

କଣ ଥାଉ ବା ନଥାଉ
ଯେଉଁ ଘରେ ଅଛି ଏମିତିକା ଧନ
ସେ ଘର ନୁହେଁ କି
ସୁଖଶାନ୍ତିର ମିଠା ଶ୍ରାବଣ ?

*ଜନାର୍ଦ୍ଦନପୁର ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

# ପୁସ୍ତକ... ସମୀକ୍ଷା...

## ସଂଗ୍ରାମୀ ବଂଶୀଧର: ଇତିହାସର ହଜିଲା ଖିଅ





ପ୍ରକାଶ ପାଇଛି ବରିଷ୍ଠ ଲେଖିକା ସଂଘମିତ୍ରା ମିଶ୍ରଙ୍କ 'ସଂଗ୍ରାମୀ ବଂଶୀଧର: ଇତିହାସର ହଜିଲା ଖିଅ'ପୁସ୍ତକ। ଏଥିରେ ସେ ନିଜ ପିତାଙ୍କ ଜୀବନୀ ଏବଂ ପିତାଙ୍କ କିଛି ଉଚ୍ଚକୋଟିର କବିତା ସନ୍ନିବେଶିତ କରିଛନ୍ତି। ପିତା ବଂଶୀଧର ମିଶ୍ର ଅର୍ଥାତ୍ ସୁରତ ଅଲ୍ଲୀଙ୍କ ଜନ୍ମ କଟକ ଜିଲ୍ଲାର ଖଣ୍ଡସାହୀ ଗ୍ରାମରେ। ସେ ଏକାଧାରରେ ଶିକ୍ଷକ, ସଂଗଠକ, କବି ଏବଂ ସଂପାଦକ ଥିଲେ। ଯୌବନରେ ସ୍ୱାଧୀନତା ସଂଗ୍ରାମ ପ୍ରତି ଆକୃଷ୍ଟ ହୋଇ ନିଜର କାର୍ଯ୍ୟଧାରା ଜାରିରଖିଥିବା ଯୋଗୁଁ ଇଂରେଜ ସରକାରଙ୍କ କ୍ରୋଧର ଶିକାର ନ ହେବାକୁ ଦେଶ ଛାଡି ବିଦେଶରେ(ଇଂଲଣ୍ଡରେ) ଛଦ୍ମବେଶରେ ବିତାଇଛନ୍ତି ପାଖାପାଖି ୨୪ ବର୍ଷ। ଏହି ସମୟ ଭିତରେ ସେ ଦେଶ ପାଇଁ ଯାହା କରିହେବ ତାକୁ ଅତି ସତର୍କତାର ସହ ତୁଲାଇଛନ୍ତି। ସ୍ୱାଧୀନତାକାମୀ ଅନେକ ଭାରତୀୟଙ୍କୁ ନିଜ ଘରେ ଆଶ୍ରୟ ଦେଇ ପରୋକ୍ଷରେ ସ୍ୱାଧୀନତାରେ ନିଜର ସହଭାଗିତା ପ୍ରମାଣିତ କରିପାରିଛନ୍ତି। ଦେଶ ମାତୃକାର ସେବାପାଇଁ ନିଜ ପରିବାରକୁ ତୁଚ୍ଛ କରି ପ୍ରାୟ ୨୪ ବର୍ଷ ବିଦେଶରେ ବିତାଇ ଅବଶେଷରେ ନିଜ ଦେଶକୁ ନିଜ ପରିବାରକୁ ଫେରିଛନ୍ତି ।

ହୁଏତ ଏସବୁ କଥା ଇତିହାସରେ ଲୁଚି ଯାଇଥାନ୍ତା କିମ୍ବା କେତେକଙ୍କ ସ୍ମୃତିର ଅଥଳ ଗର୍ଭରେ ସମାଧି ନେଇଥାନ୍ତା। ଆଗକୁ କେହି ଜାଣିବାର ସୁଯୋଗ ପାଇ ନ ଥାନ୍ତେ। ମାତ୍ର ତାଙ୍କର ସୁଯୋଗ୍ୟ କନିଷ୍ଠ କନ୍ୟା, ତାଙ୍କର ପ୍ରକୃତ ଉତ୍ତରାଧିକାରୀ ସଂଘମିତ୍ରା ମିଶ୍ର (ବିଶିଷ୍ଟ ଲେଖିକା) ନିଜ ପିତାଙ୍କ ଏତେ ସବୁ ଦକ୍ଷତା ବିଷୟରେ ପାଠକ ଜାଣିବା ପାଇଁ ଅକ୍ଳାନ୍ତ ପରିଶ୍ରମ କରି ସ୍ମୃତି ସବୁକୁ ଏକାଠି କରିଛନ୍ତି। ପିତାଙ୍କ ବିଷୟରେ କିଛି କିଛି ତଥ୍ୟ ସଂଗ୍ରହ କରି ଅତି ଯତ୍ନର ସହ ସେ ଏହି ପୁସ୍ତକରେ ସନ୍ନିବେଶିତ କରିଛନ୍ତି । ଅନେକ ବରିଷ୍ଠ ଲେଖକ ଏବଂ ବିଜ୍ଞ ବ୍ୟକ୍ତି ଯେଉଁମାନେ ବଂଶୀଧରଙ୍କ ସାନ୍ନିଧ୍ୟରେ ଆସିଥିଲେ ସେମାନଙ୍କ ସ୍ମୃତିକୁ ଉଖାରି ସାଉଁଟି ଆଣିଛନ୍ତି ନିଜ ମହାନ ପିତାଙ୍କ ଗୁଣାବଳୀ ଏବଂ ତାକୁ ଲିପିବଦ୍ଧ କରିଛନ୍ତି ଅତି ସାବଲୀଳ ଏବଂ ସରଳ ଭାଷାରେ। ପୁସ୍ତକଟି ସମସ୍ତପ୍ରକାର ପାଠକ/ପାଠିକାଙ୍କ ପାଇଁ ପଠନୀୟ ହୋଇଥିବାରୁ ଏହାର ବହୁଳ ଆଦୃତ ହେବ ସନ୍ଦେହ ନାହିଁ।

ଲଣ୍ଡନରେ ଥିବାବେଳେ ନାବିକମାନଙ୍କ ଦୁଃଖଦୁର୍ଦ୍ଦଶା ଲେଖି ସରକାରଙ୍କୁ ଜଣାଇଥିବାରୁ ନାବିକମାନଙ୍କ ଶ୍ରଦ୍ଧାଭାଜନ ହୋଇପାରିଥିଲେ ବଂଶୀଧର। ପୁଣି ବିଶ୍ୱ ନାବିକ ଆସୋସିଏସନ୍‌ର ସେକ୍ରେଟାରୀ ଭାବେ ନିର୍ବାଚିତ ହୋଇଥିଲେ। ବିଶ୍ୱ ଶ୍ରମିକ ସଙ୍ଗଠନର ସାଙ୍ଗଠାନିକ କାର୍ଯ୍ୟ ଉଦ୍ଦେଶ୍ୟରେ ସେ ଏକାଧିକଥର ନ୍ୟୁୟର୍କ, ଲସ୍‌ଏଞ୍ଜେଲସ୍, ସାନ ଫ୍ରାନସିସ୍‌କୋ, ଫିଲଡେଲଫିଆ, ବାଲଟିମୋର, ୟୋକୋହାମା ଆଦି ଯାତ୍ରା କରି ନାବିକମାନଙ୍କର ଉନ୍ନତିକଳ୍ପେ କାର୍ଯ୍ୟ କରୁଥିଲେ। ଏହି ସମୟରେ ଜବାହରଲାଲ ନେହେରୁଙ୍କ ସହ ତାଙ୍କର ସମ୍ପର୍କ ସ୍ଥାପିତ ହୋଇଥିଲା। ତେବେ ବଂଶୀଧରରୁ ଇବ୍ରାହିମ ଖାଁ, ଇବ୍ରାହିମ ଖାଁରୁ ସୁରତ ଅଲି ଏବଂ ଶେଷରେ ସୁରତ ଅଲିରୁ ପୁଣି ବଂଶୀଧର ଭାବେ ଜିଇଁବା ପାଇଁ କେତେ ଯେ ରୋମାଞ୍ଚକର ପରିସ୍ଥିତି ଦେଇ ଯିବାକୁ ହୋଇଥିଲା ତାହ କେବଳ ସେ ହିଁ ଜାଣନ୍ତି।

କେବଳ ସ୍ୱାଧୀନତା ସଂଗ୍ରାମ, ଶିକ୍ଷକତା କିମ୍ବା ସଂଗଠନରେ ନୁହେଁ ସାହିତ୍ୟରେ ମଧ୍ୟ ବଂଶୀଧର ନିଜର ଉଜ୍ଜ୍ୱଳ ସ୍ୱାକ୍ଷର ଛାଡିଯାଇଛନ୍ତି। ସାହିତ୍ୟର ବିଭିନ୍ନ ବିଭାଗରେ ଲେଖୁଥିଲେ ବି ସେ କବିତା ବେଶି ଲେଖୁଥିଲେ। ନାଟକର ସଂଗୀତ ଠାରୁ ଆରମ୍ଭ କରି ବିବାହ ଉତ୍ସବ ଅବସରରେ ସୁନ୍ଦର ସୁନ୍ଦର କବିତା ଲେଖୁଥିଲେ। ଏତେ ସୁନ୍ଦର ଏବଂ ଉଚ୍ଚକୋଟିର ଅନ୍ତର୍ଭେଦୀ କବିତା ସବୁ ଲେଖୁଥିଲେ ମଧ୍ୟ ତାକୁ କେବେ ପ୍ରକାଶିତ ହେବାକୁ ଦେଇନଥିଲେ। ତାଙ୍କ ସାନଝିଅ ମିତୁ ଓରଫ ସଂଘମିତ୍ରା ମିଶ୍ର ଜଣେ ସୁପୁତ୍ରୀର ଦାୟିତ୍ୱ ତୁଲାଇ ନିଜ ପିତାଙ୍କ ହଜିଯାଇଥିବା ସ୍ମୃତିକୁ ଜୀବନ୍ତ କରିଛନ୍ତି ନିଜ କଲମ ମୂନରେ। ୩୭୨ ପୃଷ୍ଠାର ଏହି ପୁସ୍ତକକୁ ରତ୍ନଚିରା ପବ୍ଲିକେଶନ ପ୍ରକାଶ କରିଛନ୍ତି। ଏହାର ମୂଲ୍ୟ ରହିଛି ମାତ୍ର ୬୦୦ଟଙ୍କା।

## ଶତଦ୍ରୁ




ପ୍ରକାଶ ପାଇଛି ପୂଜା ପତ୍ରିକା ଶତଦ୍ରୁ। ଏଥିରେ ପ୍ରକାଶିତ ହୋଇଛି ସ୍ମରଣୀୟ କବିତା, ସ୍ମରଣୀୟ ଗଳ୍ପ, କବିତା, ଗଳ୍ପ, ପ୍ରବନ୍ଧ, ଡାଏରୀ ପୃଷ୍ଠାରୁ, ବ୍ୟକ୍ତି ଓ ବ୍ୟକ୍ତିତ୍ୱ, ମୋ ସୃଷ୍ଟି ମୋ ସମୟ, ଅନୁବାଦ ସାହିତ୍ୟ, ଗ୍ରନ୍ଥ ସମୀକ୍ଷା ପ୍ରଭୃତି। ଶତଦ୍ରୁର ୪୦ ବର୍ଷ ପୂର୍ତ୍ତି ଉପଲକ୍ଷେ ମୁଖ୍ୟ ସଂପାଦକ ଉପେନ୍ଦ୍ର ପ୍ରସାଦ ନାୟକ ତାହାର ନାମକରଣ ଏବଂ ପ୍ରଚାର, ପ୍ରସାର ବିଷୟରେ ସମ୍ୟକ ଅବଧାରଣା ଦେଇଛନ୍ତି। ଏହି ସଂଖ୍ୟାର ଗଳ୍ପରେ ଅଛନ୍ତି ଡ.ସୁଲୋଚନା ଦାସ, ତରୁଣ କୁମାର ସାହୁ, ଡ. ଅର୍ଚ୍ଚନା ନାୟକ, ଇନ୍ଦିରା ଦାଶ, ରୁମ୍‌ଝୁମ୍ ନାୟକ, ଭାସ୍କର ଜେନା, ଯୁଗଳ କିଶୋର ପଟ୍ଟନାୟକ, ରାଜଲକ୍ଷ୍ମୀ ଦାଶ, ସବିତା ରଥ, ଲକ୍ଷ୍ମୀ ଚାନ୍ଦ୍, କବିତା ବାରିକ, ସନ୍ତୋଷୀ ସ୍ୱାଇଁ ପ୍ରମୁଖ। ସେହିପରି କବିତାରେ ଅଛନ୍ତି ସୌଭାଗ୍ୟ କୁମାର ମିଶ୍ର, ଡ.ଫନି ମହାନ୍ତି, ଅମରେଶ ପଟ୍ଟନାୟକ, ରବି ନାରାୟଣ ସେନାପତି, ରଞ୍ଜିତା ନାୟକ, ହରିଶ୍ଚନ୍ଦ୍ର ବେହେରା, ସୁଶାନ୍ତ କୁମାର ନାୟକ, ଧନଞ୍ଜୟ ସ୍ୱାଇଁ, ଦେବାଶିଷ ଚକ୍ରବର୍ତ୍ତୀ, ପ୍ରତିଭା ପରିଡ଼ା, ସୁରେଶ କୁମାର ନାୟକ, ସୌଭାଗ୍ୟବନ୍ତ ମହାରଣା, ସଚ୍ଚିଦାନନ୍ଦ ମିଶ୍ର, ଶିଶିର ନାୟକ, ସଂଯୁକ୍ତା ମହାନ୍ତି, ଶରତ କୁମାର ଦାଶ ପ୍ରମୁଖ। ପ୍ରବନ୍ଧରେ ଅଛନ୍ତି ଡ. ସୂର୍ଯ୍ୟମଣି ଖୁଣ୍ଟିଆ, ଡ. ଉଦ୍ଧବ ଚରଣ ନାୟକ, ଡକ୍ଟର ବିରଞ୍ଚି କୁମାର ସାହୁ, ପ୍ରଫେସର ଉପେନ୍ଦ୍ର ନାୟକ, ଡ. ବିଜୟାନନ୍ଦ ସିଂ ପ୍ରମୁଖ। ୩୨୦ ପୃଷ୍ଠାର ଡିମେଇ ସାଇଜର ଏହି ପତ୍ରିକାର ମୂଲ୍ୟ ରହିଛି ୧୦୦ଟଙ୍କା ମାତ୍ର।



# ଅନାବନା ଗୀତ

**ପ୍ରଫୁଲ୍ଲ କୁମାର ସାହୁ**

କୁରାଢ଼ି ମାରୁଛି ଚୋଟ
କୁରାଢ଼ିର ବେଣ୍ଟ କାଠ
କାଠ ବେଣ୍ଟ ପାଇଁ କାଠ କାଟିହୁଏ
ଦେଖି ଲାଗୁଅଛି କଷ୍ଟ ।୧।

କାହାକୁ ନ ହୁଏ କହି
ଭଗାରି ସାଜୁଛି ଭାଇ
ଭାଗ ବାଣ୍ଟ ପାଇଁ ସମ୍ପର୍କ ଛିଡ଼ୁଛି
(ଯୌଥ)ପରିବାର ଆଜି କାହିଁ ।୨।

ବୁଢ଼ା ବୁଢ଼ୀ ବାପା ମାଆ
ପିଲା ନ ହୁଅନ୍ତି ସାହା
ବଡ଼ ଘର ବଡ଼ ଗୁମର କଥା ଏ
ସମ୍ପର୍କ ଖୋଜୁଛି ରାହା ।୩।

ରାସ୍ତାରେ ବୁଲନ୍ତି ହାତୀ
ସମାଜରେ ନାହିଁ ଜାତି
ଦେଉଳ ବେଢ଼ାରେ ଭକ୍ତଙ୍କ ଗହଳି
(ଦେଖ) ଲୋକ ଦେଖାଣିଆ ଭକ୍ତି ।୪।

ଜେଜେଙ୍କୁ ନ ଦେଖେ ନାତି
ମାଆଙ୍କ ସହରୀ ପ୍ରୀତି
ଗାଆଁ ଝୁରୁ ଅଛି ଗାଆଁର ପୁଅକୁ
କାନ୍ଦୁଛି ଫଟାଇ ଛାତି ।୫।


ଓଡ଼ିଆ ଅସ୍ମିତା ଆଜି
ଦେଖରେ ଯାଉଛି ଭାଜି
ଜାତି ଖୋଜୁଅଛି ନିଜର ଅସ୍ତିତ୍ୱ
ଲଟେରୀରେ ଆଜି ବାଜି ।୬।

*ଯଦୁ-ମାଳତୀ କୃପା ନିବାସ,ଶକ୍ତି ବିହାର/ବାଲିପଡ଼ା,ମାହାଙ୍ଗା, କଟକ*
*ମୋ-୭୬୦୯୦୪୪୩୮୩*

# ମାଟିର ମଣିଷ

**ବେଣୁଧର ସୂତାର**

ସୁଖର ସୂରୁଜ ଆସେନି ଯା ପାଇଁ
ଆଲୋକର ରୂପ ନେଇ
ସବୁଜ ଧରାର ସିଏ ରୂପକାର
ମାଟିର ମଣିଷ ସେହି ॥
ବିଳାସ ବାଦର ତୀବ୍ର ବିରୋଧି
ରୁଦ୍ର ସାଧନାରେ ରତ
ନିଖିଳ ମୁଖରେ ହସ ଫୁଟାଇବା
ସତେ, ତା ଜୀବନ ବ୍ରତ ॥
ଧମନୀ ଚିପୁଡ଼ି ରକ୍ତ ନିଗାଡ଼ି
ଲଗାଇ ପରାଣ ବାଜି
ବସୁମତୀ ହସ ମହାନ ଦୃଶ୍ୟ
ତା ପାଇଁ ସମ୍ଭବ ଆଜି ॥
ଚୈତ୍ର ରଜନୀ ଆଣିନି ତା ପାଇଁ
ଜ୍ୟୋତ୍ସ୍ନା ଶୀତଳ ରାତି
ସିଏ ଅଖିଳର ଅନ୍ନ ଦାତା ତା
ବିଶ୍ୱ ମାନବ ପ୍ରୀତି ॥
ବସୁମତୀ ସୁତ ନୁହେଁ ବିଚଳିତ
ଦାରିଦ୍ର୍ୟର କଷାଘାତେ
ସକଳ ମୁଖରେ ହସ ଫୁଟାଏ ସେ
ଆନନ୍ଦର ଅଶ୍ରୁ ପାତେ ॥



ଶୁଣିଛକି ଥରେ ମାଟି ମଣିଷର
ଅନ୍ତର ତଳର କଥା
ଦେଖିଛକି କେବେ ବେଦନା ଦଗ୍ଧ ତା
ସଂସାରର ମହା ବ୍ୟଥା ॥
ଯାହାପାଇଁ ଆଜି ଦେଖୁଛ ଧରାରେ
ଆଗାମୀର ସମ୍ଭାବନା
ବିଦ୍ରୋହେ ତାର ବୁଲିବ ମହୀରେ
ମୃତ୍ୟୁର ପରୱାନା ॥
ମୁଗ୍ଧ କରିଛି କି ତା ଦଗ୍ଧ ପରାଣ
ସରକାରୀ ସୁରନାମା
ମିଛ ଇସ୍ତାହାରେ ହୋଇକି ପାରିବ
ଧରାରାଣୀ ମନୋରମା ॥
ଆଗାମୀ ବିଶ୍ୱ କର୍ଣ୍ଣଧାର ସେ
କରନି ତା ପ୍ରତି ହେଳା
ତା ବିନା ଅନନ୍ତ ଉଦରେ ଜଳିବ
ଜ୍ୱାଳାର ଅଗ୍ନି ମାଳା ॥
ବିଶ୍ୱ ମାନବର ନିଃସ୍ୱ ସେବକ ସେ
ଏ ମାଟିର କର୍ମକାର
ଭୋଗ ବିଳାସର ଊର୍ଦ୍ଧ୍ୱରେ ଯାହାର
ଜୀବନର ଇସ୍ତାହାର ॥
ପ୍ରାଣବନ୍ତ ସେ ଯେ ପ୍ରଣବ ପୁତ୍ର
କର୍ମର ରଣାଙ୍ଗନେ
ତା ଭାଗ୍ୟ ନିଶାଣ ବିଜୟ ବିଷାଣ
କର୍ମର ଜୟଗାନେ ॥
ଅବହେଳିତ ସେ ନିଃସ୍ୱ ମଣିଷଟି
ବିଶ୍ୱ ମୁଖେ ଦିଏ ଦାନା
ଶାନ୍ତି ମୈତ୍ରୀପ୍ରୀତି ବିଶ୍ୱାସ ବନ୍ଧନେ
କର ତାରେ ନିରାଜନା

*କେଶଦୁରାପାଳ, କେନ୍ଦୁଝର*
*ମୋ-୯୧୭୮୫୬୮୨୪୬*



# ମୁଁ ଚାଷୀଘର ପୁଅ

**ଜୟନ୍ତ କୁମାର ମଲ୍ଲିକ୍**

ବଳଦ ହଳେ ଦିଅରେ ଭାଇ
କାଠ ଲଙ୍ଗଳ ଥୁଅ
କରିବି ଚାଷ ପଡ଼ିଆ ଜମି
ମୁଁ ଚାଷୀଘର ପୁଅ ।
ହସିବ ଦେଶ ହସିବ ଗାଆଁ
ହସିବ ଆମ ଘର
ଚାଷ କରି ମୁଁ ରଖିବି ନାଆଁ
ମନେ ନଥିବ ଡର ।
ଗୋବର ଖତ କ୍ଷେତରେ ଦେଇ
ବିହନ ଦେବି ବୁଣି
ସବୁଜ ରଙ୍ଗ ହୋଇଲା ପରେ
ବାଛିବି ଯାଇ ପୁଣି ।
ନିୟମିତ ମୁଁ ବିଲକୁ ଯାଇ
ଯତନ ନେବି ତା'ର
ପାଣି ନଥିଲେ ମଡ଼ାଇ ଦେବି
ପାଇବି ଉପକାର ।
ଖୁସି ମନରେ ଗାଆଁରେ ଥାଇ
କରଇ ସବୁ ଚାଷ
ତେଣୁ ଅଭାବ ଅସୁବିଧା ତ
ମାଡେନା ମୋର ପାଶ।

*ଶୁଭଡିହ,ନନ୍ଦିପୁର,ଦଶରଥପୁର,ଯାଜପୁର*
*ମୋ-୯୪୩୭୮୬୫୭୨୭*

# ବିଶ୍ୱ ଚାମ୍ପିଅନ ଭାରତୀୟ ଖେଳାଳିଙ୍କ ଉପରେ ଟଙ୍କାବର୍ଷା କଲେ ମହାରାଷ୍ଟ୍ର ସରକାର




**ନୂଆଦିଲ୍ଲୀ**

ମହାରାଷ୍ଟ୍ର ସରକାର ବିଶ୍ୱକପ ବିଜୟୀ ଉପ-ଅଧିନାୟିକା ସ୍ମୃତି ମନ୍ଧାନା, ରାଧା ଯାଦବ ଏବଂ ଜେମିମାଙ୍କୁ ସମ୍ମାନିତ କରିଛନ୍ତି, ଯେଉଁମାନେ ସମସ୍ତେ ଭାରତର ବିଶ୍ୱକପ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ମୁମ୍ବାଇରେ ଅନୁଷ୍ଠିତ ହୋଇଥିଲା, ଯେଉଁଠାରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନ୍‌ଭିସ ତିନି ଜଣ ଖେଳାଳିଙ୍କୁ ପୁରସ୍କାର ଚେକ୍ ପ୍ରଦାନ କରିଥିଲେ। ସମ୍ମାନ ବ୍ୟତୀତ, ମୁଖ୍ୟମନ୍ତ୍ରୀ ତିନି ଜଣ ଖେଳାଳିଙ୍କୁ ୨.୫ କୋଟି ଟଙ୍କା ଚେକ୍ ମଧ୍ୟ ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ ଏହି ତିନି ଜଣ ଖେଳାଳି ମୁମ୍ବାଇ ସହରର। ପ୍ରାୟ ପ୍ରତ୍ୟେକ ରାଜ୍ୟ ସେମାନଙ୍କ ଖେଳାଳିଙ୍କୁ ସମ୍ମାନିତ କରିଛନ୍ତି ଏବଂ ସେମାନଙ୍କ ପାଇଁ ପୁରସ୍କାର ରାଶି ଘୋଷଣା କରିଛନ୍ତି। ବିଶ୍ୱକପ ବିଜୟୀ ଦଳର ଏହି ତିନି ଜଣ ଖେଳାଳିଙ୍କ ସହିତ, ମହାରାଷ୍ଟ୍ର ସରକାର ମୁଖ୍ୟ ପ୍ରଶିକ୍ଷକ ଅମୋଲ ମୁଜୁମଦାରଙ୍କୁ ମଧ୍ୟ ସମ୍ମାନିତ କରିଥିଲେ ଏବଂ ତାଙ୍କୁ ୨.୫ କୋଟି ଟଙ୍କା ଚେକ୍ ପ୍ରଦାନ କରିଥିଲେ। ୫୦ ବର୍ଷୀୟ ଅମୋଲ ମଧ୍ୟ ମୁମ୍ବାଇର।

# ହଂକଂ ସିକ୍ସେସ କ୍ରିକେଟ ଟୁର୍ଣ୍ଣାମେଣ୍ଟ : ପାକିସ୍ତାନକୁ ହରାଇଲା ଭାରତ

**ହଂକଂ**

ଭାରତର ପୂର୍ବତନ କ୍ରିକେଟର ରବିନ ଉଥପ୍ପା ଓ ଭରତ ଚିପ୍‌ଲିଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ଭାରତ ଏଠାରେ ଚାଲିଥିବା ହଂକଂ ସିକ୍ସେସ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଏକ ଗ୍ରୁପ୍ 'ସି' ମ୍ୟାଚ୍‌ରେ ଭାରତ ୨ ରନରେ ପାକିସ୍ତାନକୁ ପରାସ୍ତ କରିଛି।

ଶୁକ୍ରବାର ବର୍ଷା ଯୋଗୁ ଡିଏଲ୍‌ଏସ୍ ପଦ୍ଧତିରେ ଖେଳାଯାଇ ଥିବା ଏହି ମ୍ୟାଚ୍‌ର ଭାରତ ୬ ଓଭରରେ ୪ ଉଇକେଟ ବିନିମୟରେ ୮୬ରନ କରିଥିଲା। ଉଥପ୍ପା ମାତ୍ର ୧୧ ବଲ୍‌ରେ ୨୮ରନ କରିଥିବା ବେଳେ ଚିପ୍‌ଲି ୧୩ ବଲ୍‌ରେ ୨୪ ରନ କରିଥିଲେ। ପାକିସ୍ତାନର ଆରମ୍ଭ ଉତ୍ସାହଜନକ ଥିଲା। ଦଳ ୩ ଓଭରରେ ୧ ଉଇକେଟ ବିନିମୟରେ ୪୧ ରନ କରିଥିବା ବେଳେ ପ୍ରବଳ ବର୍ଷା ଯୋଗୁ ଖେଳ ସ୍ଥଗିତ ରଖିବାକୁ ହୋଇଥିଲା।

ଫଳରେ ଡିଏଲ୍‌ଏସ୍ ପଦ୍ଧତିର ସହାୟତା ନିଆଯିବାରୁ ଧାର୍ଯ୍ୟ ବିଜୟ ଲକ୍ଷ୍ୟ ସ୍କୋରଠାରୁ ପାକିସ୍ତାନ




୨ ରନ ପଛରେ ରହିଯାଇଥିଲା। ମ୍ୟାଚରେ ଷ୍ଟୁଆର୍ଟ ବିନି ଟାଇଟ୍ ବୋଲିଂ କରିଥିଲେ। ସେ ମାତ୍ର ୭ରନ ବିନିମୟରେ ଗୋଟିଏ ଉଇକେଟ ଅକ୍ତିଆର କରି ମ୍ୟାଚରେ ଫରକ ଆଣିଥିଲେ। ପୁଲ୍ 'ବି'ରେ ୟୁଏଇ ବିପକ୍ଷରେ ଅଷ୍ଟ୍ରେଲିଆ ୧୦ ଉଇକେଟରେ ବିଜୟ ହାସଲ କରିଛି।

ଦଳ ମାତ୍ର ୩ ଓଭରରେ ୮୮ରନର ବିଜୟ ଲକ୍ଷ୍ୟକୁ ବିନା କୌଣସି ଉଇକେଟରେ ହାସଲ କରି ନେଇଥିଲା। ଦଳପକ୍ଷରୁ ଜ୍ୟାକ୍ ଉଡ୍ ୧୧ ବଲ୍‌ରେ ୫୫ରନ ସଂଗ୍ରହ କରିଥିବା ବେଳେ ନିକ୍ ହବ୍‌ସନ ମାତ୍ର ୫ ବଲ୍‌ରେ ୨୬ ରନ କରି ଅପରାଜିତ ରହିଥିଲେ। ପୁଲ୍ 'ଏ'ରେ ଆଫଗାନିସ୍ତାନ ଏହାର ଫର୍ମ ଜାରି ରଖି ଦକ୍ଷିଣ ଆଫ୍ରିକାକୁ ୪୯ ରନରେ ପରାସ୍ତ କରିଛି। ଟୁର୍ଣ୍ଣାମେଣ୍ଟରେ ଦଳର ଏହା ହେଉଛି ଦ୍ୱିତୀୟ ବିଜୟ। ଅଧିନାୟକ ଗୁଲ୍‌ବଦନ ନାଇବ ୧୨ ବଲ୍‌ରେ ଦ୍ରୁତ ୫୦ ରନ ଏବଂ କରିମ ଜନତ ୧୧ ବଲ୍‌ରେ ୪୬ ରନ କରିଥିଲେ। ଆଫଗାନିସ୍ତାନ ନିର୍ଦ୍ଧାରିତ ୬ ଓଭରରେ ୨ଉଇକେଟ ବିନିମୟରେ ୧୪୮ରନ କରିଥିଲେ। ଜବାବରେ ଦକ୍ଷିଣ ଆଫ୍ରିକା ନିର୍ଦ୍ଧାରିତ ଓଭରରେ ୨ଉଇକେଟ ବିନିମୟରେ ୯୯ରନ କରି ବିଜୟ ଲକ୍ଷ୍ୟଠାରୁ ବହୁ ପଛରେ ରହିଯାଇଥିଲା।

ପୁଲ୍ 'ଡି'ରେ ବାଂଲାଦେଶ ୧୪ ରନରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଦଳର ଅଧିନାୟକ ଆକବଲ ଅଲି ମାତ୍ର ୯ବଲ୍‌ରେ ୩୨ରନ କରିଥିଲେ। ତେବେ ମେସାଡେକ୍ ହୋସେନ ୨୦ ରନ ବିନିମୟରେ ୩ ଉଇକେଟ ଅକ୍ତିଆର କରି ମ୍ୟାଚକୁ ବାଂଲାଦେଶ ସପକ୍ଷରେ ନେଇ ଆସିଥିଲେ। ସେମାନେ ୭୫ରନ ସ୍କୋରକୁ ଡିଫେଣ୍ଡ କରିବାରେ ସଫଳ ରହିଥିଲେ। ଶ୍ରୀଲଙ୍କା ୬ଉଇକେଟ ବିନିମୟରେ ୬୧ରନ କରିପାରି ଥିଲା। ଟୁର୍ଣ୍ଣାମେଣ୍ଟରେ ଶ୍ରୀଲଙ୍କାର ଏହା ଥିଲା ଦ୍ୱିତୀୟ ପରାଜୟ। ବର୍ଷାଯୋଗୁ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍ ବାତିଲ କରିଦିଆଯାଇ ଥିଲା।

# ରଙ୍ଗରାଜନ ଆରସିବି ମହିଳା ଦଳର ମୁଖ୍ୟ କୋଚ୍

**ବେଙ୍ଗାଲୁରୁ**




ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ର ଚତୁର୍ଥ ସିଜନ ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆରସିବି) ମଲୋଲାନ ରଙ୍ଗରାଜନଙ୍କୁ ମହିଳା ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତ କରିଛି। ପୂର୍ବରୁ ଏହି ପଦବୀରେ ଲ୍ୟୁକ୍ ୱିଲିୟମ୍ସ ଥିଲେ। ବିଗ୍ ବାଶ୍ ଲିଗ୍ ପାଇଁ ଆଡିଲେଡ୍ ଷ୍ଟ୍ରାଇକର୍ସ ସହିତ ପ୍ରତିବଦ୍ଧତା ଯୋଗୁ ଅଷ୍ଟ୍ରେଲିଆର ୱିଲିୟମ୍ସଙ୍କୁ ଡବ୍ଲ୍ୟୁପିଏଲ୍ ଛାଡ଼ିବାକୁ ହୋଇଛି। ରଙ୍ଗରାଜନ ଆରସିବି ସପୋର୍ଟ ଷ୍ଟାଫ୍‌ର ଜଣେ ପ୍ରମୁଖ ସଦସ୍ୟ। ଗତ ୬ ବର୍ଷ ହେଲା ସେ ଦଳ ପାଇଁ ବିଭିନ୍ନ ଭୂମିକାରେ ସଫଳତାର ସହିତ ଦାୟିତ୍ୱ ତୁଲାଇଛନ୍ତି। ବର୍ତ୍ତମାନ ସେ ଆଗାମୀ ଡବ୍ଲ୍ୟୁପିଏଲ୍ ସାଇକେଲରେ ନୂଆ ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ପାଇଥିବା ଆରସିବି ଏହାର ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ପୋଷ୍ଟ କରିଛି। ରଙ୍ଗରାଜନ ଆରମ୍ଭରୁ ଡବ୍ଲ୍ୟୁପିଏଲ୍ ସେଟ୍‌ଅପ୍‌ରେ ଅଂଶବିଶେଷ ରହି ଆସିଛନ୍ତି।

# ୟୁଏଇ ବିପକ୍ଷରେ ମାତ୍ର ୧୮ ବଲ୍‌ରେ ମ୍ୟାଚ୍ ଜିତିଲା ଅଷ୍ଟ୍ରେଲିଆ

**ନୂଆଦିଲ୍ଲୀ**

ଅଷ୍ଟ୍ରେଲିଆ ହଂକଂ ସିକ୍ସେସ ଟୁର୍ଣ୍ଣାମେଣ୍ଟକୁ ବିଜୟ ସହିତ ଆରମ୍ଭ କରିଥିଲା। ଅଷ୍ଟ୍ରେଲିଆ ମାତ୍ର ୧୮ ବଲ୍‌ରେ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ବିପକ୍ଷରେ ମ୍ୟାଚ୍‌କୁ ୬ ଉଇକେଟ୍‌ରେ ଜିତିଥିଲା। ଏହି ପୁଲ ବି ମ୍ୟାଚ୍‌ରେ ଅଷ୍ଟ୍ରେଲିଆର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନ ଜ୍ୟାକ ଉଡ ଏକ ଧମାକାଦାର ଇନିଂସ ଖେଳିଥିଲେ। ସେ ମାତ୍ର ୧୧ ବଲରେ ୫୫ ରନ କରି ଦଳକୁ ପଏଣ୍ଟ ଟେବୁଲର ଶୀର୍ଷରେ ପହଞ୍ଚାଇଥିଲେ। ଏହି ପୁଲ୍‌ରେ ଇଂଲଣ୍ଡ ତୃତୀୟ ଦଳ।

ହଂକଂ ସିକ୍ସେସ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ୮୮ ରନ୍‌ର ଟାର୍ଗେଟକୁ ପିଛା କରି ଅଷ୍ଟ୍ରେଲିଆ ମାତ୍ର ୩ ଓଭରରେ କୌଣସି ଉଇକେଟ ନ ହରାଇ ବିଜୟୀ ହୋଇଥିଲା। ଡାହାଣହାତୀ ବ୍ୟାଟ୍ସମ୍ୟାନ ଜ୍ୟାକ ଉଡ ମାତ୍ର ୧୧ ବଲ୍‌ରେ ୫୫



ରନ କରି ୭ ଛକା ଏବଂ ୩ ଚୌକା ମାରି ୫୦୦ ଷ୍ଟ୍ରାଇକ ରେଟ୍‌ରେ ସ୍କୋର କରିଥିଲେ। ନିକ ହବସନ ୫ ବଲ୍‌ରେ ଅପରାଜିତ ୨୬ ରନ କରି ୨ ଚୌକା ଏବଂ ୩ ଛକା ମାରିଥିଲେ। ଏହି ମ୍ୟାଚ୍‌ରେ ପୂର୍ବରୁ ୟୁଏଇ ଏକ ବଡ଼ ସ୍କୋର କରିପାରି ନ ଥିଲା।

ପ୍ରଥମେ ବ୍ୟାଟିଂ କରି ୟୁଏଇ ଦଳ ୬ ଓଭରରେ ୩ ଉଇକେଟ ହରାଇ ମାତ୍ର ୮୭ ରନ କରିପାରିଥିଲା। ସାଗିର ଖାନ ୬ ବଲରେ ୪ ଛକା ସହାୟତାରେ ୨୪ ରନ କରିଥିଲେ। ମହମ୍ମଦ ଆରଫାନ ୧୪ ବଲରେ ୩ ଚୌକା ଏବଂ ୨ ଛକା ସହାୟତାରେ ୨୮ ରନର ଅପରାଜିତ ଇନିଂସ ଖେଳିଥିଲେ। ଅଧିନାୟକ ଖାଲିଦ ଶାହ ୫ ବଲରେ ଗୋଟିଏ ଚୌକା ଏବଂ ଗୋଟିଏ ଛକା ସହାୟତାରେ ୧୧ ରନ କରିଥିଲେ। ଜାହିଦ ଅଲି ୫ ବଲରେ ଗୋଟିଏ ଚୌକା ଏବଂ ୨ ଛକା ସହାୟତାରେ ୧୭ ରନର ଅପରାଜିତ ଇନିଂସ ଖେଳିଥିଲେ। ଅଷ୍ଟ୍ରେଲିଆ ପାଇଁ କ୍ରିସ ଗ୍ରୀନ ଗୋଟିଏ ଓଭରରେ ୧୯ ରନ ଦେଇ ୨ ଉଇକେଟ ନେଇଥିଲେ। ଜ୍ୟାକ ଉଡ ୨ ଓଭରରେ ୧୩ ରନ ଦେଇ ଗୋଟିଏ ଉଇକେଟ ନେଇଥିଲେ। ଜ୍ୟାକ ଉଡ୍ ତାଙ୍କ ଚମତ୍କାର ପ୍ରଦର୍ଶନ ପାଇଁ ପ୍ଲେୟାର ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ।

୨୯ ବର୍ଷୀୟ ଜ୍ୟାକ ଉଡ ୨୦୨୦ ମସିହାରେ ବ୍ରିସବେନ ହିଟ ପାଇଁ ବିଗ୍ ବ୍ୟାଶ୍ ଲିଗ୍ ଡେବ୍ୟୁ କରିଥିଲେ। ସେ ଏହି ଲିଗରେ ୬ ମ୍ୟାଚ ଖେଳିଥିଲେ। ସେ ୧୯.୫୦ ହାରରେ ୧୧୭ ରନ କରିଥିଲେ ଏବଂ ଦୁଇଟି ଉଇକେଟ ନେଇଥିଲେ। ଜ୍ୟାକ ଉଡ୍ ଗତବର୍ଷ ହଂକଂ ସିକ୍ସେସ ଟୁର୍ଣ୍ଣାମେଣ୍ଟରେ ମଧ୍ୟ ଅଂଶଗ୍ରହଣ କରିଥିଲେ। ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ୍‌ରେ ପାକିସ୍ତାନ ଅଷ୍ଟ୍ରେଲିଆକୁ ପରାସ୍ତ କରିଥିଲା।

# ମାସିକ ୪ ଲକ୍ଷ ଟଙ୍କାରେ ବି ଖୁସି ନାହାନ୍ତି ହସୀନ ଜାହାଁ : ଶାମିଙ୍କୁ ସୁପ୍ରିମକୋର୍ଟଙ୍କ ନୋଟିସ୍

**ନୂଆଦିଲ୍ଲୀ**

ଗୋଟିଏ ପଟେ ଟିମ୍ ଇଣ୍ଡିଆରେ ସ୍ଥାନ ମିଳିପାରୁନି, ଅନ୍ୟପଟେ ଏକ୍ସ ୱାଇଫ ପିଛା ଛାଡୁନାହାନ୍ତି। ଭାରତୀୟ ଟିମ୍‌ର ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ଅଡୁଆ ବଢ଼ିବାରେ ଲାଗିଛି। ଦକ୍ଷିଣ ଆଫ୍ରିକା ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଟିମ୍ ଘୋଷଣା ସରିଛି। ହେଲେ ଟିମ୍‌ରେ ଷ୍ଟାର ବୋଲର ଶାମିଙ୍କୁ ସୁଯୋଗ ମିଳିନାହିଁ। ଏନେଇ ଚର୍ଚ୍ଚା ଆଲୋଚନା ଜାରି ରହିଥିବା ବେଳେ ଏବେ ପୁଣି ଶାମିଙ୍କ ପାଇଁ ଆସିଛି ନୂଆ ଟେନସନ୍। ତାଙ୍କର ପୂର୍ବତନ ପତ୍ନୀ ହସୀନ ଜାହାଁ ଅଧିକ ଆଲିମନି ଦାବି କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଆଲମନି ବାବଦକୁ ଶାମି ଦେଉଥିବା ୪ ଲକ୍ଷ ଟଙ୍କା ତାଙ୍କୁ କମ ଲାଗୁଛି ଏବଂ ସେ ୧୦ ଲକ୍ଷ ଟଙ୍କା ଦାବି କରିଛନ୍ତି। ସୁପ୍ରିମକୋର୍ଟ ହସୀନଙ୍କୁ କହିଛନ୍ତି, ଆମକୁ ୪ ଲକ୍ଷ ଟଙ୍କା ପର୍ଯ୍ୟାପ୍ତ



ଲାଗୁଛି। ପରେ କୋର୍ଟ ବେଙ୍ଗଲ ସରକାର ଏବଂ ମହମ୍ମଦ ଶାମିଙ୍କୁ ନୋଟିସ୍ ଜାରି କରିଛନ୍ତି।

କୋଲକାତା ହାଇକୋର୍ଟ ହସୀନ ଜାହାଁ ଏବଂ ତାଙ୍କ ଝିଅ ପାଇଁ ମାସିକ ୪ ଲକ୍ଷ ଟଙ୍କା ଭରଣପୋଷଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ୪ ଲକ୍ଷ ଟଙ୍କା ମଧ୍ୟରୁ ୧.୫୦ ଲକ୍ଷ ଟଙ୍କା ହସୀନ ଜାହାଁଙ୍କ ପାଇଁ ଏବଂ ୨.୫୦ ଲକ୍ଷ ଟଙ୍କା ତାଙ୍କ ଝିଅ ପାଇଁ। କିନ୍ତୁ ହସୀନ ଜାହାଁ ଏଥିରେ ସନ୍ତୁଷ୍ଟ ନୁହନ୍ତି। ଏହି ମାମଲାରେ ସୁପ୍ରିମକୋର୍ଟ ପରବର୍ତ୍ତୀ ଶୁଣାଣି ଚାରି ସପ୍ତାହ ମଧ୍ୟରେ କରିବେ।

ହସୀନ ଜାହାଁ ତାଙ୍କ ଆବେଦନରେ ଦାବି କରିଛନ୍ତି ଯେ, ମହମ୍ମଦ ଶାମିଙ୍କୁ ମାସିକ ୧୦ ଲକ୍ଷ ଟଙ୍କା ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦିଆଯାଉ। ତାଙ୍କ ସ୍ତ୍ରୀଙ୍କ ଖର୍ଚ୍ଚ ପାଇଁ ୭ ଲକ୍ଷ ଟଙ୍କା ଏବଂ ତାଙ୍କ ଝିଅର ଭରଣପୋଷଣ ପାଇଁ ୩ ଲକ୍ଷ ଟଙ୍କା। ମହମ୍ମଦ ଶାମି ଏବଂ ହସୀନ ଜାହାଁ ୨୦୧୪ ମସିହାରେ ବିବାହ କରିଥିଲେ। କିନ୍ତୁ ୨୦୧୮ ମସିହାରେ ଅଲଗା ହୋଇଯାଇଥିଲେ। ସେବେଠାରୁ ବିବାଦ ଜାରି ରହିଛି। ହସୀନ ଜାହାଁ ଶାମିଙ୍କ ବିରୁଦ୍ଧରେ ଘରୋଇ ହିଂସା ଏବଂ ମ୍ୟାଚ୍ ଫିକ୍ସିଂ ସମେତ ଅନେକ ଗମ୍ଭୀର ଅଭିଯୋଗ ଆଣିଥିଲେ। ଭାରତୀୟ ଦଣ୍ଡ ସଂହିତା ଅନୁଯାୟୀ ମହମ୍ମଦ ଶାମିଙ୍କ ବିରୁଦ୍ଧରେ ଏକ ଫୌଜଦାରୀ ମାମଲା ରୁଜୁ କରାଯାଇଛି। ସେପଟେ ମ୍ୟାଚ୍ ଫିକ୍ସିଂ ଅଭିଯୋଗରେ ଶାମିଙ୍କୁ ବିସିସିଆଇ ମୁକ୍ତ କରିଛି।

ହସୀନ ଜାହାଁ, ଶାମିଙ୍କ ସହ ତାଙ୍କର କଥାବାର୍ତ୍ତାର ସ୍କ୍ରିନସଟ୍ ଏବଂ ଟେଲିଫୋନ୍ ରେକର୍ଡିଂ ସେୟାର କରି ତାଙ୍କ ଉପରେ ପରକୀୟା ପ୍ରୀତିର ଅଭିଯୋଗ ଆଣିଥିଲେ। ସେ ଶାମି ଏବଂ ତାଙ୍କ ପରିବାର ଉପରେ ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା କରିଥିବା ମଧ୍ୟ ଅଭିଯୋଗ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ, ଶାମିଙ୍କର ବେଙ୍ଗାଲୁରୁ, ପୁଣେ, ଇନ୍ଦୋର ଏବଂ ନାଗପୁରର ବିଭିନ୍ନ ମହିଳାଙ୍କ ସହିତ ସମ୍ପର୍କ ଥିଲା।

# ଦ୍ୱିତୀୟ ଦିନିକିଆ : ଦ.ଆଫ୍ରିକାକୁ ଜିତାଇଲେ ଡି'କକ୍, ୮ ୱିକେଟରେ ହାରିଲା ପାକିସ୍ତାନ

**ଫୈସଲାବାଦ**

କ୍ୱିଣ୍ଟନ ଡି'କକ୍‌ଙ୍କ ଅପରାଜିତ ଶତକ ବଳରେ ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଦିନିକିଆରେ ଘରୋଇ ପାକିସ୍ତାନକୁ ୮ ୱିକେଟରେ ହରାଇ ସିରିଜ ବରାବର କରିଛି। ଏହି ମ୍ୟାଚ୍‌ରେ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ୯ ୱିକେଟ୍ ହରାଇ ୨୬୯ରନ୍ ସଂଗ୍ରହ କରିଥିଲା। ଜବାବରେ ଦକ୍ଷିଣ ଆଫ୍ରିକା ୪୦.୧ ଓଭରରେ ୨ ୱିକେଟ୍ ବିନିମୟରେ ବିଜୟ ହାସଲ କରିଥିଲା। ଡି'କକ୍ ପ୍ଲେୟାର ଅଫ୍ ଦ ମ୍ୟାଚ୍ ବିବେଚିତ ହୋଇଥିଲେ। ଟସ୍ ଜିତି ପାକିସ୍ତାନ ବ୍ୟାଟିଂ କରି ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ୨୨ରନ୍ ମଧ୍ୟରେ ଦଳ ୩ଟି ୱିକେଟ ହରାଇଥିଲା।

ଓପନର ସାଏମ ଆୟୁବ ୫୩ (୫ଚୌକା, ୧ଛକା), ସଲମାନ ଆଘା ୬୯ (୫ଚୌକା), ମହମ୍ମଦ ନୱାଜ ୫୯ (୩ଚୌକା, ୪ଛକା), ଫହିମ ଅସ୍ରଫ ୨୮ରନ୍ ଯୋଗ କରିବା ଫଳରେ ଦଳୀୟ ସ୍କୋର ୯/୧୬୯ରେ ପହଞ୍ଚିଥିଲା। ଦକ୍ଷିଣ ଆଫ୍ରିକା ପକ୍ଷରୁ ନାନ୍ଦ୍ରେ ବର୍ଗର ୪ଟି ଓ ଏନ୍. ପିଟର ୩ଟି ୱିକେଟ୍ ଅକ୍ତିଆର କରିଥିଲେ। ୨୭୦ରନ୍ ବିଜୟ ଲକ୍ଷ୍ୟର ପିଛା କରି ଦକ୍ଷିଣ ଆଫ୍ରିକାର ଦୁଇ ଓପନର ଲୁଆନ୍‌ଡ୍ରେ ପ୍ରିଟୋରିୟସ ଓ ଡି'କକ୍ ଦୃଢ଼ ବ୍ୟାଟିଂ କରି ୮୧ରନ୍ ସଂଗ୍ରହ କରିଥିଲେ। ପ୍ରିଟୋରିୟସ




୭ଚୌକା, ୧ଛକା ବଳରେ ୪୬ରନ୍ କରି ପ୍ରଥମେ ଆଉଟ୍ ହୋଇଥିଲେ। ଏହାପରେ ଟୋନି ଡି' ଜର୍ଜି ଯୋଗଦେଇ ଡି'କକ୍‌ଙ୍କ ସହ ମିଶି ସ୍କୋରକୁ ଆଗେଇ ନେଇଥିଲେ। ଡି'କକ୍ ୯୬ଟି ବଲ୍‌ରେ କ୍ୟାରିୟରରେ ୨୨ତମ ଦିନିକିଆ ଶତକ ପୂରଣ କରିଥିଲେ। ଦ୍ୱିତୀୟ ୱିକେଟରେ ଉଭୟ ୧୫୩ ରନ୍‌ର ଭାଗିଦାରୀ ଗଠନ କରି ଦଳକୁ ବିଜୟ ନିକଟତର କରାଇଥିଲେ। ଦଳୀୟ ସ୍କୋର ୨୩୪ରେ ବ୍ୟକ୍ତିଗତ ୭୬ (୯ଚୌକା, ୩ଛକା) ରନ୍ କରି ଆଉଟ୍ ହୋଇଥିଲେ ଡି'ଜର୍ଜି। ମାତ୍ର ଡି'କକ୍ ଓ ମାଥ୍ୟୁ ବ୍ରିଜକି ଅପରାଜିତ ରହି ଦଳକୁ ବିଜୟୀ କରାଇଥିଲେ।

# ୧୧ଟି କମ୍ପାନୀର ମାଲିକ ବିରାଟ କୋହଲି, କ୍ରିକେଟ ଠାରୁ ଏଠାରୁ ହୁଏ ଅଧିକ ରୋଜଗାର !

**ନୂଆଦିଲ୍ଲୀ**

ନଭେମ୍ବର ୫ରେ ୩୭ ବର୍ଷ ବୟସରେ ପଦାର୍ପଣ କରିଥିବା ବିରାଟ କୋହଲି ତାଙ୍କର ଅକ୍ଳାନ୍ତ କଠିନ ପରିଶ୍ରମ ଏବଂ ସମର୍ପଣ ସହିତ ଲକ୍ଷ ଲକ୍ଷ ଲୋକଙ୍କୁ ଅନୁପ୍ରାଣିତ କରିଆସୁଛନ୍ତି, ଯାହା ତାଙ୍କୁ ସର୍ବକାଳୀନ ସବୁଠାରୁ ସଫଳ ଅନ୍ତର୍ଜାତୀୟ କ୍ରିକେଟରମାନଙ୍କ ମଧ୍ୟରୁ ଜଣେ କରିଥାଏ। କୋହଲି ବର୍ତ୍ତମାନ ତାଙ୍କ ଚମତ୍କାର ଅନ୍ତର୍ଜାତୀୟ କ୍ୟାରିୟରର ଅପରାହ୍ନରେ ଅଛନ୍ତି। ପୂର୍ବତନ ଭାରତୀୟ ଅଧିନାୟକ, ଯିଏ ଭାରତର ସବୁଠାରୁ ସଫଳ ଟେଷ୍ଟ ଅଧିନାୟକ ମଧ୍ୟ, ଦୁଇଟି ଫର୍ମାଟରୁ ଅବସର ଘୋଷଣା କରିସାରିଛନ୍ତି ଏବଂ ବର୍ତ୍ତମାନ କେବଳ ଏକଦିବସୀୟରେ ଧ୍ୟାନ ଦେଉଛନ୍ତି, ଦ୍ୱିତୀୟ ବିଶ୍ୱକପ ଜିତିବା ଆଶାରେ, ଯଦିଓ ସେ ୨୦୨୩ ରେ ଏହାକୁ ଅଳ୍ପ ପରିମାଣରେ ହରାଇଥିଲେ।

କ୍ରିକେଟ ବ୍ୟତୀତ, କୋହଲି ଗତ କିଛି ବର୍ଷ ମଧ୍ୟରେ ଏକ ଦୃଢ଼ ବ୍ୟବସାୟିକ ପୋର୍ଟଫୋଲିଓ ମଧ୍ୟ ନିର୍ମାଣ କରିଛନ୍ତି, ଯାହା ତାଙ୍କୁ ଯଥେଷ୍ଟ ସମ୍ପତ୍ତି ସଂଗ୍ରହ କରିବାରେ ସାହାଯ୍ୟ କରିଛି। ଖାଦ୍ୟ ଏବଂ କ୍ରୀଡ଼ାଠାରୁ ଆରମ୍ଭ କରି ଅନଲାଇନ ଖୁଚୁରା ଏବଂ ଜୀବନଶୈଳୀ ଉଦ୍ୟୋଗ ପର୍ଯ୍ୟନ୍ତ, ତାଙ୍କର ନିବେଶ ସେହି ସମାନ ଧ୍ୟାନ ଏବଂ ଦୂରଦୃଷ୍ଟିକୁ ପ୍ରତିଫଳିତ କରେ ଯାହା ତାଙ୍କ ଖେଳକୁ ଆଧାର କରେ। ଭାରତରେ ବ୍ୟବସାୟ ପାଇଁ ଘରୋଇ ବଜାର ସୂଚନା ପ୍ରଦାନ କରୁଥିବା ଏକ କମ୍ପାନୀ ପ୍ରାଇଭେଟ ସର୍କଲର ତଥ୍ୟ ଅନୁସାରେ, ଏଠାରେ କୋହଲି ତାଙ୍କର ଟଙ୍କା ଏବଂ ଦୃଷ୍ଟିକୋଣ ନିବେଶ କରିଥିବା ପ୍ରମୁଖ କ୍ଷେତ୍ରଗୁଡ଼ିକ ଉପରେ ଏକ ନଜର ଦିଆଯାଇଛି।

କୋହଲି ୨୦୧୭ ମସିହାରେ ପାସନ ହସ୍ପିଟାଲିଟିରେ ନିବେଶ କରି ଆତିଥ୍ୟ କ୍ଷେତ୍ରରେ ପ୍ରଥମ ପ୍ରବେଶ କରିଥିଲେ। ପାସନ ହସପିଟାଲିଟି ତାଙ୍କର ଲୋକପ୍ରିୟ ୱାନ୍‌୮ କମ୍ୟୁନ ରେଷ୍ଟୁରାଣ୍ଟ ଚେନ ପରିଚାଳନା କରନ୍ତି। କୋହଲି ମୃଦୁ ପାନୀୟ ନିର୍ମାତା ଓସିଆନ ଡ୍ରିଙ୍କସ



ଏବଂ ପ୍ୟାକେଜ୍ଡ ଖାଦ୍ୟ କମ୍ପାନୀ ବ୍ଲୁ ଟ୍ରାଇବରେ ମଧ୍ୟ ନିବେଶ କରିଛନ୍ତି। ଏହା ସହିତ, କୋହଲି, ସିକ୍ସଥ ସେନ୍ସ ଭେଞ୍ଚର କ୍ୟାପିଟାଲ ଏବଂ ଅନ୍ୟ ଦୁଇଜଣଙ୍କ ସହିତ, ସଓ୍ୱାମ୍ପନ କମର୍ସରେ ପ୍ରାୟ ୧୯ କୋଟି ନିବେଶ କରିଥିଲେ, ଯାହା ଏକ କମ୍ପାନୀ ଯାହା ଇନଷ୍ଟାଣ୍ଟ ସ୍ୱାଦଯୁକ୍ତ କଫି ଉତ୍ପାଦ ପ୍ରସ୍ତୁତ କରେ, ଯାହା ମୁଖ୍ୟତଃ ରାଜ କଫି ବ୍ରାଣ୍ଡ ନାମରେ ବିକ୍ରି ହୁଏ।

କୋହଲିଙ୍କ ଶେଷ ନିବେଶ ମେ ୨୦୨୫ରେ ୱାର୍ଲ୍ଡ ବୋଲିଂ ଲିଗରେ ଥିଲା। ସେ ମୂଳ କମ୍ପାନୀ ଗାଲାକ୍ଟସ ଫନୱେୟାର ଟେକ୍ନୋଲୋଜି ସହିତ ଏକ ରଣନୈତିକ ସହଭାଗୀତା ମାଧ୍ୟମରେ ଗଚଖ ରେ ମଧ୍ୟ ନିବେଶ କରିଥିଲେ। ଅନେକ ଲୋକ, ବିଶେଷକରି ଫୁଟବଲ ପ୍ରଶଂସକ, ଇଣ୍ଡିଆନ ସୁପର ଲିଗ କ୍ଲବ ଏଫସି ଗୋଆରେ କୋହଲିଙ୍କ ନିବେଶ ବିଷୟରେ ଜାଣନ୍ତି। ଆଶ୍ଚର୍ଯ୍ୟର କଥା, ଏହା ତାଙ୍କର ପ୍ରଥମ ନିବେଶ ଥିଲା, ଯାହା ସେ ଫେବୃଆରୀ ୨୦୧୫ ରେ କରିଥିଲେ। କୋହଲି ପ୍ରଥମେ ପ୍ରାୟ ୩ କୋଟି ନିବେଶ କରିଥିଲେ। ଏହା ପରେ ବର୍ଷ ଶେଷରେ ପ୍ରାୟ ୩୫ କୋଟିର ଆଉ ଏକ ନିବେଶ ହୋଇଥିଲା। ଏହି ନିବେଶ କ୍ରିକେଟରଙ୍କ ସମେତ ସମସ୍ତ ନିବେଶକଙ୍କଠାରୁ ଏକ ମିଳିତ ପରିମାଣରେ ହୋଇଥିଲା।

ରଗ୍ନ ଏବଂ ଏଜିଲିଟାସ ହେଉଛି ଅନଲାଇନ ଖୁଚୁରା କ୍ଷେତ୍ରରେ କୋହଲିଙ୍କ ଦୁଇଟି ଜଣାଶୁଣା ନିବେଶ। କୋହଲି, କର୍ଣ୍ଣର ଷ୍ଟୋନ ସ୍ପୋର୍ଟ୍ସ ଏଲଏଲପି ସହିତ, ୨୦୨୦ରେ ରଗ୍ନରେ ପ୍ରାୟ ୨୦ କୋଟି ନିବେଶ କରିଥିଲେ। ତା'ପରେ ସେ ସମାନ କ୍ଷେତ୍ରର ଅନ୍ୟ ଏକ କମ୍ପାନୀ, ଏଜିଲିଟାସ, ଏକ ସ୍ପୋର୍ଟସ ଫୁଟୱେୟାର ନିର୍ମାଣକାରୀ କମ୍ପାନୀରେ ନିବେଶ କରିଥିଲେ। ଏହା ଅକ୍ଟୋବର ୨୦୨୪ରେ ଥିଲା, ଯେତେବେଳେ କୋହଲି, ଅନ୍ୟ ତିନି ଜଣଙ୍କ ସହିତ ୫୮ କୋଟି ନିବେଶ କରିଥିଲେ। ସୋସିଆଲ ନେଟୱାର୍କିଂ କ୍ଷେତ୍ରରେ, କୋହଲି କୁ' ଆପ୍‌ରେ ମଧ୍ୟ ନିବେଶ କରିଥିଲେ, ଯାହା ଜୁଲାଇ ୨୦୨୪ ରେ କାର୍ଯ୍ୟ ବନ୍ଦ କରିଦେଇଥିଲା। କୋହଲି ସେପ୍ଟେମ୍ବର ୨୦୨୧ ରେ ୦.୦୧% ଅଂଶଧନ ପାଇଁ ଏଥିରେ ନିବେଶ କରିଥିଲେ। ସେହି ସମୟରେ, କମ୍ପାନୀର ମୂଲ୍ୟ ପ୍ରାୟ ୮୦୦-୮୫୦ କୋଟି ଥିଲା। ଫେବୃଆରୀ ୨୦୨୦ରେ, କୋହଲି ଟିଭିଏସ୍ କ୍ୟାପିଟାଲ ଭଳି ଅନ୍ୟ ପ୍ରମୁଖ ନିବେଶକଙ୍କ ସହିତ ଗୋ ଡିଜିଟ୍‌ରେ ନିବେଶ କରିଥିଲେ। କମ୍ପାନୀଟି ମଇ ୨୦୨୪ ରେ ଏହାର ଆଇପିଓ ଲଞ୍ଚ କରିଥିଲା।

# ପ୍ରତୀକାଙ୍କୁ ନିଜ ବିଶ୍ୱକପ୍ ପଦକ ଦେଲେ ଅମନଜୋତ



**ନୂଆଦିଲ୍ଲୀ**

ଦିନିକିଆ ବିଶ୍ୱକପ୍ ଚାମ୍ପିଅନ୍ ଭାରତୀୟ ମହିଳା ଦଳର ସମସ୍ତ ସଦସ୍ୟ ଗତ ବୁଧବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ସେମାନେ ଶ୍ରୀ ମୋଦିଙ୍କ ସହ ଆଲୋଚନା କରିବା ସହ ଫଟୋସୁଟ୍ କରିଥିଲେ। ଫଟୋସୁଟ୍ ଅବସରରେ ଅଲରାଉଣ୍ଡର ଅମନଜୋତ କୌର ନିଜ ବିଶ୍ୱକପ୍ ପଦକକୁ ପ୍ରତୀକା ରାଓ୍ୱଲଙ୍କୁ ଦେଇ ସମସ୍ତଙ୍କ ମନ ଜିଣି ନେଇଥିଲେ।

ପ୍ରତୀକା ଆହତ ହୋଇ ନକ୍‌ଆଉଟ୍ ରାଉଣ୍ଡରୁ ବାଦ୍ ପଡ଼ିବା ଫଳରେ ତାଙ୍କୁ ବିଶ୍ୱକପ୍ ପଦକ ପ୍ରଦାନ କରାଯାଇନଥିଲା। ମାତ୍ର ପ୍ରଧାନମନ୍ତ୍ରୀଙ୍କ ସହ ଫଟୋସୁଟ ପୂର୍ବରୁ ଅମନଜୋତ ବିଶ୍ୱକପ୍ ପଦକକୁ ନିଜ ବେକରେ ନପକାଇ ପ୍ରତୀକାଙ୍କୁ ପିନ୍ଧିବାକୁ ଦେଇଥିଲେ। ଏହି ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି। ସୋସିଆଲ୍ ମିଡିଆ ଅନୁଗାମୀମାନେ ଅମନଜୋତଙ୍କୁ ଭୂୟସୀ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ପ୍ରତୀକା ଲିଗ୍ ପର୍ଯ୍ୟାୟରେ ୭ଟି ମ୍ୟାଚ୍ ଖେଳି ୫୧.୩୩ ଆଭରେଜରେ ମୋଟ ୩୦୮ (୧ଶତକ, ୧ଅର୍ଦ୍ଧଶତକ) ରନ୍ ସଂଗ୍ରହ କରିଥିଲେ। ମାତ୍ର ବାଂଲାଦେଶ ବିପକ୍ଷ ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବାବେଳେ ଗୁରୁତର ଆହତ ହୋଇ ନକ୍ ଆଉଟ୍ ରାଉଣ୍ଡରୁ ବାଦ୍ ପଡ଼ିଥିଲେ। ଫଳରେ ଶେଫାଳି ବର୍ମାଙ୍କୁ ଡାକରା ମିଳିଥିଲା।

# ଗୋଟିଏ ଓଭରରେ ୬ଟି ଛକା ମାରିଲେ ପାକିସ୍ତାନ ଷ୍ଟାର୍ ଆଫ୍ରିଦି

**ହଂକଂ**

ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ପାକିସ୍ତାନର ୨୪ ବର୍ଷୀୟ ବ୍ୟାଟ୍ସମ୍ୟାନ୍ ଅବ୍ବାସ୍ ଆଫ୍ରିଦି ହଂକଂ ସିକ୍ସେସ୍ ଟୁର୍ଣ୍ଣାମେଣ୍ଟରେ ଏକ ବିରଳ ରେକର୍ଡର ସମକକ୍ଷ ହୋଇଛନ୍ତି। ଶୁକ୍ରବାର କୁଏତ୍ ବିପକ୍ଷରେ ଖେଳା ଯାଇଥିବା ଏକ ମ୍ୟାଚ୍‌ରେ ସେ ଗୋଟିଏ ଓଭରରେ ୬ଟି ଯାକ ବଲ୍‌ରେ ୬ଟି ଛକା ମାରି ଅବିଶ୍ୱସନୀୟ କାରନାମା କରିଛନ୍ତି। ଅବ୍ବାସ୍ ଆଫ୍ରିଦି ୟାସିନ୍ ପଟେଲ୍ ନାମକ ବୋଲରଙ୍କ ଓଭରରେ ଏହି ରେକର୍ଡ କରିଥିଲେ। ମାତ୍ର ୧୨ଟି ବଲ୍ ଖେଳି ସେ ମୋଟ ୫୫ ରନ୍ କରିଥିଲେ। ୬ ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ କୁଏତ୍ ଦେଇଥିବା ୧୨୪ ରନ୍‌ର ବିଶାଳ ଲକ୍ଷ୍ୟକୁ ପାକିସ୍ତାନ ଶେଷ ବଲ୍‌ରେ ପୂରଣ କରି ବିଜୟୀ ହୋଇଥିଲା। ଆଇସିସି ଦ୍ୱାରା ସ୍ୱୀକୃତିପ୍ରାପ୍ତ ଏହି ଫର୍ମାଟରେ ଅବ୍ବାସ୍ ଆଫ୍ରିଦିଙ୍କ ଏହି ପ୍ରଦର୍ଶନ ତାଙ୍କୁ ଜାତୀୟ ଦଳରେ ସାମିଲ କରିବା ପାଇଁ ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରିବାର ସମ୍ଭାବନା ରହିଛି। ସେ ଶେଷ ଥର ପାଇଁ ଜୁଲାଇ ୨୦୨୪ରେ ପାକିସ୍ତାନ ପାଇଁ ଖେଳିଥିଲେ। ଏହା ଏକ ଦ୍ରୁତ ଗତିର ଅନ୍ତର୍ଜାତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଯେଉଁଥିରେ ୬ ଜଣ ଖେଳାଳିଙ୍କ ଦଳ ଏବଂ ୬ ଓଭର ବିଶିଷ୍ଟ ମ୍ୟାଚ୍ ଖେଳାଯାଏ, ଯାହା ପ୍ରାୟ ୪୫ ମିନିଟ୍ ମଧ୍ୟରେ ଶେଷ ହୋଇଥାଏ।

# ଏସିଆ କପ୍ ତୀରନ୍ଦାଜୀ : ଭାରତୀୟ ଦଳରେ ଶୀତଲ

**ନୂଆଦିଲ୍ଲୀ**

ସାଉଦି ଆରବର ଜେଦାହ ଠାରେ ଏସିଆ କପ୍ ତୀରନ୍ଦାଜୀର ତୃତୀୟ ପର୍ଯ୍ୟାୟ ଆୟୋଜିତ ହେବ। ଏଥିପାଇଁ ଭାରତୀୟ ଦଳ ଘୋଷଣା ସରିଛି। ଏହି ଦଳରେ ପାରା ତୀରନ୍ଦାଜ ଶୀତଲ ଦେବୀ ସ୍ଥାନ ପାଇଛନ୍ତି। ସକ୍ଷମଙ୍କ ପାଇଁ ହେଉଥିବା ଏହି ପ୍ରତିଯୋଗିତାରେ ସେ ଦଳରେ ସ୍ଥାନ ପାଇ ଇତିହାସ ରଚିଛନ୍ତି। ସେ ପ୍ରଥମ ପାରା ତୀରନ୍ଦାଜ ଭାବେ ସକ୍ଷମ ପାଇଁ ଆୟୋଜିତ ଟୁର୍ଣ୍ଣାମେଣ୍ଟରେ ଭାଗ ନେବାକୁ ଯାଉଛନ୍ତି। ଜାମ୍ମୁ-କାଶ୍ମୀରର ୧୮ବର୍ଷୀୟା ଶୀତଲଙ୍କର ପିଲାଦିନୁ ଦୁଇଟି ଯାକ ହାତ ନାହିଁ। ମାତ୍ର ବିନା ହାତରେ ସେ ଲକ୍ଷ୍ୟ ଭେଦ କରିବାରେ ସିଦ୍ଧହସ୍ତ। ପାଦ ଓ ଚିବୁକ ଦ୍ୱାରା ସେ ତୀର ଚଳାଇ ଅନେକ ରେକର୍ଡ଼ ସ୍ଥାପନ କରିସାରିଛନ୍ତି। ୨୦୨୪ ପାରାଲିମ୍ପିକ୍ସରେ ଶୀତଲ ମିକ୍ସଡ



ଟିମ୍‌ରେ ଭାଗ ନେଇ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ନିକଟରେ ଏସିଆ କପ୍ ତୀରନ୍ଦାଜୀ ପାଇଁ ସୋନିପତ ଠାରେ ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲେ। ୬୦ଜଣ ସକ୍ଷମ ତୀରନ୍ଦାଜଙ୍କ ସହ ଶୀତଲ ଭାଗ ନେଇଥିଲେ ଏବଂ ମୋଟ ୭୦୩ ପଏଣ୍ଟ ସହ ମିଳିତ ଶୀର୍ଷରେ ରହିଥିଲେ।

## ଏସିଆ କପ ଟ୍ରଫି ବିବାଦ

# ମୋହସିନ ନକ୍‌ଭିଙ୍କ ଦ୍ୱୈତ ଭୂମିକା ଉପରେ ବିସିସିଆଇର ଆପତ୍ତି

**ନୂଆଦିଲ୍ଲୀ**

ଏସିଆ କପ ୨୦୨୫ ଶେଷ ହେବାର ପ୍ରାୟ ଛଅ ସପ୍ତାହ ବିତିଗଲାଣି, କିନ୍ତୁ ଭାରତୀୟ ଦଳ ଏପର୍ଯ୍ୟନ୍ତ ଟ୍ରଫି ପାଇନାହିଁ। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱରେ ଭାରତ ୨୮ ସେପ୍ଟେମ୍ବରରେ ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଫାଇନାଲରେ ପାକିସ୍ତାନକୁ ପାଞ୍ଚ ୱିକେଟରେ ପରାସ୍ତ କରି ନବମ ଏସିଆ କପ ଟାଇଟଲ ଜିତିଥିଲା। ତଥାପି, ମ୍ୟାଚ ପରେ ଦେଖାଯାଇଥିବା ଦୃଶ୍ୟ ସମଗ୍ର କ୍ରିକେଟ ଜଗତକୁ ଆଶ୍ଚର୍ଯ୍ୟଚକିତ କରିଥିଲା।

ପ୍ରକୃତରେ, ଭାରତୀୟ ଦଳ ଟ୍ରଫି ଗ୍ରହଣ କରିବାକୁ ମନା କରିଦେଇଥିଲା କାରଣ ଏହାକୁ ପାକିସ୍ତାନ କ୍ରିକେଟ ବୋର୍ଡର ଅଧ୍ୟକ୍ଷ ଏବଂ ପାକିସ୍ତାନର ଗୃହମନ୍ତ୍ରୀ ମୋହସିନ ନକଭିଙ୍କଠାରୁ ଗ୍ରହଣ କରିବାକୁ ପଡିଥିଲା। ନକଭି ବର୍ତ୍ତମାନ ଏସୀୟ କ୍ରିକେଟ ପରିଷଦ (ଏସିସି)ର ଅଧ୍ୟକ୍ଷ ଅଛନ୍ତି, ଏବଂ ଏହି ଦ୍ୱୈତ ଭୂମିକା ଏବେ ବିବାଦ ସୃଷ୍ଟି କରିଛି।

ଟେଲିକମ ଏସିଆ ସ୍ପୋର୍ଟସର ଏକ ରିପୋର୍ଟ ଅନୁଯାୟୀ, ବିସିସିଆଇ ଏବେ ଏହି ସପ୍ତାହରେ ଦୁବାଇରେ ଅନୁଷ୍ଠିତ ହେବାକୁ ଥିବା ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି) ବୋର୍ଡ ବୈଠକରେ ଏହି ପ୍ରସଙ୍ଗ ଉଠାଇବାକୁ ଯୋଜନା କରୁଛି। ରିପୋର୍ଟରେ ଦାବି କରାଯାଇଛି ଯେ ଇଉଉଓ ମୋହସିନ ନକଭିଙ୍କ ବିରୁଦ୍ଧରେ ଅଭିଯୋଗର



ଏକ ତାଲିକା ପ୍ରସ୍ତୁତ କରିଛି ଏବଂ ତାଙ୍କ ଯୋଗ୍ୟତା ଉପରେ ପ୍ରଶ୍ନ ଉଠାଇ ଏକ ପ୍ରସ୍ତାବ ଉପସ୍ଥାପନ କରିବାକୁ ଯୋଜନା କରୁଛି।

ବିସିସିଆଇ କହିଛି ଯେ ଏକକାଳୀନ ସରକାରୀ ପଦବୀ ଏବଂ କ୍ରୀଡା ପ୍ରଶାସନିକ ପଦବୀରେ ରହିବା ଆଇସିସି ଶାସନ ନିୟମର ଉଲ୍ଲଂଘନ କରୁଛି। ମୋହସିନ ନକଭି କେବଳ ପାକିସ୍ତାନର ଗୃହମନ୍ତ୍ରୀ ନୁହଁନ୍ତି, ବରଂ ପିସିବି ଏବଂ ଏସିସି ଉଭୟରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ ମଧ୍ୟ ଅଛନ୍ତି। ସୂତ୍ର ଅନୁଯାୟୀ, ଟ୍ରଫି ହସ୍ତାନ୍ତର ସମ୍ପର୍କିତ ପରିସ୍ଥିତି ଅସ୍ପଷ୍ଟ ରହିଛି। ବିସିସିଆଇ ସଚିବ ଦେବଜିତ ସାଇକିଆ ସମ୍ପ୍ରତି କହିଛନ୍ତି ଯେ ଏହି ପ୍ରସଙ୍ଗ ସମ୍ପର୍କରେ ଏକ ଆନୁଷ୍ଠାନିକ ଚିଠି ଏସିସିକୁ ପଠାଯାଇଛି, କିନ୍ତୁ କୌଣସି ଉତ୍ତର ମିଳିନାହିଁ।

31 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର,୮ ନଭେମ୍ବର ୨୦୨୫ ଶନିବାର





# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଡ଼କ ଦୁର୍ଘଟଣା...

ଏବଂ ଏହା ଉପରେ ଏହି ଅଧିବେଶନରେ ଆଲୋଚନା ଲାଗି ସେ ଆହ୍ୱାନ କରିଥିଲେ। ଶ୍ରୀ ଗଡ଼କରୀ କହିଥିଲେ, ଭାରତର ସଡ଼କ ନେଟୱାର୍କ ବିଶ୍ୱରେ ଏକ ନମ୍ବର ହେବାକୁ ଯାଉଛି। ଉନ୍ନତ ସଡ଼କ ବିକଶିତ ହେଲେ ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପର ଆଗମନ ହୋଇଥାଏ । ଏସବୁକୁ ପ୍ରୋତ୍ସାହନ ମିଳିଲେ ପୁଞ୍ଜିନିବେଶ, ରୋଜଗାର ସୃଜନ ଏବଂ ଆର୍ଥିକ ଅଭିବୃଦ୍ଧିର ମାର୍ଗ ପ୍ରଶସ୍ତ ହୁଏ। ଆଇଆରସି ଅଧିବେଶନରେ ଶ୍ରେଷ୍ଠ କାର୍ଯ୍ୟପଦ୍ଧତି, ଗବେଷଣା, ନବସୃଜନ ଏବଂ କ୍ଷେତ୍ରୀୟ ଅଭିଜ୍ଞତାର ବିନିମୟ ଲାଗି ସେ ପରାମର୍ଶ ଦେଇଥିଲେ ।

ଶ୍ରୀ ଗଡ଼କରୀ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶ ସଡ଼କ ନିର୍ମାଣରେ ଐତିହାସିକ ପ୍ରଗତି ହାସଲ କରିଛି । ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ବର୍ତ୍ତମାନ ସୁଦ୍ଧା ସର୍ବାଧିକ ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ବଜେଟ୍ ଆବଣ୍ଟନ ହାସଲ କରିଛି । ସଡ଼କ ନିର୍ମାଣ କ୍ଷେତ୍ରରେ ଅର୍ଥ କିମ୍ବା ସମ୍ବଳର ଅଭାବ ନାହିଁ । ସଡ଼କ ନେଟୱାର୍କର ମୁଦ୍ରୀକରଣ ଦ୍ୱାରା ୧୫ ଲକ୍ଷ କୋଟି ଟଙ୍କାରୁ ଅଧିକ ସଂଗ୍ରହ କରାଯାଇପାରିବ । ତେବେ ଏଥିପାଇଁ ସ୍ୱଚ୍ଛତା, ସଚ୍ଚୋଟତା, ସକାରାତ୍ମକ ଆଭିମୁଖ୍ୟ ଏବଂ ଦ୍ରୁତ ନିର୍ଣ୍ଣୟ ପ୍ରକ୍ରିୟାର ଆବଶ୍ୟକତା ରହିଛି । କେନ୍ଦ୍ର ମନ୍ତ୍ରୀ କହିଥିଲେ, ସରକାର ଦ୍ରୁତ ଗତିରେ ରାଜପଥ ନିର୍ମାଣ କରୁଛନ୍ତି । ୨୦୧୪ରେ ୯୧ ହଜାର ୨୮୭ କିଲୋମିଟର ରାଜପଥ ଥିବା ବେଳେ ବର୍ତ୍ତମାନ ଏହା ୬୦% ବୃଦ୍ଧି ପାଇ ୧,୪୬,୩୪୨ କିଲୋମିଟରରେ ପହଞ୍ଚିଛି ।

ଶ୍ରୀ ଗଡ଼କରୀ କହିଥିଲେ, ଦେଶରେ ଉନ୍ନତ ସଡ଼କ ନିର୍ମାଣ କାରଣରୁ ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଉପାନ୍ତ ଏବଂ ଆଦିବାସୀ ଅଞ୍ଚଳରେ ମଧ୍ୟ ଭଲ ରାସ୍ତା ନିର୍ମିତ ହୋଇଛି । ଭଲ ସଡ଼କ ନିର୍ମାଣ କାରଣରୁ ଦେଶରେ ଲଜିଷ୍ଟିକ୍ସ ଖର୍ଚ୍ଚ ୧୬ ପ୍ରତିଶତରୁ ୧୧ ପ୍ରତିଶତକୁ ହ୍ରାସ ପାଇଥିବା ପ୍ରତିଷ୍ଠିତ ଆଇଆଇଟିଗୁଡ଼ିକର ଅଧ୍ୟୟନ ରିପୋର୍ଟରୁ ଜଣାପଡ଼ିଛି । ସଡ଼କ ଭିତ୍ତିଭୂମି ଦେଶର ଶିଳ୍ପ, ରପ୍ତାନି, ବ୍ୟବସାୟ ବାଣିଜ୍ୟକୁ ଗତିଶୀଳ କରିବ। ଏହା ଲୋକଙ୍କ ପାଇଁ ଅଧିକ ରୋଜଗାର ସୃଷ୍ଟି କରିବ।

ଦେଶରେ ବିକଳ୍ପ ଇନ୍ଧନ କ୍ଷେତ୍ରରେ ରହିଥିବା ସମ୍ଭାବନା ଉପରେ ଆଲୋକପାତ କରି ଶ୍ରୀ ଗଡ଼କରୀ କହିଥିଲେ, ସବୁଜ ହାଇଡ୍ରୋଜେନ ଚାଳିତ ବାହନ ଚଳାଚଳ ପାଇଁ ୧୦ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ସେଥିମଧ୍ୟରୁ ଗୋଟିଏ ଓଡ଼ିଶାରେ ରହିଛି। ହାଇଡ୍ରୋଜେନ ଭଳି ସବୁଜ ଇନ୍ଧନ କ୍ଷେତ୍ରରେ ନିର୍ଭରଶୀଳତା ଦେଶର ତୈଳ ଆମଦାନୀ ହ୍ରାସ କରିବ। ଗବେଷଣା ଓ ନବସୃଜନ ବଳରେ ଉନ୍ନତ ସଡ଼କ ଏବଂ ବିକଳ୍ପ ଇନ୍ଧନ ଜରିଆରେ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରି ଦେଶକୁ ସମୃଦ୍ଧ କରାଯାଇପାରିବ ।

ସେ କହିଥିଲେ, ଇଥାନଲ୍, ମିଥାନଲ୍, ବାୟୋ-ଏଲଏନଜି, ସିଏନଜି ଏବଂ ସବୁଜ ହାଇଡ୍ରୋଜେନର ବହୁଳ ଗ୍ରହଣୀୟତା ଦ୍ୱାରା ଭାରତ ଇନ୍ଧନ ଆମଦାନୀକାରୀ ରାଷ୍ଟ୍ରରୁ ଇନ୍ଧନ ରପ୍ତାନିକାରୀ ରାଷ୍ଟ୍ର ହେବା ଦିଗରେ ଏକ ନିର୍ଣ୍ଣାୟକ ପରିବର୍ତ୍ତନ ଆଣୁଛି । ଅନୁରୂପ ଭାବେ ସରକାର ସଡ଼କ ସୁରକ୍ଷା, ଆଧୁନିକ ଇଞ୍ଜିନିୟରିଂ ମାନଦଣ୍ଡ, ଦକ୍ଷ ପରିବହନ ବ୍ୟବସ୍ଥା ଏବଂ ସମସ୍ତଙ୍କ ପାଇଁ ସୁରକ୍ଷିତ ଓ ଅଧିକ ଦକ୍ଷ ପରିବହନ ସୁନିଶ୍ଚିତ କରିବା ପାଇଁ ଦେଶବ୍ୟାପୀ ସଚେତନତା ପଦକ୍ଷେପଗୁଡ଼ିକୁ ଏକୀକୃତ କରିବା ପାଇଁ ଗଭୀର ଭାବରେ ସଂକଳ୍ପବଦ୍ଧ ।

ସଡ଼କ ଦୁର୍ଘଟଣା କାରଣରୁ ଦେଶରେ ବର୍ଷକୁ ୧ ଲକ୍ଷ ୮୦ ହଜାର ଲୋକଙ୍କ ପ୍ରାଣହାନି ଘଟିବାକୁ ନେଇ କେନ୍ଦ୍ର ମନ୍ତ୍ରୀ ଚିନ୍ତାବ୍ୟକ୍ତ କରିବା ସହିତ ସଡ଼କ ସୁରକ୍ଷା ଏବଂ ଦୁର୍ଘଟଣା ହ୍ରାସ ପାଇଁ ସରକାରୀ ସ୍ତରରେ ହେଉଥିବା ପ୍ରୟାସ ଉପରେ ଆଲୋକପାତ କରିଥିଲେ। ଡିପିଆରରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ହେଉଥିବାରୁ ଏଥିରେ ସୁଧାର ଆଣିବା ଲାଗି ସେ ଇଞ୍ଜିନିୟର ଏବଂ ଅନ୍ୟ ପେସାଦାରମାନଙ୍କୁ ଅନୁରୋଧ କରିଥିଲେ। ସଡ଼କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବଜେଟ୍ ପ୍ରସ୍ତୁତ କରାଯାଉଥିବା କେନ୍ଦ୍ର ମନ୍ତ୍ରୀ କହିଥିଲେ । ସେ ଆହୁରି କହିଥିଲେ, ସଡ଼କ ଦୁର୍ଘଟଣାରେ ଆହତଙ୍କ ଜୀବନ ରକ୍ଷା କରୁଥିବା ସ୍ୱେଚ୍ଛାସେବୀଙ୍କୁ ପୁଲିସ ଜେରା କରିପାରିବ ନାହିଁ । ଏଥିପାଇଁ ସରକାର ଆଇନ ଆଣିଛନ୍ତି ।

ସଡ଼କ ନିର୍ମାଣ ସମୟରେ ପରିବେଶ ଓ ଜୀବଜଗତର ସୁରକ୍ଷା ଉପରେ କେନ୍ଦ୍ର ମନ୍ତ୍ରୀ କହିଥିଲେ, ରାସ୍ତା ନିର୍ମାଣ କାରଣରୁ ଦେଶରେ ସର୍ବାଧିକ ପ୍ରଦୂଷଣ ହେଉଛି। ଏହାର ସମାଧାନ ଲାଗି ବର୍ତ୍ତମାନ ସଡ଼କ ନିର୍ମାଣରେ ବର୍ଜ୍ୟବସ୍ତୁର ଉପଯୋଗ କରାଯାଉଛି । ଏବେ ସୁଦ୍ଧା ୮୦ ଲକ୍ଷ ଟନ୍ ସହରାଞ୍ଚଳ ବର୍ଜ୍ୟବସ୍ତୁକୁ ରାସ୍ତା ନିର୍ମାଣରେ ଉପଯୋଗ କରାଯାଇଛି । ରାଜପଥ ନିର୍ମାଣରେ ବାୟୋ-ବିଟୁମେନ୍ ଏବଂ ପୁନଃଚକ୍ରିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ବ୍ୟବହାର ଦୀର୍ଘସ୍ଥାୟିତ୍ୱ ଏବଂ ମୂଲ୍ୟ ଦକ୍ଷତାକୁ ଆହୁରି ବୃଦ୍ଧି କରୁଛି, ଯାହା ପରିବେଶ-ସଚେତନ ବିକାଶ ପାଇଁ ଆମର ଦୃଷ୍ଟିକୋଣ ସହିତ ସମନ୍ୱିତ ।

କାର୍ଯ୍ୟକ୍ରମରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ, ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତର ସଂକଳ୍ପକୁ ସାକାର କରିବା ଲାଗି ସଡ଼କ ଭିତ୍ତିଭୂମିକୁ ସୁଦୃଢ଼ କରିବା ଦିଗରେ ରାଜ୍ୟ ସରକାର ବିଶେଷ ଗୁରୁତ୍ୱାରୋପ କରୁଛନ୍ତି। ଏଥିପାଇଁ ସେ କେନ୍ଦ୍ର ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହଯୋଗ କାମନା କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ, ଆଇଆରସିର ଏହି ଅଧିବେଶନରୁ ବାହାରିଥିବା ନିଷ୍କର୍ଷ ଦେଶରେ ସଡ଼କ କ୍ଷେତ୍ରକୁ ଅଧିକ ଗତିଶୀଳ କରିବ।

କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଏବଂ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଓଡ଼ିଶା ପାଇଁ ଜରୁରୀ ଆବଶ୍ୟକତା ରହିଥିବା ୧୧, ୭୫୦ କୋଟି ଟଙ୍କାର ୫ଟି ଅତିରିକ୍ତ ସଡ଼କ ପ୍ରକଳ୍ପ ଏବଂ ୨୯,୮୩୦ କୋଟି ଟଙ୍କାର ଆଉ ୫ଟି ପ୍ରକଳ୍ପ କେନ୍ଦ୍ରସରକାରଙ୍କ ଅନୁମୋଦନ ଅପେକ୍ଷାରେ ପଡିରହିଥିବା ବିଷୟ ଉଲ୍ଲେଖକରୀ ଏଦିଗରେ ବିଚାର କରିବାକୁ କେନ୍ଦ୍ରମନ୍ତ୍ରୀଙ୍କୁ ଅନୁରୋଧ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଆଇଆରସିର ଅଧ୍ୟକ୍ଷ ମନୋରଞ୍ଜନ ପରିଡ଼ା, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ ସିଂହଙ୍କ ସମେତ ଆଇଆରସିର ଅନ୍ୟକର୍ମକର୍ତ୍ତା ଅଭିଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଆଇଆରସିର ସ୍ମରଣୀକା ଅତିଥି ମାଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ ସଡ଼କ ନିର୍ମାଣ ଏବଂ ଇଞ୍ଜିନିୟରିଂ କ୍ଷେତ୍ରରେ ଉଲ୍ଲେଖନୀ ଅବଦାନ ପାଇଁ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ଖ୍ୟାତିସମ୍ପନ୍ନ ଇଞ୍ଜିନିୟରମାନଙ୍କୁ ସମ୍ମାନିତ କରାଯାଇଥିଲା ।

ଓଡ଼ିଶାରେ ଷଷ୍ଠ ଥର ପାଇଁ ଏହି ଅଧିବେଶନ ଆୟୋଜନ କରାଯାଉଛି । ଚଳିତ ଥର ଓଡ଼ିଶାର ସଂସ୍କୃତି, ପରମ୍ପରା, ନୃତ୍ୟ, ସଙ୍ଗୀତ, ଖାଦ୍ୟପେୟର ଝଲକ ଏହି ଅଧିବେଶନରେ ଦେଖିବାକୁ ମିଳିଛି ।

## ରାଜ୍ୟସ୍ତରୀୟ...

ମାଝୀ ଶୁକ୍ରବାର ଲୋକସେବା ଭବନରେ ଆୟୋଜିତ ରାଜ୍ୟ ସ୍ତରୀୟ ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍ ' ର ୧୫୦ ତମ କାର୍ଯ୍ୟକ୍ରମର ଉଦଘାଟନ ଅବସରରେ କହିଥିଲେ।

ସୂଚନାଯୋଗ୍ୟ ଯେ, ଲୋକସେବା ଭବନ ସ୍ଥିତ ପ୍ରାଙ୍ଗଣରେ ଆୟୋଜିତ ଏହି ବିଶେଷ କାର୍ଯ୍ୟକ୍ରମରେ ଦିଲ୍ଲୀ ଠାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଉଦ୍‌ଘାଟିତ କାର୍ଯ୍ୟକ୍ରମ ଏବଂ ରାଷ୍ଟ୍ରଗୀତ ବନ୍ଦେ ମାତରମ୍‌ର ସାମୁହିକ ଗାନରେ ମୁଖ୍ୟମନ୍ତ୍ରୀ ସାମିଲ ହୋଇଥିଲେ।

ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଏହି ଗୀତର ଲୋକପ୍ରିୟତା ଓ ପ୍ରଭାବକୁ ଦେଖି ବ୍ରିଟିଶ ଶାସକମାନେ ବନ୍ଦେ ମାତରମ୍‌କୁ ବ୍ୟାନ କରିଥିଲେ, ଯାହା ଏହି ଗୀତର ଶକ୍ତିର ସ୍ପଷ୍ଟ ପ୍ରମାଣ। ଆମେ କେଉଁ ଭାଷା, କେଉଁ ଧର୍ମ ବା କେଉଁ ଅଞ୍ଚଳର ହେଲେ ବି, ଦେଶପ୍ରେମ ବିନା ଦେଶର ଉନ୍ନତି ଅସମ୍ଭବ। ବନ୍ଦେ ମାତରମ୍ ଆମ ହୃଦୟରେ ସେହି ଦେଶପ୍ରେମର ଅଗ୍ନିକୁ ପୁନଃ ଜାଗୃତ କରେ। ଯୁବପିଢ଼ି, ପିଲାମାନେ, ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଏହି ବର୍ଷବ୍ୟାପୀ ପାଳନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅଭିମତ ଦେଇଥିଲେ।

ଆଜି ଆମେ ସମସ୍ତେ ସାରା ଭାରତର ଲୋକ, କଶ୍ମୀରରୁ କନ୍ୟା କୁମାରୀ ପର୍ଯ୍ୟନ୍ତ, ବନ୍ଦେ ମାତରମ୍‌କୁ ସାମୁହିକ ଭାବେ ଗାନ୍ କରିବାର ପ୍ରଭାବ ଖୁବ୍ ସୁଦୂରପ୍ରସାରୀ। ବିଶେଷ କରି ଛୋଟ ଛୋଟ ପିଲା, ଛାତ୍ର ଓ ଯୁବକ ମାନଙ୍କ ଉପରେ ଏହାର ଖୁବ୍ ପ୍ରଭାବ ରହିବ। ଆଗାମୀ ଦିନରେ ଏହା ରାଷ୍ଟ୍ରବାଦକୁ ଏକ ନୂଆ ସଜ୍ଞା ଦେବାରେ ସଫଳ ହେବ। ଆଗାମୀ ଏକବର୍ଷ ଧରି ସମସ୍ତ ଜିଲ୍ଲାରେ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ସଂଗଠନମାନଙ୍କ ମାଧ୍ୟମରେ ସାମୁହିକ ଗାନ, ସାଂସ୍କୃତିକ ଆୟୋଜନ ଓ ସଚେତନତା କାର୍ଯ୍ୟକ୍ରମ ଚାଲିବାକୁ ଯୋଜନା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ଆସନ୍ତୁ, ଆମେ ସମସ୍ତେ ଏହି ଏକ ବର୍ଷବ୍ୟାପୀ କାର୍ଯ୍ୟକ୍ରମରେ ସାମିଲ ହେବା। ଆଜିଠୁ ଏହାର ଶୁଭାରମ୍ଭ ହେଲା। ଏହିବର୍ଷ ବ୍ୟାପୀ ଯାହା ଯାହା କାର୍ଯ୍ୟକ୍ରମ ହେବ ସେଥିରେ ଆମେ ସମସ୍ତେ ସାମିଲ ହେବା ଏବଂ ଭାରତ ମାତାର ଗୌରବକୁ ସାରା ପୃଥିବୀରେ ପରିବ୍ୟାପ୍ତ କରିବା ପାଇଁ ସଂକଳ୍ପବଦ୍ଧ ହେବା ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟଙ୍କ ସହ ସମସ୍ତ ବିଭାଗୀୟ ସଚିବ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଗାନ କରିଥିଲେ।

## ଡାକଟିକଟ...

୨୦୨୫ ମସିହାରେ "ବନ୍ଦେ ମାତରମ୍" ୧୫୦ ବର୍ଷ ପୂରଣ କରିବ। ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ଲିଖିତ ଜାତୀୟ ସଙ୍ଗୀତ "ବନ୍ଦେ ମାତରମ୍" ୭ ନଭେମ୍ବର ୧୮୭୫ ମସିହାରେ ଅକ୍ଷୟ ନବମୀର ପବିତ୍ର ଅବସରରେ ରଚିତ ହୋଇଥିଲା। "ବନ୍ଦେ ମାତରମ୍" ପ୍ରଥମେ ସାହିତ୍ୟ ପତ୍ରିକା "ବଙ୍ଗଦର୍ଶନ"ରେ ତାଙ୍କ ଉପନ୍ୟାସ "ଆନନ୍ଦମଠ"ର ଅଂଶ ଭାବରେ ପ୍ରକାଶିତ ହୋଇଥିଲା। ଏହି ଗୀତଟି ଶକ୍ତି, ସମୃଦ୍ଧି ଏବଂ ଦିବ୍ୟତାର ପ୍ରତୀକ ଭାବରେ ମାତୃଭୂମିକୁ ସ୍ମରଣ କରେ ଏବଂ ଏହା ଭାରତର ଏକତା ଏବଂ ଆତ୍ମସମ୍ମାନର ଜାଗ୍ରତ ଭାବନାକୁ କାବ୍ୟିକ ଅଭିବ୍ୟକ୍ତି ପ୍ରଦାନ କରେ। ଏହା ଶୀଘ୍ର ରାଷ୍ଟ୍ର ପ୍ରତି ସମର୍ପଣର ଏକ ସ୍ଥାୟୀ ପ୍ରତୀକ ହୋଇଗଲା।

## ନୂଆପଡା ଓ ଖରିଆର...

ଘଣ୍ଟା ଧରି ଚାଲିଥିବା ଏହି ରୋଡ ଶୋ ରେ ହଜାର ହଜାର ଲୋକ ସାମିଲ ହୋଇ ନବୀନ ପଟ୍ଟନାୟକଙ୍କୁ ସ୍ୱାଗତ କରିଥିଲେ ।

ଏହି ରୋଡ ଶୋ ଅବସରରେ ଶ୍ରୀ ପଟ୍ଟନାୟକ ରାସ୍ତାର ଦୁଇ ପଟରେ ଥିବା ହଜାର ହଜାର ଶୁଭେଚ୍ଛୁ ମାନଙ୍କୁ ହାତ ହଲାଇ ଅଭିବାଦନ ଜଣାଇବା ସହ ଖରିଆର ରୋଡର ଡାଗା ଛକ, ବିଜୁ ପଟ୍ଟନାୟକ ଛକ ଓ ଲଖନିଆ ପେଟ୍ରୋଲ୍ ପମ୍ପ ଛକ ମାନଙ୍କରେ ଜନସାଧାରଣଙ୍କୁ ସମ୍ବୋଧିତ କରିଥିଲେ । ସେହିପରି ନୂଆପଡା ଏନ.ଏ.ସି. ଅଞ୍ଚଳର ସୂର୍ଯ୍ୟନଗର ଛକ, ଗାୟତ୍ରୀ ମନ୍ଦିର ଛକ ଓ ଏକତା ଛକରେ ମଧ୍ୟ ଶ୍ରୀ ପଟ୍ଟନାୟକ ଜନସାଧାରଣଙ୍କୁ ସମ୍ବୋଧନ କରି ଆଗାମୀ ୧୧ ତାରିଖ ନିର୍ବାଚନରେ ବିଜୁ ଜନତା ଦଳକୁ ଆଶୀର୍ବାଦ କରିବା ସହିତ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେବା ପାଇଁ ଅନୁରୋଧ କରିଥିଲେ ।

ପରେ ପରକୋଟ ପଡିଆରେ ସମବେତ ବିଶାଳ ସମାବେଶରେ ଉଦ୍‌ବୋଧନ ଦେଇ ବିଜୁ ଜନତା ଦଳ ସଭାପତି ଶ୍ରୀ ପଟ୍ଟନାୟକ ବିଜେପି ସରକାର ଉପରେ ତୀବ୍ର ଆକ୍ରମଣ କରିଥିଲେ । ଶ୍ରୀ ପଟ୍ଟନାୟକ କହିଥିଲେ ଯେ ମିଛ ପ୍ରଚାରରେ ବିକାଶ ହୁଏ ନାହିଁ । ଖାଲି ରଙ୍ଗ ମାରି ଦେଲେ ବିକାଶ ହୁଏ ନାହିଁ । ମିଛ ପ୍ରତିଶ୍ରୁତିରେ ସରକାର ଚାଲେ ନାହିଁ । ବିଜୁ ଜନତା ଦଳ ସରକାର ସମୟରେ ଶିକ୍ଷା, ସ୍ୱାସ୍ଥ୍ୟ, ଯୋଗାଯୋଗ, ପାନୀୟ ଜଳ, ଜଳସେଚନ, ଆଦିବାସୀ କଲ୍ୟାଣ ଆଦି ବିଭିନ୍ନ କ୍ଷେତ୍ରରେ ପ୍ରଭୁତ ବିକାଶ ଆସିଥିଲା । ନୂଆପଡାରେ ହଜାର ହଜାର ଏକର ଜମିକୁ ଜଳସେଚନ ଯୋଗାଇ ଦିଆଯାଇଥିଲା। ପାନୀୟ ଜଳ ଯୋଗାଣ କ୍ଷେତ୍ରରେ ପ୍ରଭୁତ ଉନ୍ନତି ଆସିଥିଲା । ତାଙ୍କ ସରକାର ସମୟରେ ହୋଇଥିବା ବିଜୁ ଏକ୍ସପ୍ରେସ ୱେ ଆଜି ନୂଆପଡାର ଆର୍ଥିକ ବିକାଶ ପାଇଁ ସୁଯୋଗ ଆଣି ଦେଇଛି । ଆଜି ସାରା ରାଜ୍ୟରେ ବିକାଶ କାମ ପୁରା ବନ୍ଦ ।

୫୦୦ ଦିନ ପୂରଣ କରିଥିବା ବିଜେପି ସରକାର ଲୋକଙ୍କ ପାଇଁ କ'ଣ କରିଛି ବୋଲି ଶ୍ରୀ ପଟ୍ଟନାୟକ ପ୍ରଶ୍ନ କରିଥିଲେ । ୩୦୦ ୟୁନିଟ୍ ମାଗଣା ବିଜୁଳି, ୩୫୦୦ ଟଙ୍କା ପେନ୍‌ସନ୍, ଚାଷୀ ଭାଇଙ୍କୁ ୟୁରିଆ ସାର, ଯୁବକଙ୍କୁ ଚାକିରୀ ଆଦି ପ୍ରତିଶ୍ରୁତି ପୂରଣରେ ସରକାର ବିଫଳ ହୋଇଛି ବୋଲି ସେ କଟାକ୍ଷ କରିଥିଲେ । ସେହିପରି ମିଶନ ଶକ୍ତି ମା' ମାନଙ୍କୁ ଲୋନ୍ ନ ମିଳିବା ଓ କଟନୀ ଛଟନୀ ବନ୍ଦ ନ ହୋଇଥିବାରୁ ଶ୍ରୀ ପଟ୍ଟନାୟକ ଅସନ୍ତୋଷ ପ୍ରକାଶ କରିଥିଲେ । ବି.ଏସ୍.କେ.ୱାଇ କାର୍ଡରେ ଲୋକଙ୍କୁ ସେବା ମିଳୁଥିଲା । କିନ୍ତୁ ଏବେ ଆୟୁଷ୍ମାନ କାର୍ଡରେ କେବଳ ଟେନସନ୍ ହିଁ ମିଳୁଛି।

ସେ କହିଲେ ଯେ ଏହି ୫୦୦ ଦିନ ମଧ୍ୟରେ ଲୋକଙ୍କୁ କେବଳ ମିଳିଛି ଧୋକା, ଧୋକା, ଡବଲ ଧୋକା ।

ଗତ ତିନି ତାରିଖ ଦିନ ତାଙ୍କ ସଭାକୁ ଯେପରି ଲୋକ ନ ଆସିପାରିବେ, ସେଥିପାଇଁ ଅନେକ ଚେଷ୍ଟା କରାଯାଇଥିଲା । କିନ୍ତୁ କୋମନାରେ ଭୋଟର ଭାଇ ଭଉଣୀମାନେ ବହୁ ସଂଖ୍ୟାରେ ତାଙ୍କ ସଭାରେ ଯୋଗ ଦେଇଥିବାରୁ ଶ୍ରୀ ପଟ୍ଟନାୟକ ତାଙ୍କ ଭାଷଣରେ ଧନ୍ୟବାଦ ଜଣାଇଥିଲେ ।

ଶ୍ରୀ ପଟ୍ଟନାୟକ କହିଥିଲେ ଯେ ଏମାନେ ମିଛ କହି ସରକାର କରିପାରନ୍ତି । ପ୍ରାର୍ଥୀ ବି ଚୋରୀ କରି ପାରନ୍ତି । କିନ୍ତୁ ସେମାନେ ଲୋକଙ୍କ ହୃଦୟ ଜିତି ପାରିବେ ନାହିଁ । କୋମନା ସଭାରେ ଲୋକଙ୍କ ମନରେ ଯେଉଁ କ୍ରୋଧ ଓ ଦୁଃଖ ସେ ଦେଖିଥିଲେ ଆଜି ମଧ୍ୟ ନୂଆପଡାରେ ଲୋକଙ୍କ ଆଖିରେ ସେହି କ୍ରୋଧ ଓ ଦୁଃଖ ରହିଛି । ଲୋକଙ୍କ ସହିତ, ବିଜେଡି ସହିତ ଓ ତାଙ୍କ ସହିତ କିପରି ବେଇମାନି କରାଗଲା ନୂଆପଡାବାସୀ ତାହା ଭଲ ଭାବେ ଜାଣନ୍ତି । ଏହାର ଜବାବରେ ନୂଆପଡାର ଭୋଟରମାନେ ୧୧ ତାରିଖ ଦିନ ଭୋଟରେ ଦେବେ ବୋଲି ସେ କହିଥିଲେ । ବିଜୁ ଜନତା ଦଳ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ଆଶୀର୍ବାଦ କରିବା ପାଇଁ ଶ୍ରୀ ପଟ୍ଟନାୟକ ଜନସାଧାରଣଙ୍କୁ ନିବେଦନ କରିଥିଲେ।

ନୂଆପଡାରେ ରହି ନୂଆପଡାବାସୀଙ୍କ ସେବା କରିବା ପାଇଁ ଶ୍ରୀ ପଟ୍ଟନାୟକ ବିଜେଡି ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ନିର୍ଦ୍ଦେଶ ଦେଇଥିବା ବିଷୟ ତାଙ୍କ ଭାଷଣରେ ଉଲ୍ଲେଖ କରିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ବିଜୁ ଜନତା ଦଳର ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ, ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ସହିତ ଦଳର ସ୍ଥାନୀୟ ନେତାମାନେ ଉପସ୍ଥିତ ଥିଲେ ।

## ଓଡ଼ିଆ ଝିଅ ...

ଏହି ପଦବୀରେ ଅବସ୍ଥାପିତ ହେବାରେ ସେ ହେଉଛନ୍ତି ଝାଡ଼ଖଣ୍ଡ ପୁଲିସ୍ ଫୋର୍ସର ପ୍ରଥମ ମହିଳା ମୁଖ୍ୟ। ୧୯୯୪ ବ୍ୟାଚର ଆଇପିଏସ୍ ଅଫିସର ତାଦାଶା ମିଶ୍ର, ପୂର୍ବତନ ଡିଜିପି ଅନୁରାଗ ଗୁପ୍ତାଙ୍କ ସ୍ୱେଚ୍ଛାକୃତ ଅବସର ପରେ ନଭେମ୍ବର ୭ ତାରିଖରୁ 'ଇନ୍-ଚାର୍ଜ ଡିଜି ଓ ଇନ୍ସପେକ୍ଟର ଜେନେରାଲ୍ ଅଫ୍ ପୋଲିସ' ଭାବେ ନିଯୁକ୍ତ ହୋଇଛନ୍ତି। ଡିସେମ୍ବର ୩୧, ୨୦୨୫ରେ ସେ ଅବସର ନେବା ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏହା ପୂର୍ବରୁ ସେ ରାଜ୍ୟର ଗୃହ ବିଭାଗରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିଲେ। ପୋଲିସ ବାହିନୀରେ ଲିଙ୍ଗଗତ ସମାନତା ଏବଂ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବା ପାଇଁ ସେ ଜଣାଶୁଣା। କାର୍ଯ୍ୟରତ ମହିଳା ଅଧିକାରୀଙ୍କ ପାଇଁ ଶିଶୁ ଯତ୍ନ କେନ୍ଦ୍ର ଓ କ୍ଷେତ୍ର ଦାୟିତ୍ୱରେ ସମାନ ସୁଯୋଗ ପାଇଁ ସେ ଦୃଢ଼ ସମର୍ଥନ କରି ଆସିଛନ୍ତି। କର୍ମଚାରୀମାନେ ତାଙ୍କ ନେତୃତ୍ୱକୁ ସହାନୁଭୂତିପୂର୍ଣ୍ଣ କିନ୍ତୁ ଦୃଢ଼ ବୋଲି ବର୍ଣ୍ଣନା କରୁଛନ୍ତି ଏବଂ ସେ ସମଗ୍ର ଭାରତର ମହିଳା ଅଧିକାରୀମାନଙ୍କ ପାଇଁ ଜଣେ ଆଦର୍ଶ ପାଲଟିଛନ୍ତି। ଅବଶ୍ୟ, ରାଜ୍ୟ ସରକାର ଖୁବ୍ ଶୀଘ୍ର ଜଣେ ପୂର୍ଣ୍ଣକାଳୀନ ଡିଜିପିଙ୍କ ନାମ ଘୋଷଣା କରିବେ ବୋଲି ଆଶା କରାଯାଉଛି। ତେବେ ଏହା ପୂର୍ବରୁ ତାଦାଶା ମିଶ୍ରଙ୍କ ନେତୃତ୍ୱ ଝାଡ଼ଖଣ୍ଡ ପୋଲିସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଅଧ୍ୟାୟ ହେବ।

## ସୁପ୍ରିମକୋର୍ଟଙ୍କ ...

ରୋଡ୍ ଓ ପରିବହନ କର୍ତ୍ତୃପକ୍ଷଙ୍କୁ ରାସ୍ତାରେ ବୁଲୁଥିବା ପଶୁମାନଙ୍କୁ ହଟାଇ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ସମସ୍ତ ଜାତୀୟ ରାଜପଥରେ ବୁଲୁଥିବା ପଶୁମାନଙ୍କ ବିଷୟରେ ଅଭିଯୋଗ ପାଇଁ ସହାୟତା ନମ୍ବର ମଧ୍ୟ ରହିବ।


ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟି: https://oshb.org
CAD-2200

**ବିଜ୍ଞାପନ**

ପତ୍ର ସଂଖ୍ୟା: ୨୧୨ ତା: ୩.୧୦.୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ- ୰ଗୋବିନ୍ଦ ଚନ୍ଦ୍ର ମିଶ୍ର, ପିତା-୰ଗୋପିନାଥ ମିଶ୍ର, ସା/ପୋ-ନୂଆସୋମେଶ୍ୱର ପୁର, ଥାନା-ସାକ୍ଷୀଗୋପାଳ, ଜିଲ୍ଲା-ପୁରୀ | ଫ୍ଲାଟ୍ ନଂ-ଇ.ଡବ୍ଲୁ.ଏସ- ୧୮/୧୨ (EWS-18/12), କମ୍ପୋଜିଟ ହାଉସିଂ ପ୍ରକଳ୍ପ, ଚନ୍ଦ୍ରଶେଖର ପୁର, ୧ମ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧. ଗୌରୀ ଶଙ୍କର ମିଶ୍ର (ପୁତ୍ର) ୨.ବସନ୍ତ ମଞ୍ଜରୀ ତ୍ରିପାଠୀ (ବି.କନ୍ୟା) ୩. ଲଳିତ ମଞ୍ଜରୀ ମିଶ୍ର (ବି.କନ୍ୟା) |

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା


# ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ଦ୍ୱାରା 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳନ



**ଭୁବନେଶ୍ୱର/ଖୋର୍ଦ୍ଧା ରୋଡ୍,, ନ୍ୟୁଜ୍‌ବ୍ୟୁରୋ**

ଭାରତ ସରକାରଙ୍କ ଦ୍ୱାରା ୭ ନଭେମ୍ବର ୨୦୨୫ ରୁ ୭ ନଭେମ୍ବର ୨୦୨୬ ପର୍ଯ୍ୟନ୍ତ ଭାରତର ଜାତୀୟ ସଂଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳନ ପାଇଁ ଏକବର୍ଷ ପର୍ଯ୍ୟନ୍ତ ଦେଶବ୍ୟାପୀ ସ୍ମାରକୀ ପାଳନ ଆରମ୍ଭ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ କାର୍ଯ୍ୟାନ୍ୱୟନ କମିଟି (ଏନଆଇସି) ଦ୍ୱାରା ସ୍ମାରକୀ କାର୍ଯ୍ୟକଳାପକୁ ଅନୁମୋଦନ କରାଯାଇଛି।

ବର୍ଷସାରା ଚାରୋଟି ପର୍ଯ୍ୟାୟରେ ଏହି ସ୍ମୃତିଚାରଣ ପାଳନ କରାଯିବ। ପ୍ରଥମ ପର୍ଯ୍ୟାୟରେ ୭ ରୁ ୧୪ ନଭେମ୍ବର ୨୦୨୫ ମଧ୍ୟରେ ପାଳନ କରାଯାଉଥିବାବେଳେ ଦ୍ୱିତୀୟ ପର୍ଯ୍ୟାୟ ୧୯ ରୁ ୨୬ ଜାନୁଆରୀ ୨୦୨୬ (ଗଣତନ୍ତ୍ର ଦିବସ) ପର୍ଯ୍ୟନ୍ତ, ତୃତୀୟ ପର୍ଯ୍ୟାୟ ୭ ରୁ ୧୫ ଅଗଷ୍ଟ ୨୦୨୬ (ହର ଘର ତିରଙ୍ଗା ୨୦୨୬ ସହିତ ସମନ୍ୱୟ) ପର୍ଯ୍ୟନ୍ତ ଏବଂ ଚତୁର୍ଥ ପର୍ଯ୍ୟାୟ ୧ ରୁ ୭ ନଭେମ୍ବର ୨୦୨୬ (ସମାପନ ସପ୍ତାହ ଭାବରେ) ପାଳନ କରାଯିବ।

ଏହି ଜାତୀୟ ପଦକ୍ଷେପର ଅଂଶ ସ୍ୱରୂପ, ପୂର୍ବ ତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ୭ ନଭେମ୍ବର ୨୦୨୫ରେ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମୁଖ୍ୟାଳୟ ଏବଂ କଟକ ରେଳ ଷ୍ଟେସନରେ 'ବନ୍ଦେ ମାତରମ୍' ସମୂହ ଗାନ ଆୟୋଜନ କରିଥିଲା, ଯାହା ସ୍ମାରକୀ ବର୍ଷର ପ୍ରାରମ୍ଭ ଥିଲା।

ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମୁଖ୍ୟାଳୟରେ ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇ ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ଆଲୋକ ତ୍ରିପାଠି ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମାନଙ୍କ ସହ ସମସ୍ତ ସଖା ଅଧିକାରୀ ଓ କର୍ମଚାରୀମାନଙ୍କ ସହିତ ଜାତୀୟ ସଙ୍ଗୀତର ସାମୂହିକ ପରିବେଷଣରେ ଯୋଗ ଦେଇଥିଲେ। ଏହି ସମୂହ ଜାତୀୟ ସଂଗୀତ ସମସ୍ତ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏକତା, ଗର୍ବ ଏବଂ ଦେଶପ୍ରେମର ମନୋଭାବକୁ ପ୍ରତିଫଳିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର.ଏନ.ଏ. ପରିଡା ସଂଯୋଜନା କରିଥିଲେ।

ଏକକାଳୀନ, ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଅଧୀନରେ ଥିବା ସମସ୍ତ ଷ୍ଟେସନରେ ଅଡିଓ-ଭିଜୁଆଲ୍ ମୋଡ୍‌ରେ ଜାତୀୟ ସଂଗୀତ 'ବନ୍ଦେ ମାତରମ୍' ବଜାଇ ଦିଆଯାଇଥିଲା, ଯାହା ଫଳରେ ରେଳମଣ୍ଡଳର ଯାତ୍ରୀ ଏବଂ ରେଳ କର୍ମଚାରୀମାନେ ଦେଶପ୍ରେମ ପାଳନରେ ଯୋଗଦାନ କରିପାରିଥିଲେ।

ଖୋର୍ଦ୍ଧା ରୋଡ ଏବଂ କଟକରେ ମୁଖ୍ୟ କାର୍ଯ୍ୟକ୍ରମ ବ୍ୟତୀତ ପୁରୀ, ବ୍ରହ୍ମପୁର ଏବଂ ଅନ୍ୟାନ୍ୟ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ଷ୍ଟେସନ୍ ମାନଙ୍କରେ 'ବନ୍ଦେ ମାତରମ୍' ର ଗଣସଂଗୀତ ମଧ୍ୟ ଆୟୋଜନ କରାଯାଇଥିଲା, ଯେଉଁଠାରେ ରେଳ କର୍ମଚାରୀ ଏବଂ ଯାତ୍ରୀମାନେ ମିଳିତ ଭାବରେ ଉତ୍ସାହ ଏବଂ ଦେଶପ୍ରେମ ସହିତ ଜାତୀୟ ସଂଗୀତ ଗାନ କରିଥିଲେ।

ଐତିହାସିକ ଅବସରକୁ ପାଳନ କରିବା ଏବଂ ଜନସାଧାରଣଙ୍କୁ ଦର୍ଶନୀୟ ଭାବରେ ଉତ୍ସବରେ ସାମିଲ କରିବା ପାଇଁ କଟକ ଷ୍ଟେସନ୍‌ରେ 'ବନ୍ଦେ ମାତରମ୍-୧୫୦ ବର୍ଷ' ଦର୍ଶନ ଉପରେ ଏକ ସେଲ୍ଫି ପଏଣ୍ଟ ମଧ୍ୟ ସ୍ଥାପନ କରାଯାଇଅଛି।

ବର୍ଷବ୍ୟାପୀ ସ୍ମୃତି ଅବଧି ମଧ୍ୟରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ବିଭିନ୍ନ ସଚେତନତା ଏବଂ ପ୍ରସାର କାର୍ଯ୍ୟକ୍ରମ ଗ୍ରହଣ କରିବ ଯେଉଁଥିରେ ରେଳ ଷ୍ଟେସନଗୁଡ଼ିକରେ 'ବନ୍ଦେ ମାତରମ୍' ସମ୍ବନ୍ଧରେ ଅଡିଓ ବାର୍ତ୍ତା ଏବଂ ବିଶେଷ ଘୋଷଣା, ଷ୍ଟେସନଗୁଡ଼ିକରେ ଲିଡ୍ ସ୍କ୍ରିନରେ 'ବନ୍ଦେ ମାତରମ୍' ସମ୍ବନ୍ଧୀୟ ଦୃଶ୍ୟ ଏବଂ ଐତିହାସିକ ସୂଚନା ପ୍ରଦର୍ଶନ, ପୂର୍ବତଟ ରେଳପଥ କ୍ଷେତ୍ରାଧିକାର ଅଧୀନରେ ବିଶାଖାପାଟଣା, କଟକ ଏବଂ ସମ୍ବଲପୁର ସମେତ ଦେଶର ୫୦ଟି ଗୁରୁତ୍ୱପୂର୍ଣ୍ଣ ରେଳ ଷ୍ଟେସନରେ 'ବନ୍ଦେ ମାତରମ୍' ଉପରେ ପ୍ରଦର୍ଶନୀ ଅନ୍ତର୍ଭୁକ୍ତ ଅଟେ। ଏହି କାର୍ଯ୍ୟକ୍ରମ ଗୁଡ଼ିକର ଲକ୍ଷ୍ୟ 'ବନ୍ଦେ ମାତରମ୍' ଜାତୀୟ ସଂଗୀତର ଐତିହାସିକ ଏବଂ ସାଂସ୍କୃତିକ ଗୁରୁତ୍ୱକୁ ସମ୍ମାନ କରିବା ଏବଂ ରେଳ କର୍ମଚାରୀ ଏବଂ ସାଧାରଣ ଜନତାଙ୍କ ମଧ୍ୟରେ ଦେଶପ୍ରେମ, ଏକତା ଏବଂ ଜାତୀୟ ଗର୍ବର ଭାବନାକୁ ପୁନର୍ଜୀବିତ କରିବା।

# ନୂଆପଡାରେ ବିଜେପିର ମିଶ୍ରଣ ପର୍ବ

**ଭୁବନେଶ୍ୱର,ନ୍ୟୁଜ୍‌ବ୍ୟୁରୋ**

ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ବିଜେପି ର ନିର୍ବାଚନୀ ପ୍ରଚାର ଯେତିକି ବୃଦ୍ଧି ପାଇବାରେ ଲାଗିଛି ଦଳରେ ନୂତନ ସଦସ୍ୟଙ୍କ ଯୋଗଦାନ ମଧ୍ୟ ବଢ଼ି ବଢ଼ି ଚାଲିଛି । ଏହି ଅବସରରେ ଶୁକ୍ରବାର ବିଜେପିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ କୋମନା ବ୍ଲକ ଜଡ଼ାମୁଣ୍ଡା ପଞ୍ଚାୟତ ଅଧିନସ୍ଥ କୁମଟିମୁଣ୍ଡା ଗାଁର ସଂଖ୍ୟାଲଘୁ ସମ୍ପ୍ରଦାୟର ବହୁ ଲୋକ ବିଜେପିରେ ସାମିଲ ହୋଇଛନ୍ତି। ସବିର ଅଲି, ଜାକିର ମହମ୍ମଦ, ଫକିର ମହମ୍ମଦ, ଫରିଦା ଖାଁ ଙ୍କ ନେତୃତ୍ୱରେ ବହୁ ମହିଳା ଓ ପୁରୁଷ ଦଳରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟସଦସ୍ୟାଙ୍କୁ ଉତରୀୟ ଓ ଟୋପି ଦେଇ ଦଳ ରେ ସ୍ୱାଗତ କରିଥିଲେ। ରାଜ୍ୟ ସଭାପତି ଶ୍ରୀ ସାମଲ, ନୂତନ ଭାବେ ଯୋଗ ଦେଇଥିବା ସଦସ୍ୟ ସଦସ୍ୟାଙ୍କ ଉଦ୍ଦେଶ୍ୟ ରେ ଦେଇଥିବା ନିଜ ଅଭିଭାଷଣ ରେ ବିଜେପି ସରକାରର ମୂଳମନ୍ତ୍ର 'ସବ୍ କା ସାଥ, ସବ୍ କା ବିଶ୍ୱାସ, ସବ୍ କା ପ୍ରୟାସ' ଚରିତାର୍ଥ ହୋଇଛି। ଡବଲ୍ ଇଞ୍ଜିନ ସରକାରର ସମସ୍ତ ଜନକଲ୍ୟାଣକାରି ଯୋଜନାର ଲାଭ ସମାଜର ସବୁ ବର୍ଗର ଲୋକେ ପାଉଛନ୍ତି। ଆପଣମାନେ ବିଜେପିର ଡବଲ ଇଞ୍ଜିନ ସରକାରର ଡବଲ ଗତିର ବିକାଶକୁ ସମସ୍ତଙ୍କ ପାଖରେ ପହଞ୍ଚାଇ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବାକୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପରିଷଦ ସଦସ୍ୟ ସଞ୍ଜୀବ ଜେନାଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ସାମିଲ ଥିଲେ।


PANCHAYAT RAJ & DRINKING WATER DEPARTMENT
GOVERNMENTOFODISHA
OFFICE OF THE PANCHAYAT SAMITI , DABUGAM
INVITATION FOR BIDS
No: 02/2025-26 DATED: - 4 / 11 /2025
i-372

The PANCHAYAT SAMITI , DABUGAM on behalf of Governor of Odisha Invites Percentage Rate bid through e-procurement in single cover system according to norm of e- procurement system in on-line mode.

1. Name of Works :As mentioned in Table "A" which includes CONSTRUCTION OF NEW RESIDENTIAL BUILDING (OFFICE BUILDING) FOR INSPECTOR OF SUPPLIES INSIDE BLOCK PREMISES UNDER DANGRIGUDA GP OF DABUGAM BLOCK in the NABARANGAPUR District
2. No. of Works : 1(One)No (Detailed in Tender Call Notice available in the website)
3. Estimated Cost : As mentioned in Table "A"
4. Tender Paper Cost : Rs.6000/- per each work.
5. Class of Contractor : C & D Class.
6. Period of Completion :90 Days
7. Critical Dates :*Further details can be seen in the bidding documents, which is available in thee-procurement Portal https://www.tendersodisha.gov.in

*Subsequent corrigendum if required shall be appeared in the web site.

*Authority reserves the right to reject any or all tenders without assigning any reason thereof.

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening of Bid |
|---|---|---|---|---|---|
| | | From | To | | |
| BLOCK DEVELOPMENT OFFICER, PANCHAYAT SAMITI DABUGAM | 02/2025-26 PANCHAYAT SAMITI DABUGAM | 05.11.2025 | 11.11.2025 | 11.11.2025 | 12.11.2025 |

Sd/- BLOCK DEVELOPMENT OFFICER
PANCHAYAT SAMITI, DABUGAM



GOVERNMENT OF ODISHA E-Mail- eerwel_bbsr @yahoo.co.in
OFFICE OF THE EXECUTIVE ENGINEER
RURAL WORKS ELECTRICAL DIVISION
BHUBANESWAR
O-1350
e-Procurement Notice No –EERWELBBSR- 18/2025-26

| | | |
|---|---|---|
| 1 | Name of the work | (i) Shifting of 11KV/LT lines & S/S from Kushabhadra bridge approach PWD to Narala Chhaka Under R.W. Electrical Section, Puri -24.63 lakhs (ii) Shifting & construction of 11KV 3ph3w line , LT line and S/S from Banapur main cannal to Antrakiari Road at Banapur, Dist Khordha for road widening work under RW Electrical Section, Bhubaneswar– 43.43 lakhs (iii) Power Supply of 20KW LTGP Load for M/S Tahasil Office at Morada, Mayurbhanj Under R.W. Electrical Section, Baripada -10.14 lakhs |
| 2 | Estimated Cost | 10.14 to 43.43 lakhs (Excluding GST) |
| 3 | Period of completion | 180 days |
| 4 | Date and time of availability of Bid documents in the portal | From Dt. 07.11.2025 at 12.00 A.M.to Dt.14.11.2025 up to 5.00 P.M |
| 5 | Date & Time of opening of tender | Dt. 15.11.2025 at 01:00 P.M. |
| 6 | Procurement officer/ Name and address of the officer inviting Bids. | Executive Engineer, R.W EL.DIVN.BBSR At- 1st floor of Divn. Complex, Rasulgarh Behind Esplanade Mall. Dist. – Khordha Odisha. Pincode-751010 |

Further details can be seen from the Govt. Web site www.tenderorissa.gov.in

Sd/- Executive Engineer
Rural work Electrical Division
Bhubaneswar



GOVT OF ODISHA
OFFICE OF THE SUPERINTENDING ENGINEER RURAL WORKS DIVISION.NAYAGARH
Al/Po-Nabaghanpur, Dist-Nayagarh. Ph-06753-252049 E-mail-nayagarhrw2006@yahoo.in
No:-Tender - Online - NayagarhDivn.-05/2025-26 Date : 27.10.2025
O-1292

**e-Procurement Notice**

1. Name of the work : Building works
2. Total No. of Projects : 36(Thirty Six) Nos of projects
3. Class of contractor
   a) Estimated cost above Rs. 20.00 Lakhs & up to Rs.3 00 Crore : B Class ( of Odisha PWD) or relevant class of other licensing authorities.
   b) Estimated cost up to Rs. 40.00 Lakhs : C Classf of Odisha PWD) or relevant class o' other licensing authorities
   c) Estimated cost up to Rs. 20.00 Lakhs : D Class ( of Odisha PWD) or relevant class of other licensing authorities.
4. Estimated cost put to tender : Rs.1.27 Lakhs to Rs.5.93 lakhs
5. Time of completion : 02 (Two) calendar month.
6. Other details :

| Procurement Officer | Bid Identification No. | Availability of tender On-line for bidding | | Date & Time of Opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Superintending Engineer, Rural Works Division, Nayagarh | No:-Tender- Online - Divn. NAYAGARH- 05/2025-26 | 06.11.2025 at 10.00 A.M | 17.11.2025 upto 5.30 P.M. | 08.11.25 up to 5.30 P.M. |

Further details can be seen from the website www.tendersorissa.gov.in

Sd/- Executive Engineer
Rural works Division, Nayagarh



THE ODISHA STATE POLICE HOUSING & WELFARE CORPORATION LTD.
(A Government of Odisha Undertaking)
JANAPATH, BHOINAGAR, BHUBANESWAR – 22.
Ph: 0674-2541545, 2542921,
E-mail: ophwc.od@od.nic.in, Website: www.ophwc.com
e-procurement notice No.- 17/OPHWC/2025-26
CAD-2155

INVITATION FOR BIDS (IFB)

The Chief Engineer (OSPH&WC), Odisha, Bhubaneswar invites Percentage rate bid in Double Cover system in ONLINE MODE only, for the works as detailed below:

| | | |
|---|---|---|
| 1 | Nature of work | Building works |
| 2 | No. of Works | 19 Nos. |
| 3 | Value of Tender | Rs.68.67 Lakh to Rs.518.99 Lakh. |
| 4 | Class of Contractor | 'B' Class to 'A' Class |
| 5 | Cost of Bid document (To be paid online) | ₹ 11,800.00 |
| 6 | Availability of Bid Documents in the website | Dt. 04 /11/2025 to Dt. 18/11/2025 up to 5.00 P.M |
| 7 | Last date /time of Receipt of Bids in the Portal | Dt. 18/11/2025 up to 5.00 P.M |
| 8 | Date of Opening Bid | Dt. 19/11/2025 at 10.30 A.M |
| 9 | Date of Technical Presentation (among qualified bidders only) | Date & Time will be notified after opening of the Technical Bid. |
| 10 | *The Bidders have to participate in ONLINE bidding only. Further details can also be seen from the website: https://tendersodisha.gov.in. Any addendum/corrigendum/cancellation of tender shall not be published in Newspaper and can only be seen in the said website. *The Authority reserves the right to reject any or all bids and terminate the tender process without assigning any reason thereof. | |

N.B.: The quoted rate should be all inclusive but excluding G.S.T. as applicable Under works contract.

Sd/- Chief Engineer
(OSPH&WC)

ଭୁବନେଶ୍ୱର
୦୮ ନଭେମ୍ବର, ଶନିବାର, ୨୦୨୫
RNI Regd. No. : 52640/94
Postal Regd. No. : BN/60/25-27

# ଭଦ୍ରକରେ ବିକାଶମୂଳକ କାର୍ଯ୍ୟର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ଭଦ୍ରକ, ୮।୧୧
ନ୍ୟୁଜ୍‌ବ୍ୟୁରୋ

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଭଦ୍ରକ ଗସ୍ତ ସମୟରେ ପ୍ରଥମେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ୧୧୭ ଜଣ ବରିଷ୍ଠ ନାଗରିକଙ୍କୁ ୩ଟି ବସ୍‌ରେ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହାପରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ଓ ସରକାରୀ ଯୋଜନା ସଂପର୍କରେ ଏକ ବୈଠକ ଜିଲ୍ଲା ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ, ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବିନାରାୟଣ ସାହୁ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ କୁମାର ଦତ୍ତ, ଉପଜିଲ୍ଲାପାଳ



ସୌରଭ ଚକ୍ରବର୍ତ୍ତୀ, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ଏବଂ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ।

ପ୍ରଥମେ ଜିଲ୍ଲାର ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ଆଲୋଚନା ହୋଇଥିଲା ଏଥିରେ ଆରକ୍ଷୀ ଅଧୀକ୍ଷକ ଜିଲ୍ଲାରେ ବିଭିନ୍ନ ପର୍ବପର୍ବାଣୀକୁ ଶାନ୍ତି ଶୃଙ୍ଖଳା ସହିତ ପାଳନ କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରାଯାଇଥିବାର ସୂଚନା ପ୍ରଦାନ କରିଥିଲେ। ବିଶେଷ କରି ଐତିହାସିକ କାଳୀପୂଜା ଓ ଧାମନଗର ଉର୍ସରେ ହୋଇଥିବା ପ୍ରବଳ ଜନସମାଗମକୁ ଅତି ସୁସଂଗଠିତ ଭାବରେ ପରିଚାଳନା କରାଯାଇଥିଲା, ଯାହା ଫଳରେ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନଥିଲା। ମହିଳାଙ୍କ ଉପରେ ହେଉଥିବା ନିର୍ଯାତନାକୁ ରୋକିବା ପାଇଁ ପ୍ରତ୍ୟେକ ଥାନାରେ ଏକ ମହିଳା ଶକ୍ତି କେନ୍ଦ୍ର କ୍ରିୟାଶିଳ ଅଛି। ମିଶନ ଶକ୍ତି କାଫେ ସମସ୍ତ ବ୍ଲକ ଏବଂ ଜିଲ୍ଲା ମୁଖ୍ୟାଳୟରେ ଅବିଳମ୍ବେ କାର୍ଯ୍ୟାନ୍ୱିତ କରିବା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ଥାପନ କରିବାପାଇଁ ଉପମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ।



ଭୁବନେଶ୍ୱର : ଭଞ୍ଜ କଳା ମଣ୍ଡପ ପରିସରରେ ଅବନୀ ବରାଳ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଶ୍ରଦ୍ଧା-୨୦୨୫ କାର୍ଯ୍ୟକ୍ରମ ଅବସରରେ ଡ. କ୍ଷୀରୋଦ ଚନ୍ଦ୍ର ବେହେରାଙ୍କୁ 'ଅବନୀ ବରାଳ ସାହିତ୍ୟ ସମ୍ମାନ-୨୦୨୫'ରେ ସମ୍ମାନିତ କରୁଛନ୍ତି ମୁଖ୍ୟ ଅତିଥି କବି ଅମରେଶ ପଟ୍ଟନାୟକ। ନିକଟରେ ଉପସ୍ଥିତ ଅଛନ୍ତି ପ୍ରଫେସର ଡ. ସଂଘମିତ୍ରା ମିଶ୍ର, ନିରଞ୍ଜନ ସାହୁ ଓ ଅନ୍ୟମାନେ। (ଫଟୋ : ସମ୍ବାଦ କଳିକା)

# ନାଲ୍‌କୋର ଦ୍ୱିତୀୟ ତ୍ରୈମାସିକରେ ନିଟ୍ ଲାଭ ୧,୪୩୩ କୋଟି ଟଙ୍କା

ଭୁବନେଶ୍ୱର, ୮।୧୧
ନ୍ୟୁଜ୍‌ବ୍ୟୁରୋ

ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ପକ୍ଷରୁ ସେପ୍ଟେମ୍ବର ୨୦୨୫ ରେ ସମାପ୍ତ ଦ୍ୱିତୀୟ ତ୍ରୈମାସିକର ଫଳାଫଳ ଘୋଷିତ ହୋଇଛି। ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ୩୫ % ଅଭିବୃଦ୍ଧି ସହ ନିଟ ଲାଭ ୧,୪୩୩ କୋଟି ଟଙ୍କା ହୋଇଛି, ଯାହା ପୂର୍ବ ବର୍ଷର ସମାନ ଅବଧିରେ ୧୦୬୨ କୋଟି ଟଙ୍କା ଥିଲା। ଶୁକ୍ରବାର ଭୁବନେଶ୍ୱରରେ ଅନୁଷ୍ଠିତ ନିର୍ଦ୍ଦେଶକ ମଣ୍ଡଳୀ ବୈଠକରେ ରେକର୍ଡ କରାଯାଇଥିବା ଫଳାଫଳ ଅନୁଯାୟୀ, ଦ୍ୱିତୀୟ ତ୍ରୈମାସିକରେ କମ୍ପାନୀର ମୋଟ ଆୟ ୪,୨୯୨ କୋଟି ଟଙ୍କା ହୋଇଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ଦ୍ୱିତୀୟ ତ୍ରୈମାସିକ ତୁଳନାରେ ୭.୨ % ଅଭିବୃଦ୍ଧି ଅଟେ। ଚଳିତ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ, ନାଲ୍‌କୋ ନିଟ୍ ଲାଭରେ ୫୦.୧୫% ଅଭିବୃଦ୍ଧି ସହିତ ଏହାର ଦୃଢ଼ ପ୍ରଦର୍ଶନ ଜାରି ରଖିଛି, ଯାହା ପୂର୍ବ ବର୍ଷର ସମାନ ସମୟର ୧,୬୬୩ କୋଟି ଟଙ୍କା ତୁଳନାରେ ସର୍ବକାଳୀନ ୨,୪୯୭ କୋଟି ଟଙ୍କାକୁ ବୃଦ୍ଧି ପାଇଛି।





ଉତ୍ପାଦନ କ୍ଷେତ୍ରରେ, ନାଲ୍‌କୋ ୨୦୨୫ -୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ଆଲୁମିନା ହାଇଡ୍ରେଟ୍ ଏବଂ ଆଲୁମିନିୟମ କାଷ୍ଟ ଧାତୁ ଉତ୍ପାଦନରେ ସର୍ବୋତ୍ତମ ପ୍ରଦର୍ଶନ କରିଛି। କମ୍ପାନୀ ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ସର୍ବକାଳୀନ ସର୍ବାଧିକ ୧୧,୫୩,୦୦୦ ମେଟ୍ରିକ ଟନ୍ ଆଲୁମିନା ହାଇଡ୍ରେଟ୍ ଏବଂ ୨,୩୪,୧୪୮ ମେଟ୍ରିକ ଟନ୍ ଆଲୁମିନା କାଷ୍ଟ ମେଟାଲ୍ ଉତ୍ପାଦନର ରେକର୍ଡ କରିଛି।

ସେହିପରି ବିକ୍ରୟ କ୍ଷେତ୍ରରେ ନାଲ୍‌କୋ ବର୍ଷର ପ୍ରଥମାର୍ଦ୍ଧରେ ସର୍ବକାଳୀନ ସର୍ବାଧିକ ୬,୯୯,୯୧୩ ମେଟ୍ରିକ ଟନ୍ ଆଲୁମିନା ବିକ୍ରି କରିଛି, ଯାହା ୨୦୧୩- ୧୪ ଆର୍ଥିକ ବର୍ଷରେ ହାସଲ କରିଥିବା ପୂର୍ବ ସର୍ବାଧିକ ୬,୫୬,୪୮୦ ମେଟ୍ରିକ ଟନ୍‌କୁ ଅତିକ୍ରମ କରିଛି। କମ୍ପାନୀ ୨୦୨୫ - ୨୬ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ୨,୨୫,୬୭୫ ମେଟ୍ରିକ ଟନ୍ ଘରୋଇ ଧାତୁ ବିକ୍ରୟର ସର୍ବକାଳୀନ ରେକର୍ଡ ମଧ୍ୟ କରିଛି। ଏଥି ସହ କମ୍ପାନୀ ପ୍ରତି ଇକ୍ୱିଟି ସେୟାର ପିଛା ୪ ଟଙ୍କାର ମଧ୍ୟବର୍ତ୍ତୀକାଳୀନ ଲାଭାଂଶ ଘୋଷଣା କରିଛି, ଯାହା ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ୭୩୪.୬୫ କୋଟି ଟଙ୍କା ହେବ।

ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ବ୍ରିଜେନ୍ଦ୍ର ପ୍ରତାପ ସିଂହ କହିଛନ୍ତି ଯେ ଅର୍ଦ୍ଧବାର୍ଷିକ ଏବଂ ଦ୍ୱିତୀୟ ତ୍ରୟମାସିକ ଫଳାଫଳ ସମସ୍ତ କର୍ମଚାରୀଙ୍କ କଠିନ ପରିଶ୍ରମ ଏବଂ ପ୍ରତିବଦ୍ଧତା ତଥା ସମସ୍ତ ଅଂଶୀଦାରଙ୍କ ଦୃଢ ସମର୍ଥନର ପ୍ରମାଣ। ଅନ୍ତର୍ଜାତୀୟ ବଜାରରେ ଆଲୁମିନିୟମ ମୂଲ୍ୟରେ ଅସ୍ଥିରତା ସତ୍ତ୍ୱେ ଏହି ଉନ୍ନତ ପ୍ରଦର୍ଶନ କମ୍ପାନୀର କାର୍ଯ୍ୟଦକ୍ଷତା, ମୂଲ୍ୟ ଅପ୍ଟିମାଇଜେସନ୍ ସମ୍ବନ୍ଧୀୟ ପଦକ୍ଷେପ ଏବଂ ବର୍ଦ୍ଧିତ ଉତ୍ପାଦନ ତଥା ବିକ୍ରି ପରିମାଣ ଦ୍ୱାରା ହାସଲ ହୋଇପାରିଛି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଉତ୍କୃଷ୍ଟ ପରିଚାଳନା ବ୍ୟବସ୍ଥା, ମୂଲ୍ୟ-ସଞ୍ଚୟ ପଦକ୍ଷେପ ଏବଂ ଦୀର୍ଘସ୍ଥାୟୀ ଉତ୍ପାଦକତା ମାଧ୍ୟମରେ କମ୍ପାନୀ ଉନ୍ନତ ପ୍ରଦର୍ଶନ ଜାରି ରଖିଛି। ଆଗାମୀ ସମୟରେ ଆମେ ମୂଲ୍ୟ ସଂଯୋଗୀକରଣ, ଉତ୍ପାଦନ କ୍ଷମତା ବିସ୍ତାର ଏବଂ ସ୍ଥାୟୀ ପ୍ରଦର୍ଶନ ମାଧ୍ୟମରେ ଅଂଶୀଦାରଙ୍କ ପାଇଁ ମୂଲ୍ୟ ସୃଷ୍ଟି ସୁନିଶ୍ଚିତ କରିବା ଦିଗରେ ଗୁରୁତ୍ୱାରୋପ କରାଯାଉଛି। ଏହି ସଫଳତା ନାଲ୍‌କୋ ପାଇଁ ଗର୍ବର ମୁହୂର୍ତ୍ତ ଏବଂ ଆମର ମୂଲ୍ୟବାନ ଅଂଶୀଦାର, ଖଣି ମନ୍ତ୍ରଣାଳୟ, ଭାରତ ସରକାର ଏବଂ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ସମର୍ଥନ ପାଇଁ ଆମେ ଆନ୍ତରିକ କୃତଜ୍ଞତା ପ୍ରକାଶ କରୁଛୁ ବୋଲି ସେ କହିଛନ୍ତି।

# ଡ. ଅଚ୍ୟୁତ ସାମନ୍ତଙ୍କୁ ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟରୁ ୬୯ତମ ସମ୍ମାନସୂଚକ ଡକ୍ଟରେଟ୍

ଭୁବନେଶ୍ୱର, ୮।୧୧
ନ୍ୟୁଜ୍‌ବ୍ୟୁରୋ

ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟ, ସୋନିପତ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟର ତୃତୀୟ ସମାବର୍ତ୍ତନ ଉତ୍ସବ ଅବସରରେ ଶୁକ୍ରବାର ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଡ. ସାମନ୍ତଙ୍କ ୬୯ ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧିପତି ଡ. ଟି. ଆର. ପାରିଭିନ୍ଦର, କୁଳପତି ପ୍ରଫେସର ପରମଜିତ୍ ଜୟସ୍ୱାଲ ଓ କୁଳସଚିବ ପ୍ରଫେସର ଭି. ସାମୁଏଲ୍ ରାଜଙ୍କ



ଉପସ୍ଥିତିରେ ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ।

ଏଥିପାଇଁ ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟ, ସୋନିପତର ଶିକ୍ଷା ପରିଷଦ ଏବଂ ପରିଚାଳନା ବୋର୍ଡ ଡ. ସାମନ୍ତଙ୍କ ନାମ ସୁପାରିସ କରିଥିଲେ ଏବଂ ସର୍ବସମ୍ମତି କ୍ରମେ ଡ. ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ଏସଆରଏମ ବିଶ୍ୱବିଦ୍ୟାଳୟ ଏହାର ପ୍ରଶଂସାପତ୍ରରେ ଡ. ସାମନ୍ତଙ୍କୁ ଶିକ୍ଷା ଜରିଆରେ ସେବା ଓ ମାନବିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନକୁ ପ୍ରଶଂସା କରାଯାଇଛି।

ସମାବର୍ତ୍ତନ ସମାରୋହ ଅବସରରେ ଡ. ସାମନ୍ତ ଏସ୍‌ଆରଏମ୍ ବିଶ୍ୱବିଦ୍ୟାଳୟ, ସୋନିପତ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ କହିଲେ, ବିଗତ ୩ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଶିକ୍ଷା ଓ ସମାଜସେବା କ୍ଷେତ୍ରରେ ସେ ନିରନ୍ତର କାମ କରିଆସୁଛନ୍ତି। ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ତାଙ୍କୁ ଆହୁରି ପ୍ରେରଣା ଯୋଗାଇବ।

# ୭୦ ଗ୍ରାମ୍ ବ୍ରାଉନସୁଗାର ଜବତ୍ : ଜଣେ ଗିରଫ

ବ୍ୟାସନଗର, ୮।୧୧
ନ୍ୟୁଜ୍‌ବ୍ୟୁରୋ

ଯାଜପୁର ଜିଲ୍ଲାରେ ବ୍ରାଉନ ସୁଗାର ବେପାର ଦିନ ଦିନକୁ ଦିନ ବୃଦ୍ଧି ପାଉଛି। ଅବକାରୀ ଓ ପୋଲିସ ବିଭାଗ ଏହି କାରବାରକୁ ରୋକିବାରେ ସଫଳ ହେଉ ନାହିଁ। ଜିଲ୍ଲାର ବିଭିନ୍ନ ସ୍ଥାନମାନଙ୍କରେ ବ୍ରାଉନସୁଗାର ବେପାରୀମାନେ ସେମାନଙ୍କ କଳା ସାମ୍ରାଜ୍ୟ ବିସ୍ତାର କରି ଚାଲିଛନ୍ତି। ଏହି ର୍‌ୟାକେଟ୍‌ର ମୁଖ୍ୟ ନାୟକକୁ ଧରିବାରେ ବିଫଳ ହେଉଛନ୍ତି। ପ୍ରତ୍ୟେକ ମାସରେ ବ୍ରାଉନସୁଗାର ଧରାପଡୁଛି। ଏନେଇ ଅବକାରୀ ଓ ପୋଲିସ ବିଭାଗର ମୁଣ୍ଡ ବ୍ୟଥା ସାଜିଛି। ଏବେ ବ୍ରାଉନ ସୁଗାର ଧରାପଡିଛି ଯାଜପୁର ରୋଡ ସହରରେ। କୌଣସି ଏକ ବିଶେଷ ସୂତ୍ର ରୁ ଖବର ପାଇ ଡୋଲିପୁର ଅବକାରୀ ବିଭାଗର ଏକ ଟିମ୍ ସଦଳବଳେ ଚଢ଼ଉ କରି ଯାଜପୁର ରୋଡ୍ ସାପଗାଡ଼ିଆ ଠାରେ ବ୍ରାଉନସୁଗାର ବିକ୍ରି କରୁଥିବା ବେଳେ ରାଜୁ ଦାସ ନାମକ ଜଣେ ଯୁବକକୁ ଗିରଫ କରିବା ସହ ତା'ଠାରୁ ୭୦ ଗ୍ରାମ୍ ବ୍ରାଉନ ସୁଗାର ଜବତ କରିଥିଲେ। ଅଭିଯୁକ୍ତକୁ କେଶ୍ ନମ୍ବର ୧୮୬/୨୦୨୫ରେ କୋର୍ଟ ଚାଲାଣ କରାଯିବା ସହିତ ଏହି ଚଢ଼ଉ ଆଗକୁ ଜୋରଦାର କରାଯିବା ନେଇ ଅବକାରୀ ଅଧିକାରୀ ବିଭୁ ପ୍ରସାଦ ସାହୁ ସୂଚନା ଦେଇଛନ୍ତି। ଏହି ଚଢ଼ଉରେ ରଶ୍ମିରେଖା ଜେନା, ଚଗଲା ମଲିକ ପ୍ରମୁଖ ସହଯୋଗ କରିଥିଲେ।






ନୂଆପଡ଼ା ବିଧାନସଭା ଆସନର ଉପନିର୍ବାଚନ ଅବସରରେ ବିଜେଡି ପ୍ରାର୍ଥୀ ଶ୍ରୀମତୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାର କରିବା ନିମନ୍ତେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ରୋଡ୍ ସୋ'। (ଫଟୋ : ସମ୍ବାଦ କଳିକା)

# କଳିଙ୍ଗା ଘାଟିରେ ବସ୍ ଦୁର୍ଘଟଣା : ଜଣେ ମୃତ, ୧୦ ଆହତ

ଭୁବନେଶ୍ୱର, ୮।୧୧
ନ୍ୟୁଜ୍‌ବ୍ୟୁରୋ

କନ୍ଧମାଳଜିଲ୍ଲା ଘୁମୁସର ଉଦୟଗିରି ନିକଟ କଳିଙ୍ଗା ଘାଟିରେ ଶୁକ୍ରବାର ସକାଳୁ ଏକ ଯାତ୍ରୀବାହୀ ବସ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଜଣେ ଯାତ୍ରୀଙ୍କର ମୃତ୍ୟୁ ଘଟିଛି। ଅନ୍ୟ ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ଆହତମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବସ୍‌ଟି ବରଗଡ଼ ଠାରୁ ବ୍ରହ୍ମପୁର ଯାଉଥିବା ବେଳେ କଳିଙ୍ଗା ଘାଟିର ଅନ୍ଧାରକୋଟ ପୂର୍ବରୁ ଏକ ବୁଲାଣିରେ ଦୁର୍ଘଟଣା ଘଟିଥିଲା।

ବଜାରରେ ଉପଲବ୍ଧ...
ମାସିକ ଗଳ୍ପ ପତ୍ରିକା "କଥାକଳିକା"
ନଭେମ୍ବର ସଂଖ୍ୟା-୨୦୨୫




ଏଥର ସଂଖ୍ୟାରେ...
**ସ୍ମରଣୀୟ କଥା** : ଅରବିନ୍ଦ ରାୟ
**ସମକାଳର କଥା** : ପ୍ରଦ୍ୟୁମ୍ନ ପଟ୍ଟନାୟକ, ଚନ୍ଦ୍ରକଳା ନାୟକ, କମଳିନୀ ମଲ୍ଲିକ, କାର୍ତ୍ତିକଚନ୍ଦ୍ର ସ୍ୱାଇଁ, ମିହିର ରାୟ, ବିନୋଦିନୀ ଗନ୍ତାୟତ, ସ୍ନିଗ୍ଧା ନାୟକ, ସତୀଶ ବିଶ୍ୱାଳ
**ଅନ୍ୟ ଭାଷାର କଥା** : ଅଶୋକ କୁମାର ସା
**ଯୁବ ମାନସର କଥା** : ରୀନାରାଣୀ ରାଉତରାୟ, ମୋନିକା ସରକାର, ତାନଶ୍ରୀ ପାଣିଗ୍ରାହୀ

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# ବିଜେପି ରାଜ୍ୟ କାର୍ଯ୍ୟାଳୟରେ ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ପାଳନ

ଭୁବନେଶ୍ୱର, ୮।୧୧:ନ୍ୟୁଜ୍‌ବ୍ୟୁରୋ

ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନରେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଥିବା ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ଶୀର୍ଷକକୁ ନେଇ ଦେଶର ବିଭିନ୍ନ ଭାଷାରେ ନାଟକ ପ୍ରଦର୍ଶିତ ହୋଇଛି। ସାରା ବିଶ୍ୱରେ କୌଣସି ଏକ ଗୀତର ଶୀର୍ଷକକୁ ରାଜନୈତିକ ସ୍ଲୋଗାନ ଓ ଆବାହ ସଂଗୀତଭାବେ ୧୫୦ ବର୍ଷ ଧରି ନିୟମିତ ବ୍ୟବହାର କରିବା ସମ୍ପୂର୍ଣ୍ଣ ବିରଳ। 'ବନ୍ଦେ ମାତରମ୍' ଗୀତ ହେଉଛି ରାଷ୍ଟ୍ରପ୍ରେମ, ଆତ୍ମବିଶ୍ୱାସ ଓ ଏକତାର ପ୍ରତୀକ ବୋଲି ବିଜେପିର ବରିଷ୍ଠ ନେତା ଗୋଲକ ମହାପାତ୍ର କହିଛନ୍ତି।

'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ରୀ ମହାପାତ୍ର କହିଛନ୍ତି ଯେ, ୧୮୭୫ ମସିହା ନଭେମ୍ବର ୭ ତାରିଖରେ ପ୍ରଖ୍ୟାତ ବଙ୍ଗଳା ଲେଖକ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ଏହି ଗୀତିଟି ତାଙ୍କ ସମ୍ପାଦିତ ମାସିକ ସାହିତ୍ୟ ପତ୍ରିକା 'ବଙ୍ଗ ଦର୍ଶନ'ରେ ପ୍ରଥମ ଥର ପାଇଁ ପ୍ରକାଶିତ ହୋଇଥିଲା। ସେହି ପ୍ରଥମ ସମ୍ପାଦନର ଏବେ ୧୫୦ ବର୍ଷ ପୂରଣ ହୋଇଛି। 'ବନ୍ଦେ ମାତରମ୍' ଗୀତର ଶୀର୍ଷକଟି ରାଜନୈତିକ ସ୍ଲୋଗାନ ରୂପେ ୧୯୦୫ ମସିହାରୁ ବ୍ୟବହୃତ ହୋଇ ଆସୁଛି। ୧୮୯୬ରେ କଲିକତାଠାରେ ଅନୁଷ୍ଠିତ କଂଗ୍ରେସ ଅଧିବେଶନରେ "ବନ୍ଦେ ମାତରମ୍" ଗୀତକୁ ବିଶ୍ୱକବି ରବୀନ୍ଦ୍ରନାଥ ଟାଗୋର ନିଜେ ସ୍ୱର ସଂଯୋଜନା କରିବା ସହ ନିଜ କଣ୍ଠରେ ଗାନ କରିଥିଲେ। 'ବନ୍ଦେ ମାତରମ୍' ନାମରେ କଲିକତାରେ ଏବଂ ଲଣ୍ଡନରେ ଇଂରାଜୀ ସମ୍ବାଦପତ୍ର ପ୍ରକାଶିତ ହୋଇଥିଲା।

# ଗୌହାଟିରେ ବ୍ରହ୍ମପୁତ୍ର ରିଭର ଫ୍ରଣ୍ଟ ଉଦ୍‌ଘାଟିତ

ଗୌହାଟି, ୮।୧୧

ଆସାମ ଶୁକ୍ରବାର ଏକ ଗର୍ବର ମୁହୂର୍ତ୍ତ ପାଳନ କରିଛି ଯେତେବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଗୌହାଟିରେ ଭବ୍ୟ ବ୍ରହ୍ମପୁତ୍ର ରିଭର ଫ୍ରଣ୍ଟକୁ ଉଦ୍‌ଘାଟନ କରିଥିଲେ। ଏହି ପ୍ରକଳ୍ପ ପ୍ରକୃତି, ସଂସ୍କୃତି ଏବଂ ଆଧୁନିକତାର ଏକ ଅନନ୍ୟ ମିଶ୍ରଣ, ଯାହା ଶକ୍ତିଶାଳୀ ବ୍ରହ୍ମପୁତ୍ରର ମହିମା ସହିତ ବିକଶିତ ହୋଇଛି। ବ୍ରହ୍ମପୁତ୍ର କୂଳରେ ନିର୍ମିତ ଏହି ରିଭର ଫ୍ରଣ୍ଟ ସ୍ଥାନୀୟ ନାଗରିକ ଏବଂ ପର୍ଯ୍ୟଟକଙ୍କ ପାଇଁ ମନୋରଞ୍ଜନ ଏବଂ ସୌନ୍ଦର୍ଯ୍ୟର ଏକ ନୂତନ କେନ୍ଦ୍ର ହେବ। ଆସାମ ମୁଖ୍ୟମନ୍ତ୍ରୀ ଡକ୍ଟର ହିମନ୍ତ ବିଶ୍ୱ ଶର୍ମା ଟ୍ୱିଟରରେ ସେୟାର କରିଛନ୍ତି ଯେ, ଏହି ପ୍ରକଳ୍ପ ରାଜ୍ୟର ବିକାଶ ଏବଂ ପରିବର୍ତ୍ତନ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ, ଏହାର ସମୃଦ୍ଧ ପ୍ରାକୃତିକ ଏବଂ ସାଂସ୍କୃତିକ ଐତିହ୍ୟକୁ ସଂରକ୍ଷଣ କରିବା ସହିତ ଆସାମର ଆଧୁନିକତା ଆଡ଼କୁ ପରିବର୍ତ୍ତନର ପ୍ରତୀକ।

# ଛାଡ଼ଖାଇ ପାଇଁ ସାରା ରାଜ୍ୟରେ ଆମିଷ ବଜାରରେ ପ୍ରବଳ ଭିଡ଼

ଭୁବନେଶ୍ୱର, ୮।୧୧
ନ୍ୟୁଜ୍‌ବ୍ୟୁରୋ

ଛାଡ଼ଖାଇ ପାଇଁ ଶୁକ୍ରବାର ସାରା ରାଜ୍ୟର ଆମିଷ ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ରାଜଧାନୀରେ ରୋହି ମାଛ ୨୦୦ରୁ ଅଢ଼େଇଶ, ଇଲିସିର ଦର କିଲୋ ପ୍ରତି ୧୮୦୦, କଙ୍କଡ଼ା ୧୨୦୦ ଟଙ୍କାରେ ବିକ୍ରି ହେଉଥିବା ଜଣାଯାଇଛି। ତେଣେ କଟକରେ ବି ଦର ସମାନ ରହିଥିଲା। ତେବେ ମଟନ୍ ଦର ଭିନ୍ନ ଭିନ୍ନ ସ୍ଥାନରେ ଟିକେ ତଳ ଉପର ରହିଥିଲା। ମଟନ କିଲୋ ପ୍ରତି ୭୫୦ରୁ ୯୦୦ ଟଙ୍କା ରହିଥିଲା। ସକାଳୁ ସକାଳୁ ଭୁବନେଶ୍ୱର, କଟକ ସମେତ ରାଜ୍ୟରେ ବିଭିନ୍ନ ଆମିଷ ବଜାରରେ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମାର୍କେଟରେ ମଟନ, ଚିକେନ୍, ମାଛ, ଚିଙ୍ଗୁଡି ଆଦି ବିଭିନ୍ନ ପ୍ରକାରର ଆମିଷ ବିକ୍ରି ହେଉଥିଲା। ଚାହିଦା ଅନୁସାରେ ଦାମ୍ ମଧ୍ୟ ପୂର୍ବ ଅପେକ୍ଷା ଅଧିକ ରହିଥିଲା। ସକାଳୁ ସକାଳୁ ଭୁବନେଶ୍ୱର



ସ୍ଥିତ ୪ନମ୍ବର ମାର୍କେଟରେ ନାହିଁ ନଥିବା ଭିଡ଼ ଲାଗିଥିଲା। ଆମିଷ ବଜାରର ସୂଚନା ମୁତାବକ, ଏଥର ଛାଡ଼ଖାଇରେ ମାଛର ଚାହିଦା ବେଶି ରହିଥିଲା। ପାଖାପାଖି ଅଢ଼େଇ କୋଟିରୁ ଅଧିକ ଟଙ୍କାର କେବଳ ମାଛ, ଚିଙ୍ଗୁଡ଼ି, କଙ୍କଡ଼ା ବିକ୍ରି ହୋଇଥିବା ମାଛ ବେପାରୀମାନେ ସୂଚନା ଦେଇଛନ୍ତି। ସେହିଭଳି ରାଜଧାନୀରେ ୨ ହଜାର କେଜି ଛେଳି ମାଂସ ଓ ୫୦ କୁଇଣ୍ଟାଲ କୁକୁଡ଼ା ମାଂସ ବିକ୍ରି ହୋଇଥିବା ସୂଚନା ମିଳିଛି। ଅଲ୍ ଓଡ଼ିଶା ନନଭେଜ୍ ଟ୍ରେଡସ୍ ଫେଡେରେସନର ରାଜ୍ୟ ସଭାପତି ଶେଖ୍ ମୁନ୍ତାକିମ୍ ବକ୍ସ କହିଛନ୍ତି, ଛାଡ଼ଖାଇ ହେଉଛି ଆମିଷ ବେପାରୀଙ୍କ ବେପାରର ମହାପର୍ବ। ଶୁକ୍ରବାର ଛାଡ଼ଖାଇ ପାଳନ ହେଉଥିବାରୁ ମଟନ ବିକ୍ରି ଖୁବ୍ ଜମିଥିଲା। ପ୍ରତିବର୍ଷ ଛାଡ଼ଖାଇରେ ୪ କୋଟି ଟଙ୍କାର ମଟନ ବିକ୍ରି ହେଉଥିବା ବେଳେ ଏ ବର୍ଷ ଏହା ଆହୁରି ବଢ଼ିଥିବା ଜଣାପଡ଼ିଛି।

ରାଜଧାନୀର ୪ ନମ୍ବର ହାଟ ମଧ୍ୟରେ ୨୦ଟି ମଟନ୍ ଦୋକାନ ରହିଥିବା ବେଳେ ବଡ଼ଗଡ଼, ସୁନ୍ଦରପଦା, ରେଷ୍ଟାଲ୍, ନୀଳାଦ୍ରିବିହାର, ଖଣ୍ଡଗିରି, ସନ୍ତୋଷୀବିହାର, ବାଲିଅନ୍ତା, ହଂସପାଳ, ଓସ୍କାର ସିଟି, ଝାରପଡ଼ା ସମେତ ବିଭିନ୍ନ ସ୍ଥାନରେ ୩ ଶହରୁ ଅଧିକ ଦୋକାନ ରହିଛି। ରାଜଧାନୀବାସୀଙ୍କ ଚାହିଦାକୁ ଦୃଷ୍ଟିରେ ରଖି କିଛି ଦିନ ତଳୁ ପଶ୍ଚିମବଙ୍ଗର ନରଖୁଲଡଙ୍ଗା, ମାଲ୍‌ଦା, କ୍ଷେତ୍ରୀପୁରରୁ ୭୦ ପ୍ରତିଶତ ଛେଳି ଆସିଥିବା ବେଳେ ବଲାଙ୍ଗୀର, ନୟାଗଡ଼, ଦଶପଲା, କାକଟପୁର ଓ ନିମାପଡ଼ାରୁ ୩୦ ପ୍ରତିଶତ ଛେଳି ଅଣାଯାଇଥିଲା। ଏବେ ବ୍ରଏଲର ଚିକେନ୍ ମୂଲ୍ୟ ୨୪୦ ଟଙ୍କା ରହିଛି। ସେହିଭଳି ବନରାଜ ୩୦୦ ଓ ଦେଶୀ ଚିକେନର ଦର ୫୦୦ ଟଙ୍କା ରହିଛି। ଏହାବ୍ୟତୀତ ଛାଡ଼ଖାଇରେ ଅନେକ ବାହାଘର ଭୋଜି ରହୁଥିବାରୁ କେବଳ ରାଜଧାନୀରେ ଚିକେନ୍ ବ୍ୟବସାୟ ରବିବାର ଅଧିକ ହେବ। ଆନ୍ଧ୍ରପ୍ରଦେଶ ବ୍ୟତୀତ ପିପିଲି ଅଞ୍ଚଳରୁ ବ୍ରଏଲର ଆସିଥିବା ବେଳେ ବାରିପଦାରୁ ଦେଶୀ କୁକୁଡ଼ା ଆସିଥିଲା।

# ରାଜଧାନୀରୁ ଯୁବକ ନିଖୋଜ

ଭୁବନେଶ୍ୱର, ୮।୧୧
ନ୍ୟୁଜ୍‌ବ୍ୟୁରୋ

ରାଜଧାନୀରୁ ଯୁବକ ନିଖୋଜ। ଜନ୍ମ ଦିନ ପାର୍ଟିକୁ ଆସି ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ନିଖୋଜ ଯୁବକ ହେଲେ ସତ୍ୟଜିତ ଦାସ। ତାଙ୍କ ଘର ଖୋର୍ଦ୍ଧା ଟାଉନ ଅଞ୍ଚଳର। ସେ ମଦନପୁର ସ୍ଥିତ ଏକ ଘରୋଇ କଲେଜର ଦ୍ୱିତୀୟ ବର୍ଷର ଛାତ୍ର ଅଟନ୍ତି। ଗତ ୧ତାରିଖ ଦିନ ସତ୍ୟଜିତ ତାଙ୍କର ସାଙ୍ଗମାନଙ୍କ ସହ ଭରତପୁର ଅଞ୍ଚଳରେ ଥିବା ଏକ କାଫେକୁ ଜନ୍ମ ଦିନ ପାଳନ କରିବାକୁ ଆସିଥିଲେ। ସେହିଦିନ ବିଳମ୍ବିତ ରାତି ପର୍ଯ୍ୟନ୍ତ ଘରକୁ ଫେରି ନଥିବାରୁ ଘର ଲୋକ ତାଙ୍କୁ ଫୋନ କରିଥିଲେ। କିଛି ଉତ୍ତର ନମିଳିବାରୁ ଭରତପୁର ଥାନାରେ ଅଭିଯୋଗ କରିଛନ୍ତି ପରିବାର ଲୋକେ। ଭରତପୁର ଥାନା ପୋଲିସ ଅଭିଯୋଗ ନରଖିବାରୁ ଖୋର୍ଦ୍ଧା ଟାଉନ ପୋଲିସରେ ଅଭିଯୋଗ କରିଛନ୍ତି।